

ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ

## ଆଜି କ'ଣ କେଉଁଠି

**ପୁରୁଣାକଟକ**

- ହରଭଙ୍ଗା ବ୍ଲକ ପତଞ୍ଜଳି ଯୋଗ ସମିତି ତରଫରୁ ବିଶ୍ୱ ଯୋଗ ଦିବସ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସକାଳ ୬ଟା।

**କୁଆଁରମୁଣ୍ଡା**

- ବିଶ୍ୱ ଯୋଗ ଦିବସ ଅବସରରେ ସାମୂହିକ ଯୋଗ କାର୍ଯ୍ୟକ୍ରମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସକାଳ ୬ଟା।

**ବୀରମିତ୍ରପୁର**

- ବିଶ୍ୱ ଯୋଗ ଦିବସ ଅବସରରେ ଯୋଗ କାର୍ଯ୍ୟକ୍ରମ, ବି.ଆର.ଆଇ କ୍ଲବ ପଡ଼ିଆ, ସକାଳ ୬ଟା।

**ସୁନ୍ଦରଗଡ଼**

- ପତଞ୍ଜଳି ଯୋଗ ସମିତି, ସୁନ୍ଦରଗଡ଼ କ୍ଲବ ପକ୍ଷରୁ ସାମୂହିକ ଯୋଗ ଶିବିର, ଭବାନୀଭବନ ପଡ଼ିଆ, ସକାଳ ୬ଟା।

**ବରଗଡ଼**

- ଆନ୍ତର୍ଜାତିକ ଯୋଗ ଦିବସ ସମାରୋହ, ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼, ସକାଳ ୫ଟା।
- ଗୋପଲୀଳା ପାରାୟଣ, ଗାଇସିଲେଟ୍ ଆଦିବାସୀ କଲୋନୀ, ପୂର୍ବାହ୍ନ ୮ଟା।

**ବୌଦ୍ଧ**

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ରାମଲୀଳା ପଡିଆ, ମାଉସୀ ମା'ମନ୍ଦିର, ବଡୁପାଲି ପଡିଆ, ସକାଳ ୬ଟା।

**ଭବାନୀପାଟଣା**

- ଭବାନୀପାଟଣା ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ, ସମୟ- ସକାଳ ୧୦ଟା, ସ୍ଥାନ- ପଞ୍ଚାୟତ ସମିତି ସଭାଗୃହ, ଭବାନୀପାଟଣା ।
- ଭବାନୀପାଟଣା ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ, ସମୟ: ସନ୍ଧ୍ୟା ୫ଟା, ସ୍ଥାନ: ଦେୱାନ ସାହେବପଡ଼ା ।

**ଦେବଗଡ଼**

- ଯୋଗ ମହୋତ୍ସବ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳନ, ବାଳିକା ଉଚ୍ଚ ବିଦ୍ୟାଳୟ ପଡିଆ,ସକାଳ ୬ ଟା।
- ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଯୋଗ ଦିବସ, ରାଜପ୍ରାସାଦର ସଭାଗୋଲି, ସକାଳ ୬ଟା।

**ନୂଆପଡା**

- ଆନ୍ତର୍ଜାତିକ ଯୋଗ ଦିବସ, ନୂଆପଡା ମିନିଷ୍ଟଡିୟମ, ଖଡିଆଳ ଉଗ୍ରସେନ ଭବନ, ସକାଳ ସାଢେ ୫ଟା ।

**ରାଉରକେଲା**

- ବିଶ୍ୱ ସଙ୍ଗୀତ ଦିବସ, ସେକ୍ଟର-୭ ମଧୁମଣ୍ଡପ, ସନ୍ଧ୍ୟା ୭ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ଅମରଭବନ, ସକାଳ ୫ଟା ୪୫।
- ଅନ୍ତର୍ଜାତୀୟ ଯୋଗ ଦିବସ, ବାସନ୍ତୀ ପାଠାଗାର, ସକାଳ ସାଢ଼େ ୫ଟା।
- କୌଶଳ ମେଳା, କର୍ମନିଯୁକ୍ତି ସଂସ୍ଥାନ, ସକାଳ ୯ଟା।

**ସୁବର୍ଣ୍ଣପୁର**

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ, ରୟାଲ ପଡିଆ, ସକାଳ ୭ଟା ।
- ଯୋଗ ମହୋତ୍ସବ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ, ଗାନ୍ଧୀ ପଡିଆ, ସକାଳ ୬ଟା ।

**ସମ୍ବଲପୁର**

- ହରିଓମ୍ ଯୋଗ କ୍ଲବ ପକ୍ଷରୁ ସାମୁହିକ ଯୋଗ ଅଭ୍ୟାସ, ବଡବଜାର ଗୌରିଶଙ୍କର ପାର୍କ, ସକାଳ ସାଢ଼େ ୫ଟା।
- ବ୍ରହ୍ମକୁମାରୀ ଆୟୋଜନରେ ରାଜଯୋଗ ଶିବିର, ଗାନ୍ଧୀ ପାର୍କ, ସକାଳ ୬ଟା।
- ବିଜୁ ଯୁବବାହିନୀ ପକ୍ଷରୁ ଯୋଗ ଶିବିର, ଧନକଉଡା ଖେଳ ପଡ଼ିଆ, ସକାଳ ୬ଟା।
- ଆର୍ନ୍ତଃଜାତୀୟ ଯୋଗ ଦିବସ, ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ, ସକାଳ ସାଢ଼େ ୬ଟା।
- ଯୋଗ ଶିବିର, ସମ୍ବଲପୁର ଭିଏଲ୍‌ସିସି ସଭା କକ୍ଷ, ସକାଳ ସାଢ଼େ ୬ଟା।
- ମାରୱାଡି ଯୁବାମଞ୍ଚାର ଅମୃତ ଧାରା ଶୁଭାରମ୍ଭ କାର୍ଯ୍ୟକ୍ରମ, ଅଇଁଠାପାଲି ଥାନା ପରିସର, ପୂର୍ବାହ୍ନ ୧୦ଟା

## ବଜ୍ରପାତରେ ଗାଈ ମୃତ

**ଅତାବିରା/କାମଟିକ୍ରା,୨୦।୬ (ଡି.ଏନ.ଏ)**

ଅତାବିରା ବ୍ଲକ ଜାମଟିକ୍ରା ଗ୍ରାମରେ ଗୁରୁବାର ବଜ୍ରପାତରେ ଏକ ଗାଈର ମୃତ୍ୟୁ ହୋଇଛି । ମୃତ ଗାଈଟି ସନ୍ତୋଷ ଠାଠୀଙ୍କ ବୋଲି ଜଣାପଡ଼ିଛି ।

### ପାଟଣାଗଡ ବିଧାୟକ ଗିରଫ ଦାବି

# ଏସ୍‌ପିଙ୍କ ସହ ଆଦିବାସୀ ସଂଘର ଆଲୋଚନା

**ବଲାଙ୍ଗୀର ଅଫିସ, ୨୦।୬**




ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକର୍ତ୍ତାମାନେ ଏସପି ଅଫିସକୁ ଆଲୋଚନା ପାଇଁ ଆସିଛନ୍ତି ।

ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରିବା ଘଟଣାରେ ପାଟଣାଗଡ ବିଧାୟକ ସରୋଜ ମେହେର, କଣ୍ଟାବାଞ୍ଜି ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ରଙ୍କ ଗିରଫ ଦାବି କରି ଜିଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ ଉପଜିଲାପାଳ କାର୍ଯ୍ୟାଳୟ ଘେରାଉ ଡାକରା ଦେଇଥିଲା । ଆଦିବାସୀ ସଂଘ ଘୋଷଣା ମୁତାବକ ୨୧ ତାରିଖରେ ଏହି ଘେରାଉ କାର୍ଯ୍ୟକ୍ରମ କରିବାର ଥିଲା । ତେବେ ଗୁରୁବାର ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା ପରେ ଆଦିବାସୀ କଲ୍ୟାଣ ସଂଘ ଏହି ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛି । ଆଦାବାସୀ କଲ୍ୟାଣ ସଂଘ ମହାସଚିବ ନିରଞ୍ଜନ ବିଶି ଏ ନେଇ ସୂଚନା ଦେଇଛନ୍ତି । ଗୁରୁବାର ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତା ଓ ଅନ୍ୟ ସଦସ୍ୟ ଏସପି ଅଫିସକୁ ଆସିଥିଲେ । ଏସପି କେ. ଶିବା. ସୁବ୍ରମଣିଙ୍କ ସହ ସେମାନଙ୍କ ବୈଠକ ଆଲୋଚନା ହୋଇଥିଲା । ଏହି ବୈଠକରେ ପାଟଣାଗଡ ବିଧାୟକ ସରୋଜ ମେହେର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ର ଓ ପାଟଣାଗଡ ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୧୧୩/୧୯)ରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ସଂଘ ସଦସ୍ୟ ଦାବି କରିଥିଲେ। ପାଟଣାଗଡ ବିଧାୟକ ମେହେରଙ୍କୁ ଏହି ମାମଲାରେ ଶୁଣାଣି କରି ହାଇକୋର୍ଟ ଅନ୍ତରୀଣ ଜାମିନ ଦେଇ ନ ଥିବା ଏସପିଙ୍କୁ ସୂଚନା ଦେଇଥିଲେ। ପୋଲିସକୁ କେଶ ଡାଏରୀ ଓ ଓଡିଶା ସରକାରଙ୍କୁ ଜିଲାପାଳଙ୍କ ରିପୋର୍ଟ ମାଗିଥିବା ନେଇ ସୂଚନା ଦେଇଥିଲେ। ସରୋଜ ମେହେର ଶାସକ ଦଳ ବିଧାୟକ ହୋଇଥିବାରୁ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିବାକୁ ବଳ ପ୍ରୟୋଗ କରାଯାଉଥିବା ଅଭିଯୋଗ କରି ତୁରନ୍ତ ତାଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ବିଧାୟକଙ୍କ ଦଳୀୟ ନେତାମାନେ ଅଭିଯୋଗକାରୀ ପ୍ରବୀଣା ରାଜହଂସ ଓ ପୀଡିତ ଆଦିବାସୀ କନିଷ୍ଠ ଯନ୍ତ୍ରୀ ମାମଲା ଉଠାଇ ନେବାକୁ ଧମକ ଦେଉଥିବା ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭୟରେ ପୀଡିତ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କ ପରିବାର ଆତ୍ମଗୋପନ କରିଥିବା ସୂଚନା ଦେଇ ତାଙ୍କ ପରିବାରକୁ ସୁରକ୍ଷା ଦିଆଯାଉ ବୋଲି ଦାବି କରିଥିଲେ ।

**ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ପ୍ରସ୍ତାବିତ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି**

ଏହି ଆଲୋଚନାରେ ଏସପି ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ୨୧ ତାରିଖରେ ହେବାକୁ ଥିବା ପାଟଣାଗଡ ଉପଜିଲାପାଳ ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ କରିବାକୁ ସଂଘ ନିଷ୍ପତ୍ତି ନେଇଥିବା ମହାସଚିବ ବିଶି ସୂଚନା ଦେଇଛନ୍ତି । ଏସପିଙ୍କ ସହ ଆଲୋଚନାରେ ସଂଘ ଜିଲା ସଭାପତି ବ୍ରଜକିଶୋର ସିଂଭୋଇ, ବ୍ଲକ ସଭାପତି ଅଷ୍ଟରତ୍ନ ବରିହା, ବିପ୍ର ବିଶି, ବଳଦେବ ଭୋଇ, ବନଲତା ମାଝି, ଶ୍ୟାମ ସୁନ୍ଦର ଭୋଇ, ପଦ୍ମନ ପ୍ରଧାନୀ, ଚୈତନ କିଶୋର ମାଝି, କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର, ମୁରଲୀ ମଲିକ, ଗଣନାଥ ଧରୁଆ, ଥବୀର ପୁଝାରୀ, ନିରଞ୍ଜନ ମାଝି, ସମ୍ପାଦକ ସାରଥି ବାଗ, ନିତ୍ୟା ମାଝି, ଇନ୍ଦ୍ରମଣି ମାଝି, ଗିରିଧାରୀ ଭୋଇ ଉପସ୍ଥିତ ଥିଲେ। ଜୁନ ୨୬ରେ ବିଧାନସଭା ଘେରାଉକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ଦିନଦ୍ୱିପ୍ରହରେ ଲୁଟିନେଲେ ୪.୮୫ଲକ୍ଷ

**କଣ୍ଟାବାଞ୍ଜି, ୨୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଗୁରୁବାର ଦିନଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କଠାରୁ ୪ଜଣ ମୁଖାପିନ୍ଧା ଯୁବକ ବାଇକରେ ଆସି ୪ଲକ୍ଷ ୮୫ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ହେଲେ ସୁନୀଲ ଶର୍ମା। ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାରୁ ଉକ୍ତ ଟଙ୍କା ଉଠାଇ ସ୍କୁଟିରେ ସେ ନିଜ ଘରକୁ ଆସୁଥିବାବେଳେ ଏହି ଘଟଣା ଘଟିଥିଲା। ଘର ସାମ୍ନାରେ ସ୍କୁଟି ଷ୍ଟାଣ୍ଡ କରିବା ସମୟରେ ବାଇକରେ ଆସିଥିବା ମୁଖାପିନ୍ଧା ଯୁବକମାନେ ସୁନୀଲ ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ସେଠାରୁ ବାଇକରେ ଦ୍ରୁତଗତିରେ ପଳାଇ ଯାଇଥିଲେ। ଖବର ପାଇବା ପରେ ପୋଲିସ ସହରର ସମସ୍ତ ରାସ୍ତାକୁ ସିଲ୍ କରି ତନାଘନା ଚଳାଇଥିଲେ ବି ଦୁର୍ବୃତ୍ତମାନଙ୍କୁ ଠାବ କରି ପାରିନାହିଁ । ସୁନୀଲ ସହରର ବ୍ୟବସାୟୀ କିଶୋର ଅଗ୍ରୱାଲଙ୍କ ମୁନସୀଭାବେ କାମ କରନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ଦଫା ୩୭୯, ୩୪ରେ ଏକ ମାମଲା(ନଂ.୧୦୦/୧୯) ରୁଜୁ ହୋଇଥିବା ଆଇଆଇସି ବିଜୟାନନ୍ଦ କରକରା କହିଛନ୍ତି।

# ଫେଆର ୱେଦର ରାସ୍ତା ଅବସ୍ଥା ବେହାଲ

**ମନମୁଣ୍ଡା, ୨୦।୬ (ଡି.ଏନ.ଏ)**



ଫେୟାର ୱେଦର ରାସ୍ତା କାଦୁଅ ପଚପଚ ହୋଇପଡିଛି ।

ବୌଦ୍ଧ ଜିଲା ଦପଲା ଠାରୁ ଖଟଖଟିଆ ପିଡବ୍ଲୁଡି ରାସ୍ତା କାମ ମନ୍ଥରଗତିରେ ଚାଲିଛି । ଫଳରେ ଫେଆର ୱେଦର ବାଇପାସ ରାସ୍ତା ଅସରାଏ ବର୍ଷାରେ କାଦୁଅ ପଚପଚ ହେବା ସହ ଯାତାୟାତରେ ଅସୁବିଧା ହେଉଛି । ଉକ୍ତ ରାସ୍ତାର ଦପଲାଠାରୁ ବଉଳସିଂହା ମଝିରେ ଏକ ପୋଲ କାମ ଚାଲିଛି । ଏଥିଯୋଗୁ ସେଠାରେ ଏକ ବାହାଲ ଜମି ଦେଇ ଫେଆର ୱେଦର ବାଇପାସ୍ ରାସ୍ତା କରାଯାଇଛି। ମୌସୁମୀ ନ ଆସୁଣୁ ଅଦିନିଆ ବର୍ଷାରେ ଉକ୍ତ ବାଇପାସ ରାସ୍ତା କାଦୁଆ ହୋଇପଡୁଛି । ଯାନବାହନ, ସାଇକେଲ, ବାଇକ ତ ଦୂରକଥା ଚାଲି କରି ଯିବା ଆସିବା ମୁସ୍କିଲ ହୋଇପଡୁଛି। ମୌସୁମୀ ଆସିଗଲେ କିମ୍ବା ଅତ୍ୟଧିକ ବର୍ଷା ହେଲେ ଉକ୍ତ ନାଳରେ ପ୍ରାୟ ୩ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେବ । ଫଳରେ ରାସ୍ତା ବୁଡିଯିବ ଏବଂ ଯିବା ଆସିବା ସମ୍ପୂର୍ଣ୍ଣ ଠପ୍ ହୋଇଯିବ । ଏହି ଅଞ୍ଚଳବାସୀଙ୍କ ଯାତାୟାତ ପାଇଁ ଥିବା ଏକମାତ୍ର ସବୁଦିନିଆ ରାସ୍ତା ବନ୍ଦ ହୋଇଗଲେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ । ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର ଲୋକମାନଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିଲାଣି । ଏ ନେଇ କନ୍ଧମାଳ ପିଡବ୍ଲୁଡି ଜେଇ କିଶୋର ଚନ୍ଦ୍ର ମଲିକଙ୍କୁ କାମର ବ୍ୟୟ ଅଟକଳ ସମ୍ବନ୍ଧରେ ପଚାରିବାରୁ ସେ ଜାଣି ନ ଥିବା କହିଥିଲେ ଓ ଫଳକ ଲଗାଇବାକୁ ସେ ଠିକାଦାରଙ୍କୁ କହିଥିବା ପ୍ରକାଶ କରିଥିଲେ । ସେହିପରି ବର୍ଷାକୁ ଦୃଷ୍ଟିରେ ରଖି ପୋଲକାମ ତୁରନ୍ତ ସାରିଦେବାକୁ ସେ ଠିକାଦାରଙ୍କୁ କହିଥିବା ବେଳେ ଲୋକମାନଙ୍କ ଯାତାୟାତରେ ଯେପରି କିଛି ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟିଦେବେ ବୋଲି ଜେଇ ମଲିକ କହିଛନ୍ତି ।

## 'ପାଟଣାଗଡ଼' ଚଳଚ୍ଚିତ୍ରକୁ କ୍ଲିନ୍ ଚିଟ୍

**ଭୁବନେଶ୍ୱର,୨୦।୬(ବ୍ୟୁରୋ)**

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ସ୍ତ୍ରୀ ସୌଦାମିନୀ ମେହେର ରେଞ୍ଜି ରୟାଲ ସିନେଲ୍ୟାବ୍ ପକ୍ଷରୁ ପ୍ରସ୍ତୁତ 'ପାଟଣାଗଡ଼' ଚଳଚ୍ଚିତ୍ର ନିର୍ମାଣ ନେଇ ଆପତ୍ତି ଉଠାଇଥିଲେ। ଏହାର ସୁଟିଂ ଉପରେ ରୋକ ଲଗାଇବା ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଉଭୟ ପକ୍ଷରୁ ଶୁଣାଣି ପରେ ହଠାତ୍ ଆବେଦନକାରୀ ଉକ୍ତ ମାମଲାକୁ ପ୍ରତ୍ୟାହାର କରିନେଇଥିବା ପ୍ରଯୋଜକ ଶ୍ରୀଧର ମାର୍ଥା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଚାରପତି ସି.ଆର୍. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହା ବିଚାରାଧୀନ ଥିଲା। ଉକ୍ତ ମାମଲାରେ ପ୍ରଯୋଜକ ମାର୍ଥାଙ୍କ ପକ୍ଷରୁ ଆଇନଜୀବୀ ଲକ୍ଷ୍ମୀନାରାୟଣ କବିଚନ୍ଦ୍ର, ସଞ୍ଜୟ କୁମାର ଦାସ, ପ୍ରତାପ ନାୟକ, ମଧୁସ୍ମିତା ପ୍ରିୟଦର୍ଶନୀ ଦେବତା ଓ ଦୀପକ ମିଶ୍ରା ମାମଲା ପରିଚାଳନା କରୁଥିଲେ। ସୂଚନା ମୁତାବକ, ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ନେଇ ନିର୍ମାଣ କରାଯାଇଥିବା ଚଳଚ୍ଚିତ୍ର ବିରୋଧରେ ସୌଦାମିନୀ ମେହେର ମାମଲା ଦାଏର କରିଥିଲେ। ମାମଲାର ଶୁଣାଣି ସମୟରେ ସମ୍ପୃକ୍ତ ଚଳଚ୍ଚିତ୍ର ପ୍ରଯୋଜକ ଏବଂ ଓଡ଼ିଶା ଫିଲ୍ମ ଡେଭଲପ୍‌ମେଣ୍ଟ କର୍ପୋରେଶନ ନିଜ ପକ୍ଷ ରଖିଥିଲେ। ଚଳଚ୍ଚିତ୍ର ନିର୍ମାତାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଏହି ଚଳଚ୍ଚିତ୍ର ନିର୍ମାଣ କାର୍ଯ୍ୟ ଏକପ୍ରକାର ଶେଷ ହୋଇଛି। ଏପରି ପରିସ୍ଥିତିରେ ସେନ୍‌ସର ବୋର୍ଡ ନିକଟରେ ଆପତ୍ତି ରଖିବାକୁ ଆବେଦନକାରୀଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

# ବାଙ୍ଗାଲୋରରେ ପ୍ରେମିକାଙ୍କୁ ଛାଡ଼ି ଫେରାର ପ୍ରେମିକ ଗିରଫ

**ତିହିଡ଼ି, ୨୦।୬ (ଡି.ଏନ.ଏ.)**

ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ତାଙ୍କ ପ୍ରେମିକ ବାଙ୍ଗାଲୋର ନେଇଯିବା ଏବଂ ସେଠାରେ ତାଙ୍କୁ ଛାଡ଼ି ଫେରାର ହୋଇଯିବା ଘଟଣା ତିହିଡ଼ି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାଙ୍ଗାଲୋରରୁ ଫେରି ବୁଧବାର ଯୁବତୀ ଜଣଙ୍କ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗୁରୁବାର ଫେରାର ପ୍ରେମିକ ବିଶ୍ୱନାଥ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ତିହିଡ଼ି ଥାନାରେ ଏକ ମାମଲା(ନଂ.୨୭୩/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବିଶ୍ୱନାଥଙ୍କ ଘର ତିହିଡ଼ି ଥାନା ଗୁଆମାଳ ପଞ୍ଚାୟତ ଅଧୀନ ଇଶାଣପୁର ଗ୍ରାମରେ। ବିଶ୍ୱନାଥ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ବିବାହ ପ୍ରଲୋଭନ ଦେଖାଇ ଗତ ଫେବୃୟାରୀ ୨୨ ତାରିଖରେ ତାଙ୍କୁ ବାଙ୍ଗାଲୋର ନେଇଯାଇଥିଲେ। ସେଠାରେ ଯୁବତୀଙ୍କୁ ବିଶ୍ୱନାଥ କିଛିମାସ ପାଖରେ ରଖିବା ପରେ ହଠାତ୍ ଫେରାର ହୋଇଯାଇଥିଲେ। ଯୁବତୀ ଜଣଙ୍କ ନିରୁପାୟ ହୋଇ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ବାଙ୍ଗାଲୋର ଯାଇ ଯୁବତୀଙ୍କୁ ଘରକୁ ଆଣିଥିଲେ।

# ଟାଇକୋଣ୍ଡୋ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ



ଟାଇକୋଣ୍ଡୋ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବରେ ପ୍ରଶିକ୍ଷାର୍ଥୀ ।

**ବୌଦ୍ଧ,୨୦।୬(ସ୍ୱ.ପ୍ର)**

ବୌଦ୍ଧ ଜିଲାର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ବୌଦ୍ଧ ଟାଇକୋଣ୍ଡୁ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଦେବାଶିଷ ପୁରୋହିତଙ୍କ ସଭାପତିତ୍ୱରେ ବରିଷ୍ଠ କ୍ରୀଡାବିତ୍ ଶିବନାରାୟଣ ଦାସ, ବୌଦ୍ଧ ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର ରାଉତ ଏବଂ ଶିକ୍ଷା ପରାମର୍ଶଦାତା ଜ୍ଞାନଚାନ୍ଦ ଶତପଥୀ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ଅଜିତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହିତ ଟାଇକୋଣ୍ଡୁ କ୍ରୀଡାରେ ବୌଦ୍ଧର ସ୍ଥାନ ଏବଂ ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ନିକଟରେ ହାଇଦ୍ରାବାଦ୍ ଠାରେ ଟିଏଫଆଇ ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ କୋଚ୍ ପରୀକ୍ଷାରେ ଅଜିତ କୁମାର ସାହୁ କୃତିତ୍ୱର ସହ ୱାର୍ଲଡ ଟାଇକୋଣ୍ଡୁ ଏସିଆ କୋଚ୍ ଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି । ତାଙ୍କୁ ଏହି ଉତ୍ସବରେ ପ୍ରଶିକ୍ଷାର୍ଥୀ ଏବଂ ଅଭିଭାବକମାନେ ସମ୍ବର୍ଦ୍ଧିତ କରିଥିଲେ। ରାଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ ।

## ସାମାଜିକ, ଆର୍ଥିକ ବିକାଶ ତାଲିମ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୦।୬**

ବରଗଡ଼ ବ୍ଲକ ଏସ. ଡୁମ୍ଭେରପାଲି ପଞ୍ଚାୟତ ସମିତି ସଭାଗୃହରେ ଏକଦିବସୀୟ ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉକ୍ତ ପଞ୍ଚାୟତର ୨୫ଟି ଏସ୍‌ଏଚ୍‌ଜିର ସଭ୍ୟାଙ୍କୁ ତାଲିମ ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇସିଆଇସିଆ ବ୍ୟାଙ୍କର ଶାଖା ପରିଚାଳକ ଚନ୍ଦ୍ରଶେଖର ପଣ୍ଡା, ଆନ୍ଧ୍ର ବ୍ୟାଙ୍କର ଶାଖା ପରିଚାଳକ ଏଫ.ଏନ ଭୋଇ, ରିଲେଶନସିପ୍ ମ୍ୟାନେଜର ପ୍ରୀତିଶ ରଥଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତିର କର୍ମକର୍ତ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗୋଷ୍ଠୀମାନଙ୍କର ମୂଳ ଉଦ୍ଦେଶ୍ୟ, ସାମାଜିକ ଓ ଆର୍ଥିକ ବିକାଶ, ଧନ୍ଦାମୂଳକ ବ୍ୟବସାୟ, ଋଣ ସମ୍ବନ୍ଧରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ସାଗରିକା ଦେହୁରୀ ଓ ବିରେନ୍ଦ୍ର ସାହୁ ତାଲିମ ପ୍ରଦାନ କରିଥିଲେ। ନିଉ ଲାଇଫ ଫାଉଣ୍ଡେଶନର ଚେୟାରମ୍ୟାନ କେ. ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶହୀଦଙ୍କୁ ଛାତ୍ରୀଛାତ୍ରଙ୍କ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୨୦।୬**

ବରଗଡ଼ ଜିଲା ରାଣାପ୍ରତାପ ହାଇସ୍କୁଲରେ ଗୁରୁବାର ଶହୀଦ ହୋଇଥିବା ଓଡିଆ ଯବାନ ଅଜିତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ହାଇସ୍କୁଲର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେନ୍ଦ୍ର ମୋହନ ଚାନ୍ଦ, ଶିକ୍ଷକ ସୁଧାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇ ଶହୀଦଙ୍କ ଦେଶଭକ୍ତିରେ ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ ।

**OFFICE OF THE DISTRICT LEGAL SERVICES AUTHORITY, RAYAGADA**

ADVERTISEMENT NO.02/2019, DATED-19.06.2019

Applications in the prescribed proforma are invited for the post of Jr. Clerk / Jr. Clerk-cum-Typist in the Judgeship of Rayagada. For details aspirants are requested to visit the District Court's website i.e. http://ecourts.gov.in / odisha/rayagada and www.rayagada.nic.in.

Sd./-
District Judge-cum-Chairman, DLSA, Rayagada

**D. D. AUTONOMOUS COLLEGE, KEONJHAR**

**ADMISSION INTO TWO-YEAR B.ED. COURSE**

Applications are invited from eligible candidates for admission into Two-Year B.Ed. course for the session 2019-21. Application form and Prospectus can be downloaded from the college website www.ddcollege.nic.in Interested eligible candidates are required to send their duly filled-in application forms along with necessary documents and processing-cum-application fee of Rs. 500/- (Rupees Five Hundred only) in the form of demand draft from any nationalized Bank in favour of Principal, D.D. Autonomous College, Keonjhar payable at Keonjhar either by Registered Post / Speed Post or by hand. The filled-in application along with required documents should reach the undersigned on or before 22.07.2019 by 4pm. The college is not responsible for postal delay. For details visit the college website www.ddcollege.nic.in

Sd./- Principal
D.D. (Auto.) College, Keonjhar

**ODISHA JOINT ENTRANCE EXAMINATION-2019 (OJEE - 2019)**

No:-270/OJEE19 Date : 20-06-2019

**NOTICE REGARDING WEB COUNSELLING for B.TECH / B.ARCH / Int. MSc**

OJEE web-based Counselling process for B.TECH/B.ARCH/Int. MSc is going to start from 21st June 2019. For detailed schedule, seat position and counselling brochure, please go through OJEE website **www.ojee.nic.in** / **www.odishajee.com**. Schedules for other courses will be published soon.

Sd/-
CHAIRMAN, OJEE

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ଜୁନ୍, ୨୦୧୯



ରିଲିଜ୍‌ର ୧୮ବର୍ଷ ପରେ ବି 'ଲଗନ୍' ଏହାର ସ୍ମରଣୀୟ ଏବଂ ଦୀର୍ଘ ଯାତ୍ରା ଜାରି ରଖିଛି ।
- ଅମିର ଖାନ୍, ବଲିଉଡ୍ ଅଭିନେତା



## ସଂକ୍ଷେପରେ

### ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

କୁଚିଣ୍ଡା,୨୦।୬(ଡି.ଏନ.ଏ.)- ମଦୁଲପାଲି ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ବୁଧବାର ଛାତ୍ରୀ ଜଣକ ରାତିରେ ଖାଇ ଶୋଇଥିଲେ। ସେତିକିବେଳେ ଛାତ୍ରୀଙ୍କ ପେଟ ଦରଜ ହୋଇଥିଲା। ଏନେଇ ପରିବାର ଲୋକେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଗୁରୁବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ବିଷ ପିଇ ଯୁବତୀଙ୍କ ମୃତ୍ୟୁ

କୁଚିଣ୍ଡା,୨୦।୬(ଡି.ଏନ.ଏ) କୁଚିଣ୍ଡା ଥାନା ଅଧୀନ ଭୋଜପୁର ଗ୍ରାମର ସନ୍ତୋଷିନୀ ବେହେରା(୨୪) ବିଷ ପିଇ ଗୁରୁବାର ସକାଳେ ଆତ୍ମହତ୍ୟା କରିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, କୌଣସି କାରଣକୁ ନେଇ ସନ୍ତୋଷିନୀଙ୍କ ସହ ପରିବାର ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସନ୍ତୋଷିନୀ ବିଷ ଖାଇଦେଇଥିଲେ। ପରିବାର ଲୋକେ ଏହା ଜାଣି ତୁରନ୍ତ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟାହ୍ନ ୧୨ଟାରେ ସନ୍ତୋଷିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ କୁଚିଣ୍ଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଧନକଉଡ଼ା ଆଶ୍ରମରୁ ଫେରାର ନାବାଳିକା ଉଦ୍ଧାର

ସମ୍ବଲପୁର, ୨୦।୬ (ବ୍ୟୁରୋ)- ସମ୍ବଲପୁର ଜିଲା ସଦର ଥାନା ଧନକଉଡ଼ାସ୍ଥିତ ଆଶ୍ରମରୁ ଫେରାର ଥିବା ୨ଜଣ ନାବାଳିକାଙ୍କୁ ସଦର ଥାନା ପୋଲିସ ଉଦ୍ଧାର କରିଛି। ବୁଧବାର ବିଳମ୍ବିତ ରାତିରେ ଝାରସୁଗୁଡ଼ା ରେଳଷ୍ଟେଶନରୁ ନାବାଳିକା ଦ୍ୱୟଙ୍କୁ ଉଦ୍ଧାର କରିଥିଲା। ଗୁରୁବାର ପୋଲିସ ନାବାଳିକା ଦ୍ୱୟଙ୍କ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ କରାଯାଇଥିଲା। ପରେ ପୋଲିସ ଜଣେ ନାବାଳିକଙ୍କୁ ତାଙ୍କ ମାମୁଁଙ୍କୁ ହସ୍ତାନ୍ତର କରିଥିବା ବେଳେ ଅନ୍ୟ ଜଣେ ନାବାଳିକାଙ୍କୁ ଆଶ୍ରମରେ ରଖିଛି। ଅନ୍ୟପକ୍ଷେ ପୋଲିସ ଆଶ୍ରମର ୱାଡେନ୍‌ଙ୍କୁ ସୁରକ୍ଷା ବ୍ୟବସ୍ଥା କଡାକଡି ରଖିବାକୁ ତାଗିଦ କରିଛି।

### ଅଟୋରୁ ବ୍ୟାଟେରି, ଚକ ଚୋରି

ସମ୍ବଲପୁର, ୨୦।୬ (ବ୍ୟୁରୋ)- ସମ୍ବଲପୁର ଜିଲା ଟାଉନ ଥାନା ବାଲିବନ୍ଧା ଅଞ୍ଚଳରେ ଥିବା ୩ଟି ଅଟୋରୁ ବୁଧବାର ରାତିରେ ବ୍ୟାଟେରି, ଚକ ଚୋରି ହୋଇଛି। ଏନେଇ ଅଟୋ ମାଲିକମାନେ ଟାଉନ ଥାନାରେ ଏକ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ମିସେସ୍ କୁଇନ୍ ୟୁନିଭର୍ସ-୨୦୧୯

# ମନୀଷାଙ୍କୁ ଦ୍ୱିତୀୟ ପ୍ରିନସେସ୍ ଟାଇଟଲ୍

ସମ୍ବଲପୁର,୨୦।୬(ବ୍ୟୁରୋ)

ମିସେସ୍ କୁଇନ୍ ୟୁନିଭର୍ସ- ୨୦୧୯ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ମନୀଷା ମହାପାତ୍ର ମିସେସ୍ କୁଇନ୍ ୟୁନିଭର୍ସ ଦ୍ୱିତୀୟ ପ୍ରିନସେସ୍ ଟାଇଟଲ ହାସଲ କରିଛନ୍ତି। ଚୂଡାନ୍ତ ପର୍ଯ୍ୟାୟରେ ଗ୍ରୁମିଂ ସେସନ୍, କେଟୱକ, ସୁଇମ୍ ୱେର୍, ସାକ୍ଷାତକାର ଓ ମଞ୍ଚ ପ୍ରଦର୍ଶନୀ ରାଉଣ୍ଡ ହୋଇଥିଲା । ଆୟୋଜକ ଏମ୍‌ଆଇଏଚ୍‌ଏମ୍ କୁଇନ ୟୁନିଭର୍ସର ପ୍ରତିଷ୍ଠାତା ନାଜ ଯୋଶୀ, ଜାତୀୟ ନିର୍ଦ୍ଦେଶିକା ନେହା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୫ଦିନ ଧରି ପ୍ରତିଯୋଗିତା ହୋଇଥିଲା । ଦେଶର ବିଭିନ୍ନ ଅଞ୍ଚଳରୁ ୧୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଓଡ଼ିଶାରୁ ୩ଜଣ ଅଂଶଗ୍ରହଣ କରିଥିଲେ । ମିସେସ୍ କୁଇନ ୟୁନିଭର୍ସ ଦ୍ୱିତୀୟ ପ୍ରିନ୍ସେସ୍ ଟାଇଟଲ ସହ ମନୀଷା ୟୁନିଭର୍ସ ମିସେସ୍ ଓଡ଼ିଶା ମୁକୁଟ ବିଜୟିନୀ ହୋଇଥିଲେ । ସୂଚନାଯୋଗ୍ୟ, ସମ୍ବଲପୁର ମୁଦିପଡ଼ା ଲେବର କଲୋନୀ ବାସିନ୍ଦା ମନୀଷା ୬ମାସ ହେଲା ପ୍ରତିଯୋଗୀତା ନେଇ ପ୍ରସ୍ତୁତି କରିଥିଲେ । ଏତତ୍‌ବ୍ୟତୀତ ମହିଳା ସଶକ୍ତିକରଣ କ୍ଷେତ୍ରରେ ମଧ୍ୟ ଗବେଷଣା କରୁଛନ୍ତି । ପୂର୍ବରୁ ସମ୍ବଲପୁର ଗୋପାଳମାଲ ବାସିନ୍ଦା ପ୍ରିୟଦର୍ଶନୀ ପଣ୍ଡା ଏହି ପ୍ରତିଯୋଗିତାରେ ବିଜୟନୀ ହୋଇଥିଲେ । ତାଙ୍କଠାରୁ ପ୍ରେରଣା ପାଇ ମନୀଷା ଏହି ପ୍ରତିଯୋଗିତାରେ ଭାଗ ନେଇ ସଫଳତା ହାସଲ କରିଥିବା କହିଛନ୍ତି।



ଟାଇଟଲ ସହ ମନୀଷା ମହାପାତ୍ର ।

## କାର୍-ବାଇକ ଧକ୍କା: ଜଣେ ମୃତ

କୁଚିଣ୍ଡା,୨୦।୬(ଡି.ଏନ.ଏ.)

କୁଚିଣ୍ଡା-ଦେବଗଡ଼ ୪୯ ନମ୍ବର ଜାତୀୟ ରାଜପଥର ଭୋଜପୁର ନିକଟସ୍ଥ ଝାରମୁଣ୍ଡା ଛକଠାରେ ଗୁରୁବାର ଏକ କାର୍-ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦେବଗଡ଼ ଜିଲା ଲଇମୁରା ଥାନା ଲୁଢ଼ର ଗ୍ରାମର ଚକ୍ରଧର ନାଏକ (୪୨)। ଆହତ ଜଣକ ହେଲେ ସେହି ଗ୍ରାମର ଯଶୋବନ୍ତ ନାଏକ (୧୮)।

ମିଳିଥିବା ସୂଚନା ମୁତାବକ, ଚକ୍ରଧର ଏବଂ ଯଶୋବନ୍ତ ଗାଁରୁ ଏକ ବାଇକ୍(ନଂ.ଓଡି୧୫ସି-୪୫୮୧) ଯୋଗେ କୁଚିଣ୍ଡା ଆସୁଥିଲେ। ହେଲେ ଝାରମୁଣ୍ଡା ଛକଠାରେ ଏକ କାର୍(ନଂ. ଓଡି ୧୫ ଜି- ୩୭୬୭) ସହ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଚକ୍ରଧର ଏବଂ ଯଶୋବନ୍ତ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚକ୍ରଧରଙ୍କୁ ମୃତ ଘୋଷଣା କରିଥିଲେ। ଯଶୋବନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏନେଇ କୁଚିଣ୍ଡା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ୭ କେ.ଜି ଗଞ୍ଜେଇ ଜବତ, ମହିଳା ଗିରଫ

ରେଢାଖୋଲ୨୦।୬(ଡି.ଏନ.ଏ)

ବେଆଇନ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗୁରୁବାର ଚାରମାଳ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଧ୍ୟପ୍ରଦେଶ ରାଜ୍ୟର କଟନି ଜିଲା ବରହି ଥାନା ଝିରିୟା ଗ୍ରାମର ଭାବନା ତିୱାରୀ(୨୬)। ପୋଲିସ ତାଙ୍କ ନିକଟରୁ ଏକ ଏୟାର ବ୍ୟାଗରେ ଥିବା ୭ କେ.ଜି ଗଞ୍ଜେଇ ସହ ନଗଦ ୫ହଜାର ୬୫୦ ଟଙ୍କା ଜବତ କରିଥିବା ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଳେଇ କହିଛନ୍ତି। ଏ ନେଇ ଚାରମାଳ ଥାନାରେ ଏକ ମାମଲା(ନଂ ୬୮/୧୯) ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ, ଗୁରୁବାର ସକାଳ ପ୍ରାୟ ୯ଟା ବେଳେ ୫୫ ନଂ ଜାତୀୟ ରାଜପଥର ଚାରୁଣି ଛକରେ ଏକ ବ୍ୟାଗରେ ଗଞ୍ଜେଇ ଧରି ବସ୍‌କୁ ଅପେକ୍ଷା କରିଥିବା ପୋଲିସକୁ ସୂଚନା ମିଳିଥିଲା। ଏନେଇ ପୋଲିସର ଏକ ଟିମ୍ ଚଢାଉ କରି ମହିଳାଙ୍କୁ ଧରିବାରେ ସଫଳ ହୋଇଥିଲା।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଫଳ ଚୋରି

ସମ୍ବଲପୁର,୨୦।୬(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ପଡ଼ିଆବାହାଲ ନିକଟରେ ଗୁରୁବାର ସକାଳେ ଏକ ଫଳ ବୋଝେଇ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡିଥିଲା। ଏଥିରେ ଡ୍ରାଇଭର ଏବଂ ହେଲପର୍ ଅଳ୍ପକେ ବର୍ତ୍ତିଯାଇଥିଲେ। ହେଲେ ଟ୍ରକରେ ଥିବା ଡାଳିମ୍ବ, ଅଙ୍ଗୁର ଆଦି ଫଳକୁ କେତେକ ଲୋକ ଚୋରି କରି ନେଇଥିବା ଜଣାପଡିଛି। ଏ ନେଇ ସଦର ଥାନାରେ ଏକ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଅନ୍‌ଲାଇନ ସଟ୍ଟା ଖେଳ: ୨ ଗିରଫ

ସମ୍ବଲପୁର,୨୦।୬(ବ୍ୟୁରୋ)

ସମ୍ବଲପୁର ଜିଲାରେ ଅନଲାଇନ ମାଧ୍ୟମରେ ସଟ୍ଟା ଖେଳାଉ ଥିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଧନୁପାଲିର ସଞ୍ଜୟ ମହାନନ୍ଦ, କରମଟୁଲିର ମହନ ଓରାମ, ବଡବଜାର ଅମରୀପଡ଼ା ହନିଫ ଖାନ। ଗିରଫ ୩ଜଣ ବିଭିନ୍ନ ଛକରେ ଦୋକାନ କରିଥିଲେ । ଦୋକନାରେ କମ୍ପ୍ୟୁଟର ରଖି ଅନ୍‌ଲାଇନ ମାଧ୍ୟମରେ ସଟ୍ଟା ଖେଳ ଜାରି ରଖିଥିଲେ। ପୋଲିସ ତାଙ୍କ ନିକଟରୁ କମ୍ପ୍ୟୁଟର, ମୋବାଇଲ ଫୋନ, ସିମ କାର୍ଡ ଏବଂ ସଞ୍ଜୟଙ୍କ ପାଖରୁ ୩୭୨୦ ଟଙ୍କା, ମୋହନଙ୍କୁ ପାଖରୁ ୨୦୨୦ ଟଙ୍କା ଏବଂ ହନିଫଙ୍କ ନିକଟରୁ ୨୪୦୦ ଟଙ୍କା ଜବତ କରାଯାଇଥିବା ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ସୂଚନା ଦେଇଛନ୍ତି। ହେଲେ ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା କହିଛନ୍ତି। ଖୁବ୍ ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।

ମିଳିଥିବା ସୂଚନା ମୁତାବକ ଦୀର୍ଘ ଦିନ ହେଲା ସେମାନେ ଅନ୍‌ଲାଇନ ମାଧ୍ୟମରେ ସଟ୍ଟା ଖେଳ ଚଳାଇଥିଲେ। ଏନେଇ ପୋଲିସକୁ ଖବର ମିଳିଥିଲା। ଫଳରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି ୩ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। କ୍ଷେତରାଜପୁର ଥାନରେ ଏକ ମାମଲା(ନଂ.୧୫୬/୧୯) ରୁଜୁ ହୋଇଥିବା ବେଳେ ଅଇଁଠାପାଲି ଥାନାରେ ୨ଟି ପୃଥକ ମାମଲା(ନଂ.୨୫୧/୧୯ ଏବଂ ୨୫୨/୧୯) ରୁଜୁ ହୋଇଛି।



ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ ଉପସ୍ଥାପନ କରାଇଛି। ।

## ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ରେଙ୍ଗାଲି,୨୦।୬(ଡି.ଏନ.ଏ.)

ସମ୍ବଲପୁର ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଶାସନ ଥାନା ଅଧୀନ ପଧାନପାଲିଠାରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହ ସାହୁ (୭୦)।

ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ୫ଟାରେ ନରସିଂହ ପଧାନପାଲିଠାରେ ରାସ୍ତା ଅତିକ୍ରମ କରୁଥିବା ସମୟରେ ଏକ ବାଇକ୍ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତ ଆହତ ହୋଇଥିଲେ। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ନରସିଂହଙ୍କ ଘର କଣ୍ଟିଲୋ ହୋଇଥିବା ବେଳେ ସେ ପଧାନପାଲିଠାରେ ଘରଭଡା ନେଇ ରହୁଥିବା ଜଣାପଡିଛି। ଏନେଇ ଶାସନ ଥାନା ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଯଜ୍ଞବରାହ ମନ୍ଦିର ଜବରଦଖଲ ଜମି ମାପ

ସମ୍ବଲପୁର,୨୦।୬ (ବ୍ୟୁରୋ)- ସମ୍ବଲପୁର ସାକ୍ଷୀଗୋପୀନାଥପଡ଼ା ସ୍ଥିତ ଯଜ୍ଞବରାହ ମନ୍ଦିରର ଜବରଦଖଲ ଜମି ମାପ କରାଯାଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ମହାନଗର କମିଶନର ତ୍ରିଲୋଚନ ମାଝିଙ୍କ ନେତୃତ୍ୱରେ ତହସିଲ ଏବଂ ଏସଡିଏ ବିଭାଗ କର୍ମଚାରୀମାନେ ଜମି ମାପ କରିଥିଲେ। ୨୦୦୬ରୁ ବିବାଦୀୟ ହୋଇଥିବା ଏହି ଜମିକୁ ସମ୍ପୂର୍ଣ୍ଣ ଜବରଦଖଲ ଉଚ୍ଛେଦ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋଟ ନିର୍ଦ୍ଦେଶ ଅନୁସାରେ ପ୍ରାୟ ୬୦ ପ୍ରତିଶତ ଜବରଦଖଲ ଜମିର ମାପ ସରିଛି । ବର୍ତ୍ତମାନ ସମସ୍ତ ଜମିର ମାପ କରି ହାଇକୋର୍ଟଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯିବ।

## ଅବକାରୀ ବିଭାଗର ଚଢ଼ାଉ: ୪ ଗିରଫ

ବାମରା, ୨୦।୬ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ଅବକାରୀ ନିରୀକ୍ଷକଙ୍କ ସହ କୁଚିଣ୍ଡା, ବାମରା ଅବକାରୀ ଅଧିକାରୀମାନେ ବାମରାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ ଜବତ କରିଥିଲେ। ଏପରି କି ବେଆଇନ ମଦ ବିକ୍ରି ଅଭିଯୋଗରେ ଅଧିକାରୀମାନେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ମିଳିଥିବା ସୂଚନା ମୁତାବକ, ବୁଧବାର ସକାଳେ ସମ୍ବଲପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ସଗରା ଓ ଗଡ଼ପୋଷ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ଅଧିକାରୀମାନେ ସଗରା ଅଞ୍ଚଳର ଅମୃତ ସେଠୀଙ୍କ ଘରୁ ୫ ଲିଟର ରନ୍ଧା ଦେଶୀ ମଦ, ଶର୍ମା ସେଠୀଙ୍କ ନିକଟରୁ ୫ ଲିଟର ରନ୍ଧା ଦେଶୀ ମଦ, ସୁଶାନ୍ତ ବାଘଙ୍କଠାରୁ ୪୦ ଲିଟର ବିଅର ଓ ବଡଖଲିଆର ଭିକାରୀ ଏକ୍କାଙ୍କ ନିକଟରୁ ୨୦ ଲିଟର କୁସନା ଜବତ କରାଯାଇଥିଲା। ଅବକାରୀ ବିଭାଗ ପକ୍ଷରୁ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଗିରଫ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ସମ୍ବଲପୁର ଅବକାରୀ ନିରୀକ୍ଷକ ଜୟଦେବ ପ୍ରଧାନ, ଦଶରଥ ପୁରୋହିତ, ଗୋକୁଳା ଧାନ, ଶିବନାରାୟଣ ଘଡେଇ,ପ୍ରମୁଖ ସାମିଲ୍ ଥିଲେ।

## କୃଷି ବିଭାଗ ଉପସଚିବଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୨୦।୬(ବ୍ୟୁରୋ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଉପସଚିବ ଗୋବର୍ଦ୍ଧନ ଦେବତା ଗୁରୁବାର ସମ୍ବଲପୁର ଜିଲା ଗସ୍ତ କରିଥିଲେ। ଏହି ଅବସରରେ ଉପସଚିବ ଦେବତା ଜୟନ୍ତପୁର ସମବାୟ ସମିତି ଏବଂ ସନାତନପାଲି ଗ୍ରାମର ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏପରି କି ସନାତନ ପାଲିରେ ଉଦ୍ୟାନ ବିଭାଗ ପକ୍ଷରୁ ହୋଇଥିବା ଫୁଲଚାଷ ଦେଖିଥିଲେ। ପରେ ସେ ମାନେଶ୍ୱର ସମବାୟ ସମିତି ଯାଇ ଧାନ ବିହନ ବିକ୍ରି ଓ ସାରର ଆବଶ୍ୟକତା ଉପରେ କର୍ମଚାରୀଙ୍କୁ ପଚାରି ବୁଝିଥିଲେ । ସମବାୟ ସମିତି ସଭାପତି ଜଗନ୍ନାଥ ଦୀକ୍ଷିତ ଏକ ଗୋଦାମ ଗୃହର ଆବଶ୍ୟକତା ରହିଥିବା ଉପସଚିବଙ୍କୁ ଜଣାଇଥିଲେ। ଉପସଚିବ ବରେଇପାଲି ମାର୍କେଟରେ ଥିବା ଗୋଦାମ ଗୃହ ବୁଲି ଦେଖିଥିଲେ। ଅପରାହ୍ନ ୩ଟାରେ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀରେ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସଚିବ ଦେବତା ଯୋଗଦେଇଥିଲେ। ବୈଠକରେ ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ରଞ୍ଜନ ଦାସ ମହାପାତ୍ର, କୃଷି ଉପ ନିର୍ଦ୍ଦେଶକ ଖଗେନ୍ଦ୍ର ନାଥ ଜେନାଙ୍କ ସମେତ ସମବାୟ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ବିହନ ବିଶୋଧନ ଅନୁଷ୍ଠାନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠରେ ଧାନର ବିହନ ବଣ୍ଟନ, ସାର, ପାଣି ସମସ୍ୟା ଭଳି ଚାଷ ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା।

## ରେଡ୍‌କ୍ରସ୍ ପାଣ୍ଠି ସଂଗ୍ରହରେ ସମ୍ବଲପୁର ପୁରସ୍କୃତ

ସମ୍ବଲପୁର, ୨୦।୬ (ବ୍ୟୁରୋ)

ସମ୍ବଲପୁର ଜିଲା ରେଡ କ୍ରସକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ୍, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନାଙ୍କୁ ପୁରସ୍କୃତ କରିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷରେ ସମ୍ବଲପୁର ଜିଲା ରେଡ୍‌କ୍ରସ୍ ପାଣ୍ଠି ଦ୍ୱିତୀୟ ସ୍ଥାନ ରହିଥିବା ବେଳେ ୨୦୧୮-୧୯ରେ ତୃତୀୟ ସ୍ଥାନ ଅଧିକାର କରିଛି। ଏନେଇ ଜିଲା ରେଡକ୍ରସ ସଦସ୍ୟ ଖୁସିବ୍ୟକ୍ତ କରିଛନ୍ତି ।



ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

## କମ୍ପାନୀର ମନମୁଖି କାର୍ଯ୍ୟ

# ଜିଲାପାଳଙ୍କ ନିକଟରେ ଅଭିଯୋଗ

ରେଙ୍ଗାଲି,୨୦।୬(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ଗ୍ରାମବାସୀ ତଲାବିରା ୨ ଏବଂ ୩ କୋଇଲା ଖଣି ଖନନ କରୁଥିବା ଏନ୍‌ଏଲ୍‌ସିଆଇଏଲ୍ କମ୍ପାନୀର ମନମୁଖି କାର୍ଯ୍ୟ ବିରୋଧରେ ରେଙ୍ଗାଲି ତହସିଲଦାରଙ୍କ ଜରିଆରେ ସମ୍ବଲପୁର ଜିଲାପାଳଙ୍କୁ ଲିଖିତ ଭାବେ ଏକ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ତଲାବିରା ୨ ଏବଂ ୩ କୋଇଲା ଖଣି ଖନନ ପାଇଁ ଏନ୍‌ଏଲସିଆଇଏଲ କମ୍ପାନୀ ଖିଣ୍ଡା ଅଞ୍ଚଳରେ ଜମି ଅଧିଗ୍ରହଣ କରୁଛି । ହେଲେ କମ୍ପାନୀ ପକ୍ଷରୁ ଖିଣ୍ଡା ଗ୍ରାମର ୯ଟି ପରିବାର ଲୋକଙ୍କୁ ଅନ୍ୟତ୍ର ଥଇଥାନ ନ କରି ଜମି ଅଧିଗ୍ରହଣ କରାଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ୨୦୧୮ ମେ ୧୪ ତାରିଖରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍‌ଡିଏସି ବୈଠରେ ଉକ୍ତ ୯ଟି ପରିବାର ଲୋକଙ୍କୁ ଥଇଥାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।



ଅଭିଯୋଗ ପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

### ପ୍ରଶାସନ ନିଷ୍ପତ୍ତିକୁ ଅଣଦେଖା

ହେଲେ କମ୍ପାନୀ ପ୍ରଶାସନର ନିଷ୍ପତ୍ତିକୁ ଅଣଦେଖା କରି ମନମୁଖି କାର୍ଯ୍ୟ କରୁଛି। ବୁଧବାର ରେଙ୍ଗାଲି ତହସିଲଦାର ଏବଂ ଆର୍‌ଆଇ ଖିଣ୍ଡା ଗ୍ରାମକୁ ଯାଇ ଜମି ମାପଚୁପ୍ କରୁଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ଗୁରୁବାର ରେଙ୍ଗାଲି ନିର୍ବାଚନମଣ୍ଡଳୀ ବିଜୁ ଛାତ୍ର ସଭାପତି ବାବୁଲୁ ରାଉତଙ୍କ ନେତୃତ୍ୱରେ ୯ଟି ପରିବାରର ଦୀପକ ରାଉତ, ସଞ୍ଜୀବ ଅଗ୍ରୱାଲ, ଗଙ୍ଗା ମେହେର, ମୀନା ଦୀପ, ରାଜ କିଶୋର ଗର୍ଡିଆ, ଅମ୍ବିକା ବେସନ, ମହେନ୍ଦ୍ର ବାଗ, ବିକାଶ ଶହିସ ପ୍ରମୁଖ ରେଙ୍ଗାଲି ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଭାବେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ୯ ପରିବାର ଲୋକଙ୍କୁ ଥଇଥାନ ନ କରିବା ପର୍ଯ୍ୟନ୍ତ କମ୍ପାନୀ କାମ ଆରମ୍ଭ କରିପାରିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ତେଜରାତି ସାମଗ୍ରୀ ଗୋଦାମରେ ନିଆଁ


ଗୋଦାମରେ ଲାଗିଥିବା ନିଆଁ ।


ପୋଡ଼ିଯାଇଥିବା ସାମଗ୍ରୀ ।

**ସମ୍ବଲପୁର,୨୦।୬(ବ୍ୟୁରୋ)**

## ୮ ଲକ୍ଷ ଟଙ୍କାର ତେଲ, ସୁଜି, ମଇଦା ପୋଡ଼ିଗଲା

ସମ୍ବଲପୁର ଜିଲା ହୀରାକୁଦ-ରେମେଡ଼ ରାସ୍ତା ଡେଙ୍ଗସର୍ଗି ଗ୍ରାମ ନିକଟରେ ଥିବା ୨ଟି ତେଜରାତି ସାମଗ୍ରୀ ଗୋଦାମରେ ଗୁରୁବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନଶମ ବିଭାଗ ଅନୁମାନ କରିଛି। ଏଥିରେ ପ୍ରାୟ ୮ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଗୋଦାମ ମାଲିକ ସବିତା ଅଗ୍ରୱାଲ ଅଭିଯୋଗ କରିଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ କହିବା ମୁତାବକ, ଅପରାହ୍ଣ ପ୍ରାୟ ୩ଟା ବେଳେ ଡେଙ୍ଗସର୍ଗି ଗ୍ରାମ ନିକଟରେ ଥିବା ଏକ ଗୋଦାମରେ ନିଆଁ ଲାଗିଥିବା ଖବର ମିଳିଥିଲା। ଏନେଇ ୨ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ହେଲେ ଗୋଦାମରେ ବିଭିନ୍ନ କମ୍ପାନୀର ଶୋରିଷ ତେଲ, ରିଫାଇନ ତେଲ, ଘିଅ, ସୁଜି, ଅଟା, ମଇଦା ଆଦି ତେଜରାତି ସମାଗ୍ରୀ ଥିବାରୁ ନିଆଁ ବ୍ୟାପି ଅନ୍ୟ ଏକ ଗୋଦାମରେ ଲାଗିଯାଇଥିଲା। ଏନେଇ ଅଗ୍ନିଶମ ବିଭାଗ ପକ୍ଷରୁ ଅନ୍ୟ ଏକ ଦମକଳ ଗାଡିକୁ ଡକା ଯାଇଥିଲା। ୩ଟି ଦମକଳ ଗାଡି ସହ ୧୪ ଜଣ କର୍ମଚାରୀ ପାଣି ସହ ଫୋମ ବ୍ୟବହାର କରି ଦୀର୍ଘ ଦେଢ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିପାରିଥିଲେ। ଚଳିତ ବର୍ଷ ସମ୍ବଲପୁର ଜିଲାରେ ଏହା ଏକ ବଡ଼ଧରଣର ଅଗ୍ନିକାଣ୍ଡ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

# ବଜ୍ରପାତରେ ଜଣେ ମୃତ, ଜଣେ ଆହତ

**ନୂଆପଡା ଅଫିସ/କୋମନା,୨୦।୬**

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଜଟଗଡ ଗାଁରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ କୀର୍ତ୍ତନ ପ୍ରଧାନ (୪୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଜୟଦେବ ମାଝି (୫୨) ଗୁରୁତର ହୋଇଛନ୍ତି। ଅପରାହ୍ନ ୨ଟାରେ ବର୍ଷା ସହ ଘଡଘଡି ହୋଇଥିଲା । ଏହି ସମୟରେ ଚାଷ ଜମିକୁ ଯାଇଥିବା କୀର୍ତ୍ତନ ଏବଂ ଜୟଦେବ ଏକ ବରଗଛ ତଳେ ଆଶ୍ରୟ ନେଇଥିଲେ । ଏହି ସମୟରେ ବଜ୍ରପାତ ହେବାରୁ ଦୁହେଁ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କୀର୍ତ୍ତନଙ୍କୁ ମୃତ ଘୋଷଣା କରିଥିବାବେଳେ ଜୟଦେବଙ୍କ ଅବସ୍ଥା ଗୁରୁତର ରହିଛି । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।











# ଭାଲୁ ଆକ୍ରମଣରେ ବୃଦ୍ଧ ମୃତ

**ନୂଆପଡ଼ା ଅଫିସ/କୋମନା,୨୦।୬**

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ବିଶିବାହାଲ ଗାଁରେ ଭାଲୁ ଆକ୍ରମଣରେ ପବିତ୍ର ମାଝି (୫୫)ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ଗୁରୁବାର ସକାଳେ ସେ ନିଜ ଚାଷ ଜମିକୁ ଶୌଚ ପାଇଁ ଯାଇଥିଲେ। ନିକଟସ୍ଥ ବୁଦା ଜଙ୍ଗଲରୁ ଏକ ଭାଲୁ ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନେବା ବାଟରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ଦାବି ହୋଇଛି।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ଆଜି କ'ଣ କେଉଁଠି

**ପୁରୁଣାକଟକ**

- ହରଭଙ୍ଗା ବ୍ଲକ ପତଞ୍ଜଳି ଯୋଗ ସମିତି ତରଫରୁ ବିଶ୍ୱ ଯୋଗ ଦିବସ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସକାଳ ୬ଟା।

**କୁଆଁରମୁଣ୍ଡା**

- ବିଶ୍ୱ ଯୋଗ ଦିବସ ଅବସରରେ ସାମୂହିକ ଯୋଗ କାର୍ଯ୍ୟକ୍ରମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସକାଳ ୬ଟା।

**ବୀରମିତ୍ରପୁର**

- ବିଶ୍ୱ ଯୋଗ ଦିବସ ଅବସରରେ ଯୋଗ କାର୍ଯ୍ୟକ୍ରମ, ବି.ଆର.ଆଇ କ୍ଲବ ପଡ଼ିଆ, ସକାଳ ୬ଟା।

**ସୁନ୍ଦରଗଡ଼**

- ପତଞ୍ଜଳି ଯୋଗ ସମିତି, ସୁନ୍ଦରଗଡ଼ କ୍ଲବ ପକ୍ଷରୁ ସାମୂହିକ ଯୋଗ ଶିବିର, ଭବାନୀଭବନ ପଡ଼ିଆ, ସକାଳ ୬ଟା।

**ବରଗଡ଼**

- ଆନ୍ତର୍ଜାତିକ ଯୋଗ ଦିବସ ସମାରୋହ, ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼, ସକାଳ ୫ଟା।
- ଗୋପଲୀଳା ପାରାୟଣ, ଗାଇସିଲେଟ୍ ଆଦିବାସୀ କଲୋନୀ, ପୂର୍ବାହ୍ଣ ୮ଟା।

**ବୌଦ୍ଧ**

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ରାମଲୀଳା ପଡିଆ, ମାଉସୀ ମା'ମନ୍ଦିର, ବଟୁପାଲି ପଡିଆ, ସକାଳ ୬ଟା।

**ଭବାନୀପାଟଣା**

- ଭବାନୀପାଟଣା ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ, ସମୟ– ସକାଳ ୧୦ଟା, ସ୍ଥାନ– ପଞ୍ଚାୟତ ସମିତି ସଭାଗୃହ, ଭବାନୀପାଟଣା ।
- ଭବାନୀପାଟଣା ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ, ସମୟ: ସନ୍ଧ୍ୟା ୫ଟା, ସ୍ଥାନ: ଦେଓ୍ୱାନ ସାହେବପଡ଼ା ।

**ଦେବଗଡ଼**

- ଯୋଗ ମହୋତ୍ସବ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳନ, ବାଳିକା ଉଚ୍ଚ ବିଦ୍ୟାଳୟ ପଡିଆ,ସକାଳ ୬ ଟା।
- ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଯୋଗ ଦିବସ, ରାଜପ୍ରାସାଦର ସଭାଗୋଲି, ସକାଳ ୬ଟା।

**ନୂଆପଡା**

- ଆନ୍ତର୍ଜାତିକ ଯୋଗ ଦିବସ, ନୂଆପଡା ମିନିଷ୍ଟାଡିୟମ, ଖଡିଆଳ ଉଗ୍ରସେନ ଭବନ, ସକାଳ ସାଢେ ୫ଟା ।

**ରାଉରକେଲା**

- ବିଶ୍ୱ ସଙ୍ଗୀତ ଦିବସ, ସେକ୍ଟର–୭ ମଧୁମଣ୍ଡପ, ସନ୍ଧ୍ୟା ୭ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ଅମରଭବନ, ସକାଳ ୫ଟା ୪୫।
- ଅନ୍ତର୍ଜାତୀୟ ଯୋଗ ଦିବସ, ବାସନ୍ତୀ ପାଠାଗାର, ସକାଳ ସାଢ଼େ ୫ଟା।
- କୌଶଳ ମେଳା, କର୍ମନିଯୁକ୍ତି ସଂସ୍ଥାନ, ସକାଳ ୯ଟା।

**ସୁବର୍ଣ୍ଣପୁର**

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ, ରୟାଲ ପଡିଆ, ସକାଳ ୭ଟା ।
- ଯୋଗ ମହୋତ୍ସବ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ, ଗାନ୍ଧୀ ପଡିଆ, ସକାଳ ୬ଟା ।

**ସମ୍ବଲପୁର**

- ହରିଓମ୍ ଯୋଗ କ୍ଲବ ପକ୍ଷରୁ ସାମୁହିକ ଯୋଗ ଅଭ୍ୟାସ, ବଡବଜାର ଗୌରିଶଙ୍କର ପାର୍କ, ସକାଳ ସାଢ଼େ ୫ଟା।
- ବ୍ରହ୍ମକୁମାରୀ ଆୟୋଜନରେ ରାଜଯୋଗ ଶିବିର, ଗାନ୍ଧୀ ପାର୍କ, ସକାଳ ୬ଟା।
- ବିଜୁ ଯୁବବାହିନୀ ପକ୍ଷରୁ ଯୋଗ ଶିବିର, ଧନକଉଡା ଖେଳ ପଡ଼ିଆ, ସକାଳ ୬ଟା।
- ଆର୍ନ୍ତଃଜାତୀୟ ଯୋଗ ଦିବସ, ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ, ସକାଳ ସାଢ଼େ ୬ଟା।
- ଯୋଗ ଶିବିର, ସମ୍ବଲପୁର ଭିଏଲ୍‌ସିସି ସଭା କକ୍ଷ, ସକାଳ ସାଢ଼େ ୬ଟା।
- ମାରୱାଡି ଯୁବାମଞ୍ଚାର ଅମୃତ ଧାରା ଶୁଭାରମ୍ଭ କାର୍ଯ୍ୟକ୍ରମ, ଅଇଁଠାପାଲି ଥାନା ପରିସର, ପୂର୍ବାହ୍ନ ୧୦ଟା

# ସତ୍ତା ହରାଉଛି ବରପାଲି ଲୁହା କାରଖାନା

**ବରପାଲି, ୨୦।୬ (ଡି.ଏନ.ଏ)**

ରାଜ୍ୟରେ ଏକଦା ସୁନାମ ଅର୍ଜନ କରିଥିବା ବରଗଡ଼ ଜିଲା ବରପାଲିର ସର୍ବପୁରାତନ ସମବାୟ ଲୌହ ଓ କାଠ କାରଖାନା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ସତ୍ତା ହରାଇ ବସିଛି । ଏହି କାରଖାନା କୌଣସି କାମରେ ଲାଗୁ ନ ଥିବାରୁ ତାକୁ ଜବରଦଖଲରେ ରଖି ଭଡା ଆଦାୟ କରାଯାଉଛି । ଫଳରେ ଲୋକଙ୍କ ମଧ୍ୟରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି ।

୧୯୬୨ରୁ ୧୯୬୪ ମଧ୍ୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅମଳରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ବରପାଲିରେ ବହୁ କଳକାରଖାନା ଗଢ଼ି ଉଠିଥିଲା। ସେତେବେଳେ ଅବିଭକ୍ତ ସମ୍ବଲପୁର ଜିଲାରେ ଶିଳ୍ପକେନ୍ଦ୍ର ଅଫିସ ରହିଥିଲା । ଏହାକୁ ପରିଚାଳନା କରିବା ପାଇଁ ସରକାରଙ୍କ ଦ୍ୱାରା ଜଣେ ଜେନେରାଲ ମ୍ୟାନେଜର (ଜିଏମ) ଏବଂ ତାଙ୍କ ଅଧୀନରେ ଆଇପିଓ ନିଯୁକ୍ତ ହୋଇଥିଲେ।



କାରଖାନା ଫାଟକ ନିକଟରେ ଜବରଦଖଲ ।

ମାତ୍ର ଏବେ ବରଗଡ ଜିଲା ମାନ୍ୟତା ପାଇବା ପରେ ସେଠାରେ ଜିଲା ଶିଳ୍ପକେନ୍ଦ୍ର ଅଫିସ ରହିଲାଣି । ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଏଠାରେ ବୁଡି ବସିଥିବା ସବୁ କଳକାରଖାନା ଜବରଦଖଲ ଆଡକୁ ମୁହାଁଇଛି । ଦିନ ଥିଲା ଏହି ଲୌହ ଓ କାଠ କାରଖାନା ଉନ୍ନତ କାମ ଓ କାରିଗରୀ ଯୋଗୁ ବେଶ ସୁନାମ ଅର୍ଜନ କରିଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ପରିଚାଳନାଗତ ତ୍ରୁଟି ଯୋଗୁ କାରଖାନା ଅତି ରୁଗ୍ଣ ଓ ଦୟନୀୟ ଅବସ୍ଥାକୁ ଆସିଯିବାରୁ ଫାଟକରେ ତାଲା ପଡିଲା । ତେବେ ସେଠାରେ ଥିବା କାର୍ଯ୍ୟରତ କର୍ମଚାରୀମାନେ ଦୟନୀୟ ଅବସ୍ଥାରେ କାଳାତିପାତ କରି କେତେକ ମୃତ୍ୟୁବରଣ କରିଥିବାବେଳେ ଆଉ କେତେକ ଓ ଜୀବିତ ଅଛନ୍ତି । ଦୀର୍ଘବର୍ଷ ଧରି କାରଖାନା ବନ୍ଦ ହୋଇଯିବାରୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତାକୁ ଜବରଦଖଲ କରିଥିବା ଚର୍ଚ୍ଚା ଚାଲିଛି । ଏ ସମ୍ପର୍କରେ ବରଗଡ଼ ଜିଲା ଶିଳ୍ପ କେନ୍ଦ୍ର ଅଧିକାରୀ ମନୋଜ କୁମାର ଶତପଥୀଙ୍କୁ ପଚାରିବାରୁ ସେ ବରପାଲି ଯାଇ ଏହାର ତଦନ୍ତ କରିବେ କହିଥିଲେ ।

## ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି

**ବୌଦ୍ଧ,୨୦।୬(ସ୍ୱ.ପ୍ର)**

ବୌଦ୍ଧରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପତଞ୍ଜଳି ଯୋଗ ସମିତି ପକ୍ଷରୁ ସହରର ୩ଟି ସ୍ଥାନରେ ଏହି ଦିବସ ପାଳନ ପାଇଁ ସ୍ଥିର କରାଯାଇଛି। ସେଠାରେ ଯୋଗପ୍ରେମୀମାନଙ୍କୁ ବହୁ ସଂଖ୍ୟାରେ ଉପସ୍ଥିତ ହେବାକୁ ଅନୁରୋଧ କରାଯାଇଛି । ବୌଦ୍ଧର ରାମଲୀଳା ପଡିଆ, ମାଉସୀ ମା ମନ୍ଦିର ଓ ବୁଟୁପାଲି ହାଇସ୍କୁଲ ପଡିଆଠାରେ ଏକ ସଙ୍ଗରେ ଏହି ଦିବସ ପାଳନ କରାଯିବ ବୋଲି ପତଞ୍ଜଳି ଯୋଗ ସମିତିର ଆବାହକ ଦେବାଶିଷ ପୁରୋହିତ ସୂଚନା ଦେଇଛନ୍ତି ।

# ଫେଆର ୱେଦର ରାସ୍ତା ଅବସ୍ଥା ବେହାଲ

**ମନମୁଣ୍ଡା, ୨୦।୬ (ଡି.ଏନ.ଏ)**

ବୌଦ୍ଧ ଜିଲା ଦପଲା ଠାରୁ ଖଟଖଟିଆ ପିଡବ୍ଲ୍ୟୁଡି ରାସ୍ତା କାମ ମନ୍ଥରଗତିରେ ଚାଲିଛି । ଫଳରେ ଫେଆର ୱେଦର ବାଇପାସ ରାସ୍ତା ଅସରାଏ ବର୍ଷାରେ କାଦୁଅ ପଚପଚ ହେବା ସହ ଯାତାୟାତରେ ଅସୁବିଧା ହେଉଛି । ଉକ୍ତ ରାସ୍ତାର ଦପଲାଠାରୁ ବଉଳସିଂହା ମଝିରେ ଏକ ପୋଲ କାମ ଚାଲିଛି । ଏଥିଯୋଗୁ ସେଠାରେ ଏକ ବାହାଲ ଜମି ଦେଇ ଫେଆର ୱେଦର ବାଇପାସ୍ ରାସ୍ତା କରାଯାଇଛି। ମୌସୁମୀ ନ ଆସୁଣୁ ଅଦିନିଆ ବର୍ଷାରେ ଉକ୍ତ ବାଇପାସ ରାସ୍ତା କାଦୁଅ ହୋଇପଡୁଛି । ଯାନବାହନ, ସାଇକେଲ, ବାଇକ ତ ଦୂରକଥା ଚାଲି କରି ଯିବା ଆସିବା ମୁସ୍କିଲ ହୋଇପଡୁଛି । ମୌସୁମୀ ଆସିଗଲେ କିମ୍ବା ଅତ୍ୟଧିକ ବର୍ଷା ହେଲେ ଉକ୍ତ ନାଳରେ ପ୍ରାୟ ୩ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେବ । ଫଳରେ ରାସ୍ତା ବୁଡିଯିବ ଏବଂ ଯିବା ଆସିବା ସମ୍ପୂର୍ଣ୍ଣ ଠପ୍ ହୋଇଯିବ । ଏହି ଅଞ୍ଚଳବାସୀଙ୍କ ଯାତାୟାତ ପାଇଁ ଥିବା ଏକମାତ୍ର ସବୁଦିନିଆ ରାସ୍ତା ବନ୍ଦ ହୋଇଗଲେ ଜନସାଧାରଣ ନାହିଁ ନ ଥିବା



ଫେୟାର ୱେଦର ରାସ୍ତା କାଦୁଅ ପଚପଚ ହୋଇପଡିଛି ।

ଅସୁବିଧାର ସମ୍ମୁଖୀନ ହେବେ । ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର ଲୋକମାନଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିଲାଣି । ଏ ନେଇ କନ୍ଧମାଳ ପିଡବ୍ଲ୍ୟୁଡି ଜେଇ କିଶୋର ଚନ୍ଦ୍ର ମଲିକଙ୍କୁ କାମର ବ୍ୟୟ ଅଟକଳ ସମ୍ବନ୍ଧରେ ପଚାରିବାରୁ ସେ ଜାଣି ନ ଥିବା କହିଥିଲେ ଓ ଫଳକ ଲଗାଇବାକୁ ସେ ଠିକାଦାରଙ୍କୁ କହିଥିବା ପ୍ରକାଶ କରିଥିଲେ । ସେହିପରି ବର୍ଷାକୁ ଦୃଷ୍ଟିରେ ରଖି ପୋଲକାମ ତୁରନ୍ତ ସାରିଦେବାକୁ ସେ ଠିକାଦାରଙ୍କୁ କହିଥିବା ବେଳେ ଲୋକମାନଙ୍କ ଯାତାୟାତରେ ଯେପରି କିଛି ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟିଦେବେ ବୋଲି ଜେଇ ମଲିକ କହିଛନ୍ତି ।

# ଠିକିକାଯୋର ରଥଯାତ୍ରା ପ୍ରସ୍ତୁତି ବୈଠକ

**ପୁରୁଣାକଟକ,୨୦।୬ (ଡି.ଏନ.ଏ)**

ହରଭଙ୍ଗା ବ୍ଲକ ଚାରିଛକର ଠିକିକାଯୋରଠାରେ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥଯାତ୍ରା କମିଟି ସଭାପତି ତଥା ଦେବୋତ୍ତର ଅଧିକାରୀ ତହସିଲଦାର ବବିତାରାଣୀ ଦଳବେହେରା ସଭାପତିତ୍ୱ କରିଥିଲେ । ଅଧକ୍ଷ ବିଶ୍ୱଜିତ ମିଶ୍ର, ଜିଲା ପରିଷଦ ଉପାଧକ୍ଷ ଅକୁର ସେଠୀ, ବିଡିଓ ରବିନ୍ଦ୍ର କୁମାର ଶତପଥି, ଜ୍ୟୋସ୍ନା କାଉଁରୀ, ବିଇଓ ସନାତନ ଗାଆଣ, ଅର୍ଜୁନ ଗଡନାୟକ, ଦେଶବନ୍ଧୁ ନାୟକ, ପ୍ରତିମା ପ୍ରଧାନ, ସ୍ନେହାଲିନ ପ୍ରଧାନ, ରାଜକିଶୋର ମହାପାତ୍ର, ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ଯୋଗଦାନ ଦେଇଥିଲେ। ସମ୍ପାଦକ ବାମଦେବ ଦାଶ ପୂର୍ବ ରଥଯାତ୍ରା ବୈଠକର ବିବରଣୀ ପାଠ କରିଥିଲେ । ରଥ ମରାମତି, ପାଣି ସଂଗ୍ରହ, ମୀନାବଜାର, ପ୍ରସାଦ ପ୍ରସ୍ତୁତି, ଭଜନ ସନ୍ଧ୍ୟା, ପ୍ରବଚନ କାର୍ଯ୍ୟକ୍ରମ ଆଦି ବିଷୟରେ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ବିଡିଓ ତଥା ଦେବତ୍ତୋର ଅଧିକାରୀ ରବିନ୍ଦ୍ର କୁମାର ଶତପଥୀଙ୍କୁ ରାଜା ରୂପେ ଚୟନ କରାଯାଇଥିଲା । ବୈଠକରେ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଗ୍ରାମର ମୁଖିଆ, ବୁଦ୍ଧିଜୀବୀ, କାରିଗର, ବ୍ରାହ୍ମଣ ସମାଜ ପ୍ରତିନିଧିମାନେ ଯୋଗଦାନ କରିଥିଲେ ।

# ଆଗକୁ ରଥଯାତ୍ରା, ସୁଧୁରିନି ଟ୍ରାଫିକ ସମସ୍ୟା

**ବୌଦ୍ଧ,୨୦।୬(ସ୍ୱ.ପ୍ର)**

ବୌଦ୍ଧ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟକୁ ଜୋରଦାର କରାଯାଇଛି। ରଥଯାତ୍ରାକୁ ଆଉ କିଛି ଦିନ ବାକି ଥିବା ବେଳ ରଥକାର୍ଯ୍ୟ ଖୁବ ଜୋର ସୋରରେ ଚାଲିଛି । ବୌଦ୍ଧ ସହରର ରଥଯାତ୍ରା ପାଇଁ ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ରାସ୍ତା ଅବସ୍ଥା ସୁଧାରିବା ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଥିବା ବେଳେ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଛି । ଏନଏସି ଛକ ଠାରୁ ହାତୀଶାଳ ଛକ ଦେଇ କଚେରୀଛକ ଓ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘଦିନ ହେଲା ଚାଲିଥିଲେ ମଧ୍ୟ ଶେଷ ହୋଇପାରିନାହିଁ । ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସହର ମଧ୍ୟକୁ ଯାନବାହନ ଚଳାଚଳ ବନ୍ଦ କରାଯିବା ସହିତ ପାର୍କିଂ ସମସ୍ୟା ବି ଦେଖାଦେଇଥାଏ । ତେଣୁ ସେହି ସମୟରେ ଏନଏସି ଛକ ହାତୀଶାଳ ଛକ ଦେଇ କଚେରୀ ପର୍ଯ୍ୟନ୍ତ ଯାନବାହନ ଚଳାଚଳ କରିଥାଏ ଏବଂ ଏଠାରେ ପାର୍କିଂର ସୁବିଧା ମଧ୍ୟ ହୋଇଥାଏ । ଏହା ସହ ରଥଯାତ୍ରା ପାଇଁ ସହରରେ ମିନାବଜାର ପଡିଥାଏ । ଫଳରେ ନଅ ଦିନ ଧରି ହେଉଥିବା ରଥଯାତ୍ରା ସମୟରେ ସହରରେ ଭିଡ ଲାଗିଥାଏ । ରଥଯାତ୍ରା ପୂର୍ବରୁ ଏହି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ସମାପନ କରା ନ ଗଲେ ଏଥର ଟ୍ରାଫିକ ଓ ପାର୍କିଂ ପାଇଁ ସମସ୍ୟା ଦେଖାଯିବା ସମ୍ଭାବନା ରହିଛି । ଏପଟେ ମାଉସୀ ମା ମନ୍ଦିର ବେଢାରେ ହୋଇଥିବା ଜବରଦଖଲ ହଟାଯିବାକୁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ଜବରଦଖଲ ହଟାଯାଇ ନ ଥିବା ଦେଖାଯାଇଛି। ପ୍ରତିବର୍ଷ ମାଉସୀ ମା ମନ୍ଦିରରେ ଠାକୁରଙ୍କ ରୋଷଘର ଅସ୍ଥାୟୀ ଟେଣ୍ଟ ତଳେ ଚାଲୁଥିବାରୁ ସମସ୍ୟା ଦେଖାଦେଇଥାଏ। ଚଳିତବର୍ଷ ରୋଷଘରର ସ୍ଥାୟୀ ପ୍ରତିକାର କରାଯିବାକୁ ଆଲୋଚନା ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ତେଣୁ ଏଥିପ୍ରତି ଯାତ୍ରା ପରିଚାଳନା କମିଟି ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଡାଙ୍ଗ ପ୍ରିମିୟର ଲିଗ୍ କ୍ରିକେଟର ଶୁଭାରମ୍ଭ



ଡାଙ୍ଗ ପ୍ରିମିୟର ଲିଗ୍ କ୍ରିକେଟ ଶୁଭାରମ୍ଭ କରାଯାଉଛି ।

**ବରଗଡ଼ ଅଫିସ୍,୨୦।୬**

ବରଗଡ଼ ଜିଲା ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗ ଗ୍ରାମରେ ଗୁରୁବାର ଡାଙ୍ଗ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ମଶାଲ ଯାତ୍ରା ହୋଇଥିଲା । ଉକ୍ତ କ୍ରିକେଟ ପ୍ରତିଯୋଗିତାରେ ଆରସିସି, ଏସିସି, ଇଲେଭେନ ବ୍ଲାଷ୍ଟର, ସାହାରା ଇଣ୍ଡିଆ ନାମକ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି । ନିଉ ଲାଇଫ ଫାଉଣ୍ଡେଶନର ଚେୟାରମ୍ୟାନ କେ. ଦୀପ ଅତିଥି ଭାବେ ଯୋଗ ଦେଇଥିଲେ । ଉଦଯାପନୀ ଦିବସରେ ୫ହଜାର ବୃକ୍ଷଚାରା ରୋପଣ କରାଯିବା ଉପରେ ସେ ସୂଚନା ପ୍ରଦାନ କରିଥିଲେ । ହୃଷିକେଶ କର, ଏସ. ସାମଲ, କେଶବ ସାଗର ପ୍ରମୁଖ ସହଯୋଗ କରୁଛନ୍ତି ।

# ଟାଇକୋଣ୍ଡୋ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ



ଟାଇକୋଣ୍ଡୋ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବରେ ପ୍ରଶିକ୍ଷାର୍ଥୀ ।

**ବୌଦ୍ଧ,୨୦।୬(ସ୍ୱ.ପ୍ର)**

ବୌଦ୍ଧ ଜିଲାର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ବୌଦ୍ଧ ଟାଇକୋଣ୍ଡୁ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଦେବାଶିଷ ପୁରୋହିତଙ୍କ ସଭାପତିତ୍ୱରେ ବରିଷ୍ଠ କ୍ରୀଡାବିତ୍ ଶିବନାରାୟଣ ଦାସ, ବୌଦ୍ଧ ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର ରାଉତ ଏବଂ ଶିକ୍ଷା ପରାମର୍ଶଦାତା ଜ୍ଞାନଚାନ୍ଦ ଶତପଥୀ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ଅଜିତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହିତ ଟାଇକୋଣ୍ଡୁ କ୍ରୀଡାରେ ବୌଦ୍ଧର ସ୍ଥାନ ଏବଂ ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ନିକଟରେ ହାଇଦ୍ରାବାଦ୍ ଠାରେ ଟିଏଫଆଇ ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ କୋଚ୍ ପରୀକ୍ଷାରେ ଅଜିତ କୁମାର ସାହୁ କୃତିତ୍ୱର ସହ ୱାର୍ଲଡ ଟାଇକୋଣ୍ଡୁ ଏସିଆ କୋଚ୍ ଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି । ତାଙ୍କୁ ଏହି ଉତ୍ସବରେ ପ୍ରଶିକ୍ଷାର୍ଥୀ ଏବଂ ଅଭିଭାବକମାନେ ସମ୍ବର୍ଦ୍ଧିତ କରିଥିଲେ। ରାଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ ।

## ସାମାଜିକ, ଆର୍ଥିକ ବିକାଶ ତାଲିମ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୦।୬**

ବରଗଡ଼ ବ୍ଲକ ଏସ. ଡୁମେରପାଲି ପଞ୍ଚାୟତ ସମିତି ସଭାଗୃହରେ ଏକଦିବସୀୟ ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉକ୍ତ ପଞ୍ଚାୟତର ୨୫ଟି ଏସ୍‌ଏଚ୍‌ଜିର ସଭ୍ୟାଙ୍କୁ ତାଲିମ ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇସିଆଇସିଆ ବ୍ୟାଙ୍କର ଶାଖା ପରିଚାଳକ ଚନ୍ଦ୍ରଶେଖର ପଣ୍ଡା, ଆନ୍ଧ୍ର ବ୍ୟାଙ୍କର ଶାଖା ପରିଚାଳକ ଏଫ.ଏନ ଭୋଇ, ରିଲେଶନସିପ୍ ମ୍ୟାନେଜର ପ୍ରୀତିଶ ରଥଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତିର କର୍ମକର୍ତ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗୋଷ୍ଠୀମାନଙ୍କର ମୂଳ ଉଦ୍ଦେଶ୍ୟ, ସାମାଜିକ ଓ ଆର୍ଥିକ ବିକାଶ, ଧନ୍ଦାମୂଳକ ବ୍ୟବସାୟ, ଋଣ ସମ୍ବନ୍ଧରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ସାଗରିକା ଦେହୁରୀ ଓ ବିରେନ୍ଦ୍ର ସାହୁ ତାଲିମ ପ୍ରଦାନ କରିଥିଲେ। ନିଉ ଲାଇଫ ଫାଉଣ୍ଡେଶନର ଚେୟାରମ୍ୟାନ କେ. ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**OFFICE OF THE DISTRICT LEGAL SERVICES AUTHORITY, RAYAGADA**

ADVERTISEMENT NO.02/2019, DATED-19.06.2019

Applications in the prescribed proforma are invited for the post of Jr. Clerk / Jr. Clerk-cum-Typist in the Judgeship of Rayagada. For details aspirants are requested to visit the District Court's website i.e. http://ecourts.gov.in / odisha/rayagada and www.rayagada.nic.in.

**Sd./-**
**District Judge-cum-Chairman, DLSA, Rayagada**

**D. D. AUTONOMOUS COLLEGE, KEONJHAR**
**ADMISSION INTO TWO-YEAR B.ED. COURSE**

Applications are invited from eligible candidates for admission into Two-Year B.Ed. course for the session 2019-21. Application form and Prospectus can be downloaded from the college website www.ddcollege.nic.in Interested eligible candidates are required to send their duly filled-in application forms along with necessary documents and processing-cum-application fee of Rs. 500/- (Rupees Five Hundred only) in the form of demand draft from any nationalized Bank in favour of Principal, D.D. Autonomous College, Keonjhar payable at Keonjhar either by Registered Post / Speed Post or by hand. The filled-in application along with required documents should reach the undersigned on or before 22.07.2019 by 4pm. The college is not responsible for postal delay. For details visit the college website www.ddcollege.nic.in

**Sd./- Principal**
**D.D. (Auto.) College, Keonjhar**

# ଶହୀଦଙ୍କୁ ଛାତ୍ରୀଛାତ୍ରଙ୍କ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୨୦।୬**

ବରଗଡ଼ ଜିଲା ରାଣାପ୍ରତାପ ହାଇସ୍କୁଲରେ ଗୁରୁବାର ଶହୀଦ ହୋଇଥିବା ଓଡିଆ ଯବାନ ଅଜିତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ହାଇସ୍କୁଲର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେନ୍ଦ୍ର ମୋହନ ଚାନ୍ଦ, ଶିକ୍ଷକ ସୁଧାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇ ଶହୀଦଙ୍କ ଦେଶଭକ୍ତିରେ ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ ।

## ବଜ୍ରପାତରେ ଗାଈ ମୃତ

**ଅତାବିରା/ଜାମଟିକ୍ରା,୨୦।୬ (ଡି.ଏନ.ଏ)**

ଅତାବିରା ବ୍ଲକ ଜାମଟିକ୍ରା ଗ୍ରାମରେ ଗୁରୁବାର ବଜ୍ରପାତରେ ଏକ ଗାଈର ମୃତ୍ୟୁ ହୋଇଛି । ମୃତ ଗାଈଟି ସନ୍ତୋଷ ଠାଠୀଙ୍କ ବୋଲି ଜଣାପଡ଼ିଛି । ତାଙ୍କର ୩ଟି ଗାଈ ଚରୁଥିବାବେଳେ ବଜ୍ରପାତ ହୋଇଥିଲା ।

**ODISHA JOINT ENTRANCE EXAMINATION-2019 (OJEE - 2019)**

**No:-270/OJEE19** **Date : 20-06-2019**

**NOTICE REGARDING WEB COUNSELLING for B.TECH / B.ARCH / Int. MSc**

OJEE web-based Counselling process for B.TECH/B.ARCH/Int. MSc is going to start from 21st June 2019. For detailed schedule, seat position and counselling brochure, please go through OJEE website **www.ojee.nic.in / www.odishajee.com**. Schedules for other courses will be published soon.

**Sd/-**
**CHAIRMAN, OJEE**



ରିଲିଜ୍‌ର ୧୮ବର୍ଷ ପରେ ବି 'ଲଗନ୍' ଏହାର ସ୍ମରଣୀୟ ଏବଂ ଦୀର୍ଘ ଯାତ୍ରା ଜାରି ରଖିଛି ।
- ଅମିର ଖାନ୍, ବଲିଉଡ୍ ଅଭିନେତା



## ସଂକ୍ଷେପରେ

### ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର

ଭଟଲି, ୨୦।୬(ଡି.ଏନ୍.ଏ.) ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ବାଞ୍ଜିପାଲି ଛକ ନିକଟରେ ବୁଧବାର ରାତିରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି । ମୃତକ ଶ୍ରଦ୍ଧାକର ଭୁଏ(୫୦) ବୋଲି ଜଣାପଡ଼ିଛି । ପୋଲିସ ଏ ନେଇ ଏକ ମାମଲା (ନଂ.୧୧୪/୧୯) ରୁଜୁ କରିବା ସହ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବୁଧବାର ରାତିରେ ଭଟଲି ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ମୃତଦେହ ରାସ୍ତାକଡ଼ରେ ପଡ଼ିଥିବା ଦେଖିବାକୁ ପାଇଥିଲା । ପ୍ରାଥମିକ ତଦନ୍ତରୁ କୌଣସି ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି ।



### କଫ ସିରପ୍ ଜବତ, ଜଣେ ଗିରଫ

ପଦ୍ମପୁର, ୨୦।୬ (ଡି.ଏନ.ଏ) ପଦ୍ମପୁର–ଜଗଦଲପୁର ରାସ୍ତାର ଜଟିଆବନ୍ଧ ପାଖରେ ଥିବା ଏକ ହୋଟେଲରେ ପଦ୍ମପୁର ପୋଲିସ ଗୁରୁବାର ମଧ୍ୟାହ୍ନରେ ଚଢାଉ କରି ୧୮୦ ବୋତଲ କଫ ସିରପ୍, ୨ ଷ୍ଟ୍ରିପ ଆଲପ୍ରାକ୍ସ ଟାବଲେଟ ସହ ନଗଦ ୧୦ ହଜାର ୮୭୦ ଟଙ୍କା ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ସୋମନାଥ ପାତ୍ରଙ୍କୁ ଗିରଫ କରାଯାଇଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ. ୧୨୧/୧୯) ରୁଜୁ ହୋଇଛି । ପଦ୍ମପୁର ଆଇଆଇସି ମାନସରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ।

### ଟ୍ରକ୍ ଅଟକାଇ ଲୁଟ ଅଭିଯୋଗ

ବରପାଲି, ୨୦।୬ (ଡି.ଏନ.ଏ)- ବରଗଡ଼ ଜିଲା ବରପାଲି ୨୬ ନମ୍ବର ରାଜପଥର ବଲାଙ୍ଗୀର ରାସ୍ତାର ତେଲିପଡା ଛକଠାରେ କେତେକ ଦୁର୍ବୃତ୍ତ ଏକ ଲାଇନ ଟ୍ରକ୍ (ନଂ. ୟୁପି ୭୮ ବିଏନ- ୧୧୫୧)କୁ ଅଟକାଇ ଲୁଟ କରିଛନ୍ତି। ବୁଧବାର ରାତିରେ ୬ଜଣ ଦୁର୍ବୃତ୍ତ ୨ଟି ବାଇକରେ ଆସି ଡ୍ରାଇଭର ସୋନୁ ସିଂ (୨୮) ଓ ଟ୍ରକରେ ଥିବା ମଧ୍ୟପ୍ରଦେଶ ଅଞ୍ଚଳର ଦେବେନ୍ଦ୍ର ସିଂ (୨୫) ଏବଂ ରାଘବେନ ଲୋଦି (୨୨)ଙ୍କୁ ମାଡମାରି ତାଙ୍କଠାରୁ ନଗଦ ୩ହଜାର ଟଙ୍କା, ୩ଟି ମୋବାଇଲ, ଏଟିଏମ, ଆଧାର, ପାନ୍ କାର୍ଡ ସହ ଲାଇସେନ୍ସ ଆଦି ଲୁଟ କରି ଫେରାର ମାରିଥିଲେ । ଏ ନେଇ ଡ୍ରାଇଭର ସୋନୁ ସିଂ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା (ନଂ. ୧୪୬/୧୯) ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି । ଟ୍ରକକୁ ସ୍ଥାନୀୟ ଗାନ୍ଧୀଛକରେ ଅଟକ ରଖି ତଦନ୍ତ କରାଯାଉଥିବା ପୋଲିସ ସୂତ୍ରରୁ ପ୍ରକାଶ ।

### ଘଡ଼ଘଡ଼ି ସହ ବର୍ଷା, ତାତିରୁ ତ୍ରାହି

ଗଣ୍ଡତୁରୁମ, ୨୦।୬ (ଡି.ଏନ.ଏ)- ଭେଡେନ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଘଡଘଡି ସହ ବର୍ଷା ହୋଇଛି । ଏହି ବର୍ଷା ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଆଣି ଦେଇଛି। ପ୍ରବଳ ଖରା, ଝାଞ୍ଜି ପବନ ଓ ଗୁଳୁଗୁଳିରେ ସନ୍ତୁଥିବା ମଣିଷ ଓ ପଶୁପକ୍ଷୀ ତାତିରୁ ତ୍ରାହି ପାଇଛନ୍ତି । ବର୍ଷାରେ ମାଟି ଭିଜିବା ପରେ ଚାଷୀମାନଙ୍କ ମଧ୍ୟରେ ହସ ଫୁଟିଛି । ଚାଷୀ ଚାଷ କାମ ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳୁଛି । ପାଣି ଅଭାବରୁ ଏପର୍ଯ୍ୟନ୍ତ ଧାନ ତଳି ପକାଇବା ସମ୍ଭବ ହେଉ ନ ଥିଲା। ଏବେ ଅନୁକୂଳ ସମୟ ଆସିଛି । ଶୁଖିଲା ଜମିରେ ଅକ୍ଷୟ ତୃତୀୟା ପରେ ବୁଣିଥିବା ଧାନ ଗଛ ବଞ୍ଚିବାର ଆଶା ଉଜ୍ଜୀବୀତ ହୋଇଛି।

### ପାଇକମାଳରେ ବିଏସଏନ୍‌ଏଲ୍ ସେବା ବନ୍ଦ

ପାଇକମାଳ,୨୦।୬ (ଡି.ଏନଏ.) ପାଇକମାଳ ଅଞ୍ଚଳରେ ୫ ଦିନ ହେଲା ବିଏସଏନଏଲ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡିଛି । ଫଳରେ ଅଞ୍ଚଳରେ ଜନଅସନ୍ତୋଷ ପ୍ରକାଶ ପାଇଛି । ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ସେବା, ଡାକ ସେବା ନ ପାଇ ଲୋକେ ଫେରି ଯାଉଛନ୍ତି । ସେବା ବନ୍ଦ ଥିବାରୁ ବ୍ୟବସାୟିକ ଅନୁଷ୍ଠାନ ମଧ୍ୟ ସେମାନଙ୍କ ବ୍ୟବସାୟ ଠିକ୍ ଭାବେ କରି ପାରୁନାହାନ୍ତି । ଏହା ସହିତ ବ୍ରଡ୍‌ବ୍ୟାଣ୍ଡ ଚାଲୁ ନ ଥିବାରୁ ଛାତ୍ରୀଛାତ୍ରମାନଙ୍କର ଅନ୍‌ଲାଇନ ନାମଲେଖା ଓ ଅନ୍ୟାନ୍ୟ କାମରେ ବାଧା ସୃଷ୍ଟି ହୋଇଛି । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।



ତ୍ରିପାକ୍ଷିକ ବୈଠକରେ ଯୋଗଦେବାକୁ ଆସିଥିବା ଚାଷୀମାନେ ଜିଲାପାଳ ଅଫିସ ନିକଟ ଗଛମୂଳେ ବସିଛନ୍ତି ।

■ ଚାଷୀଙ୍କୁ ମିଳିନି ୨୦୧୬ ଫସଲକ୍ଷତିର ବୀମା କ୍ଷତିପୂରଣ

# ରିଟ୍ ପିଟିଶନ ପରେ ତତ୍ପରତା

ବରଗଡ଼ ଅଫିସ୍,୨୦।୬

ବର୍ତ୍ତମାନ ୨୦୧୯ ଖରିଫ ଫସଲ ପାଇଁ ଚାଷକାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ୨୭ ପଞ୍ଚାୟତ ମଧ୍ୟରୁ ୧୩ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ ୨୦୧୬ ଫସଲକ୍ଷତିର ବୀମା କ୍ଷତିପୂରଣ ମିଳିନାହିଁ । ସେତେବେଳେ ସୋହେଲା ବ୍ଲକର ଅନ୍ୟ ପଞ୍ଚାୟତର ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳିଥିବାବେଳେ ଛୁରିଆପାଲି, କଲଙ୍ଗାପାଲି, ସୋହେଲା, ଟୁଙ୍ଗିବନ୍ଧଲି, ପଣ୍ଡକିପାଲି (ଲୁହୁରାଚଟି), ଘେଁସ, କୁଚିପାଲି, ଶନିମାଲ, ବେହେରାପଲି, ସରକଣ୍ଡା, କରଣ୍ଡୋଲା, ଜଟଲା ଏବଂ ଶ୍ରୀଗିଡ଼ା ପଞ୍ଚାୟତର ଚାଷୀମାନେ ସେଥିରୁ ବଞ୍ଚିତ ହୋଇଥିଲେ । ଏ ନେଇ ସମ୍ପୃକ୍ତ ପଞ୍ଚାୟତର ଚାଷୀମାନେ ବୀମା କ୍ଷତିପୂରଣ ମିଳିବା ଆଶାରେ ବାରମ୍ବାର ଜିଲାପାଳ ଅଫିସକୁ ଧାଁ ଧପଡ଼ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଛୁରିଆପାଲି, କଲଙ୍ଗାପାଲି, ସୋହେଲା, ଟୁଙ୍ଗିବନ୍ଧଲି ଓ ପଣ୍ଡକିପାଲି ପଞ୍ଚାୟତର ଚାଷୀମାନେ ସେ ନେଇ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ । ସେହି ରିଟ୍ ପିଟିଶନକୁ ଗ୍ରହଣ କରି ହାଇକୋର୍ଟ ଗତ ଏପ୍ରିଲ ୧୧ତାରିଖରୁ ଏକ ଆଦେଶନାମାରେ ୩ମାସ ମଧ୍ୟରେ ସେ ନେଇ ରିପୋର୍ଟ ଦେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଏକ ତ୍ରିପାକ୍ଷିତ ବୈଠକ ଡକାଯାଇଥିଲା। ବୈଠକରେ କେଉଁ ପରିସ୍ଥିତିରେ ସମ୍ପୃକ୍ତ ପଞ୍ଚାୟତର ଚାଷୀମାନେ ବାଦ୍ ପଡ଼ିଲେ, ସେ ନେଇ ସମୀକ୍ଷା କରାଯାଇଥିଲା। ସମୀକ୍ଷାରେ ଛୁରିଆପାଲି, କଲଙ୍ଗାପାଲି, ସୋହେଲା, ଟୁଙ୍ଗିବନ୍ଧଲି ପଞ୍ଚାୟତର ଚାଷୀମାନେ ବୀମା କ୍ଷତିପୂରଣ ପାଇବା ପାଇଁ ହକ୍‌ଦାର ବୋଲି ମତପ୍ରକାଶ ପାଇବା ପରେ ଆସନ୍ତା ଜୁଲାଇ ୯ତାରିଖ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ଯୋଗାଇ ଦେବା ପାଇଁ ଜିଲାପାଳ ତ୍ରିପାଠୀ ବୀମା କମ୍ପାନୀ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ତାହା ନ ହେଲେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସୂଚାଇ ଦେଇଥିଲେ।

### ଚାଷୀମାନେ ଯାହା କୁହନ୍ତି...



" ୨୦୧୬ ଖରିଫରେ ୫ଏକର ଜମିର ଧାନ ଫସଲ ଉଜୁଡ଼ି ଯାଇଥିଲା । ମାତ୍ର ଏପର୍ଯ୍ୟନ୍ତ ବୀମା କ୍ଷତିପୂରଣ ମିଳିନାହିଁ । ପ୍ରଶାସନକୁ ଫେରାଦ ହେବା ପରେ କିଛି ସୁଫଳ ମିଳି ନ ଥିଲା । ଫଳରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲୁ । -**କ୍ଷୀରୋଦ୍ର ପ୍ରଧାନ**, କଲଙ୍ଗାପାଲ



" ୯ଏକର ଜମିରେ ଚାଷ କରିଥିଲି । ୮୫ହଜାର ଟଙ୍କା କୃଷିଋଣ ଆଣିଥିଲି । ହେଲେ ସବୁ ନଷ୍ଟ ହୋଇଥିଲା । ବୀମା କ୍ଷତିପୂରଣ ମିଳିନାହିଁ । ହାଇକୋର୍ଟଙ୍କ ଆଦେଶ ପରେ ତାହା ମିଳିବ ବୋଲି ଆଶା ରଖିଛି । -**ପୌଲସ୍ତି ପାତ୍ର**, ଛୁରିଆପାଲି



" ସାଢ଼େ ୩ଏକର ଜମିରେ ଧାନଚାଷ କରିଥିଲି । କିଛି ଅମଳ ହୋଇ ନ ଥିଲା। ୫୦ହଜାର ଟଙ୍କା କୃଷିଋଣ କରିଥିଲି । ବୀମା କ୍ଷତିପୂରଣ ମଧ୍ୟ ମିଳିଲା ନାହିଁ। ସେହିଦିନଠାରୁ ବହୁ କଷ୍ଟରେ ଚାଷବାସ କରି ଆସୁଛୁ। -**ହୃଷିକେଶ ନାୟକ**, ଟୁଙ୍ଗିବନ୍ଧଲି



" ୫ ଏକର ଜମିରେ ଚାଷ କରିଥିଲି । ସେତେବେଳେ ୮୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହୋଇଥିଲା । ହେଲେ ମରୁଡ଼ି ଯୋଗୁ କିଛି ଅମଳ ହୋଇପାରି ନ ଥିଲା । ବୀମା କ୍ଷତିପୂରଣ ମିଳିଲେ ତାହା କିଛି ସହାୟକ ହେବ ବୋଲି ଆଶା ଥିଲା । କିନ୍ତୁ ତାହା ବି ମିଳିନି । -**ଦିଲୀପ ଭୋଇ**, ସୋହେଲା



" ୪ଏକର ଜମିରେ ଧାନଚାଷ କରି ୮୦ହଜାର ଟଙ୍କା କୃଷିଋଣ କରିଥିଲି । କିନ୍ତୁ ସବୁ ଫସଲ ନଷ୍ଟ ହୋଇଥିଲା । ପ୍ରଶାସନକୁ ଜଣାଇବା ସତ୍ତ୍ୱେ ବୀମା କ୍ଷତିପୂରଣ ନ ମିଳିବାରୁ ହାଇକୋର୍ଟକୁ ଫେରାଦ ହେଲୁ । -ନରେନ୍ଦ୍ର କୁମାର ସାହୁ, ପଣ୍ଡକିପାଲି

# ତାତିରେ ସ୍କୁଲ ଖୋଲିବା ନିଷ୍ପତ୍ତି, ତେଜୁଛି ଅସନ୍ତୋଷ

ବରଗଡ଼ ଅଫିସ୍,୨୦।୬

ପୂର୍ବ ଓଡିଶାରେ ତାତି କମିଥିଲେ ମଧ୍ୟ ପଶ୍ଚିମ ଓଡିଶାରେ କମିନି । ମାତ୍ର ରାଜ୍ୟ ସରକାର ପୂର୍ବ ନିଷ୍ପତ୍ତିକୁ ବଦଳାଇ ଶୁକ୍ରବାର ସ୍କୁଲ ଖୋଲିବାକୁ ପୁନଃ ନିଷ୍ପତ୍ତି ନେଇଛନ୍ତି। ଏହି ଖବର ଜଣାପଡିବା ପରେ ବରଗଡ଼ ଜିଲାର ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । କାରଣ ଏବେ ମଧ୍ୟ ବରଗଡ଼ ଜିଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଏଭଳି ଅସହ୍ୟ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଫଳରେ ଟାଣଖରାରେ କୋମଳମତି ଛାତ୍ରୀଛାତ୍ର ସ୍କୁଲକୁ କିଭଳି ଯିବାଆସିବା କରିବେ, ସେ ନେଇ ଅଭିଭାବକମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ସେହିପରି ଅନେକ ସ୍କୁଲରେ ପଙ୍ଖା ଲାଗି ନ ଥିବାରୁ ତାତି ତଥା ଗୁଳଗୁଳିରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା କଷ୍ଟସାଧ୍ୟ ହୋଇ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏପରିକି ଅଂଶୁଘାତ ସମ୍ଭାବନା ରହିଛି ବୋଲି କେତେକ ସଚେତନ ନାଗରିକ ମତବ୍ୟକ୍ତ କରିଛନ୍ତି । ପ୍ରକାଶଥାଉକି, ରାଜ୍ୟ ସରକାର ପୂର୍ବରୁ ଗତ ୧୯ତାରିଖରେ ସ୍କୁଲ ଖୋଲିବ ବୋଲି ଘୋଷଣା କରିଥିଲେ । ପରେ ଏହାକୁ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ । ହେଲେ ଗୁରୁବାର ପୁନଃ ନିଷ୍ପତ୍ତି ନେଇ ଶୁକ୍ରବାରଠାରୁ ରାଜ୍ୟର ସ୍କୁଲଗୁଡ଼ିକ ଖୋଲିବ ବୋଲି ଘୋଷଣା କରିଛନ୍ତି ।



ଟାଣଖରା ଯୋଗୁ ଲୋକେ ମୁଣ୍ଡ ଘୋଡ଼ାଇ ଯାତାୟାତ କରୁଛନ୍ତି ।

# ଧାନ ବୋଝେଇ ଟ୍ରକ୍‌ରେ ନିଆଁ

ବରଗଡ଼ ଅଫିସ୍,୨୦।୬

ବରଗଡ଼ ଜିଲା ବିଜେପୁର–ଗାଇସିଲେଟ୍ ରାସ୍ତାର ନୂଆଁପାଲି ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ଦେଢ଼ଟା ସମୟରେ ଏକ ଧାନ ବୋଝେଇ ଟ୍ରକ୍ (ନଂ. ଓଆର୧୩ଏମ/୧୩୬୨)ରେ ଆକସ୍ମିକ ଭାବେ ନିଆଁ ଲାଗି ଯାଇଥିଲା । ଟ୍ରକ୍‌ର ସମ୍ମୁଖ ଭାଗରୁ ନିଆଁ ଲାଗି ବ୍ୟାପିବାରୁ ସେଥିରେ ବୋଝେଇ ହୋଇଥିବା କିଛି ଧାନ ମଧ୍ୟ ପୋଡ଼ି ନଷ୍ଟ ହୋଇଥିଲା। ସୌଭାଗ୍ୟବଶତଃ ଟ୍ରକ୍ ଡ୍ରାଇଭର, ହେଲପର ଓହ୍ଲାଇ ପଡ଼ିବାରୁ ରକ୍ଷା ପାଇଯାଇଥିଲେ । ଖବର ପାଇ ବିଜେପୁର ଦମକଳ କେନ୍ଦ୍ରରୁ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଟ୍ରକରେ ଲାଗିଥିବା ବ୍ୟାଟେରୀ ସଟ୍ ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଣ୍ଡାଖାଇ ପ୍ରାଥମିକ କୃଷି ସମବାୟ ସମିତିରୁ ଟ୍ରକ୍‌ଟି ଧାନ ବୋଝେଇ କରି ବିଜେପୁରର ଏକ ରାଇସ୍ ମିଲକୁ ଯିବା ବାଟରେ ଏହି ଘଟଣା ଘଟିଥିଲା ।



ନିଆଁ ଲାଗିଥିବା ଧାନ ବୋଝେଇ ଟ୍ରକ ।

# ଖଜୁରଟିକ୍ରା ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨୦।୬

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଖଜୁରଟିକ୍ରା ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏଥିରେ ବରଗଡ଼ ପୌରାଞ୍ଚଳର ୫ଟି ଦଳ ଅଂଶଗ୍ରହଣ କରିଛନ୍ତି । ଦୀର୍ଘ ୬ଦିନ ଧରି ଏହି ପ୍ରତିଯୋଗିତା ଚାଲିବ । ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ଟ୍ରଫି ସହିତ ୧୫ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ୮ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଉଦଘାଟନୀ ମ୍ୟାଚରେ ଶ୍ରୀକାନ୍ତ ପ୍ରଧାନ ଓ ରାଜେଶ ଷଡ଼ଙ୍ଗୀ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । ସେହିପରି ଶୁଭମ ଷଡ଼ଙ୍ଗୀ ସ୍କୋରର ଥିଲେ ।



ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ଗହଣରେ ଆୟୋଜକ, ଖେଳାଳିମାନେ ।

# ବଜ୍ରପାତରେ ମନ୍ଦିର କ୍ଷତିଗ୍ରସ୍ତ

ବରଗଡ଼ ଅଫିସ୍,୨୦।୬

ବରଗଡ଼ ଜିଲା କୁରୁଆଁସ୍ଥିତ ବହୁ ପୁରାତନ ଉମା ମାହେଶ୍ୱରୀ ମନ୍ଦିର ଶୁକ୍ରବାର ଅପରାହ୍ନରେ ହୋଇଥିବା ବଜ୍ରପାତରେ କ୍ଷତିଗ୍ରସ୍ତ ହୋଇଛି । ମନ୍ଦିରର ବିଭିନ୍ନ ସ୍ଥାନ ଭାଙ୍ଗି ଯାଇଛି। ମନ୍ଦିର ଏଭଳି କ୍ଷତିଗ୍ରସ୍ତ ହେବା ସ୍ଥାନୀୟ ଶ୍ରଦ୍ଧାଳୁଙ୍କୁ ଚକିତ କରିଛି। ବଜ୍ରପାତରେ ମନ୍ଦିର କ୍ଷତିଗ୍ରସ୍ତ ହେବା ପରେ ବହୁ ଭକ୍ତ ମନ୍ଦିରରେ ଭି ଲଗାଇଥିଲେ।



କୁରୁଆଁ ଗ୍ରାମର ଉମା ମାହେଶ୍ୱରୀ ମନ୍ଦିର ।

■ ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଅବହେଳିତ

# ବିଶେଷଜ୍ଞ ଡାକ୍ତର ଦାବିରେ ଅନଶନ ଜାରି

ବିଜେପୁର, ୨୦।୬ (ଡି.ଏନ.ଏ)

ବିଜେପୁର ବ୍ଲକର ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ଓ ସହଯୋଗୀ ନିଯୁକ୍ତି ଦାବିରେ ସଚେତନ ନାଗରିକଙ୍କ ଦ୍ୱାରା ଚାଲିଥିବା ଆମରଣ ଅନଶନ ଗୁରୁବାର ଥିଲା ଦ୍ୱିତୀୟ ଦିବସ । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବିଜେପୁର ବ୍ଲକ ସମେତ ଆନ୍ତବ୍ଲକ ସୋହେଲା, ବରପାଲି, ଗାଇସିଲେଟ ଅଞ୍ଚଳର ରୋଗୀ ନିର୍ଭର କରୁଛନ୍ତି । ଚିରମରୁଡି ପ୍ରପୀଡିତ ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଏହି ବ୍ଲକର ଜନସାଧାରଣଙ୍କ ଆର୍ଥିକ ପରିସ୍ଥିତି ସେତେଟା ସ୍ୱଚ୍ଛଳ ନୁହେଁ । ହେଲେ ଏଠି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହେଉ ନ ଥିବାରୁ ରୋଗୀମାନେ ବରଗଡ, ବରପାଲି, ବୁର୍ଲା ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଫଳରେ ଏହି ଆମରଣ ଅନଶନକୁ ଜନସମର୍ଥନ ବୃଦ୍ଧି ପାଇବାରେ ଲାଗିଛି । ବୁଧବାର ଶକୁନ୍ତଳା ମହାପାତ୍ର, ସଦାନନ୍ଦ ପୂଜାରୀ, ନରସିଂହ ପୂଜାରୀ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଅନଶନକୁ ସମର୍ଥନ ଜଣାଇଥିଲେ । ଗୁରୁବାର ସ୍ଥାନୀୟ ଅଟୋ ଚାଳକ ସଂଘ ଓ ବଣିକ ସଂଘର କର୍ମକର୍ତ୍ତା ପହଞ୍ଚି ଆନ୍ଦୋଳନକୁ ସମର୍ଥନ କରିଥିଲେ। ବୁଧବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏନ. କେ. ପାଢ଼ୀ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ଗୁରୁବାର ସୁଦ୍ଧା ଡାକ୍ତର ନିଯୁକ୍ତି କରିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଠି ବିଶେଷଜ୍ଞ ଡାକ୍ତର ଯୋଗଦାନ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ନ ହଟିବାକୁ ସେମାନେ ଅଡି ବସିଥିଲେ । ଗୁରୁବାର ମଧ୍ୟାହ୍ନରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ତହସିଲଦାର ପଦ୍ମନାଭ ସାମନ୍ତରାୟ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ । ଆଗାମୀ ଦଶ ଦିନ ମଧ୍ୟରେ ଏଠି ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇ ଆନ୍ଦୋଳନରୁ ଓହରି ଯିବାକୁ ନିବେଦନ କରିଥିଲେ । ହେଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଥିବା ବେଳେ ଉପଜିଲାପାଳଙ୍କ ପ୍ରତିଶ୍ରୁତିକୁ ଆନ୍ଦୋଳନକାରୀମାନେ ଅଗ୍ରାହ୍ୟ କରି ଦେଇଥିଲେ । ତେଣୁ ପୂର୍ବପରି ଆମରଣ ଅନଶନ ଅବ୍ୟାହତ ରହିଛି। ସୁଶାନ୍ତ ଗଡତିୟା, ମାନସରଞ୍ଜନ ମେହେର, ସଂଗ୍ରାମ ନନ୍ଦ, ଦୀନବନ୍ଧୁ ଦେହେରୀ, ଜିତେନ୍ଦ୍ର ଅଦାବର, ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ ଅନଶନରେ ବସିଛନ୍ତି ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ବାଚନ ମଣ୍ଡଳୀକୁ ନିଜର ଦ୍ୱିତୀୟ ନିର୍ବାଚନ ମଣ୍ଡଳୀ ଭାବେ ଘୋଷଣା କରିଥିଲେ । ତେଣୁ ରାଜ୍ୟ ରାଜନୀତିରେ ବିଜେପୁର ଏକ ଚର୍ଚ୍ଚିତ ସ୍ଥାନ ପାଲଟିଛି। ପଶ୍ଚିମ ଓଡିଶାବାସୀଙ୍କ ଅନୁରୋଧକୁ ରକ୍ଷାକରି ସେ ସାଧାରଣ ନିର୍ବାଚନରେ ବିଜେପୁର ବିଧାୟକ ପ୍ରାର୍ଥୀ ହୋଇ ଦୀର୍ଘ ବ୍ୟବଧାନରେ ବିଜୟୀ ହୋଇଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଏହି ନିର୍ବାଚନ ମଣ୍ଡଳୀରୁ ଇସ୍ତଫା ଦେଇ ଉପନିର୍ବାଚନର ବାଟ ପରିଷ୍କାର କରିଦେଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ବଡ ପ୍ୟାକେଜ ଘୋଷଣା ବେଳେ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ପୂର୍ଣ୍ଣ ଡାକ୍ତର ପଦବୀ ପୂରଣ କରାଯିବାରେ ଘୋଷଣା କରିଥିଲେ। ମାତ୍ର ପରିତାପର ବିଷୟ, ଅଦ୍ୟାବଧି ଏହି ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଏହା ଧୂଆଁବାଣ ବୋଲି ଆଲୋଚନା ଜୋର୍ ଧରିଛି ।




ଉପଜିଲାପାଳ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି ।



ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା,
ତେବେ ବୁଦ୍ଧିରେ ମଧ କଳଙ୍କି ଲାଗିଯିବ।
- -ହର୍‌ବର୍ଟ ସାଇମନ୍‌ସ



## ସଂକ୍ଷେପରେ

### ମଦ ବିରୋଧରେ ତେଜିଲେ ମହିଳା

**ବିନିକା,୨୦।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ଦେଣ୍ଟୁପଦର ଗ୍ରାମରେ କେତେକ ବ୍ୟକ୍ତି ମଦ କାରବାର ଚଳାଇଛନ୍ତି। ଏହାକୁ ରୋକିବା ଦିଗରେ ଅବକାରୀ ବିଭାଗ ଓ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁ ଫଳରେ ମଦ ବେପାରୀମାନେ ସେମାନଙ୍କ କାରବାରକୁ ଅବାଧରେ ବଢାଇ ଚାଲିଛନ୍ତି। ଏଥିଯୋଗୁ ଗାଁରେ ସବୁବେଳେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେଉଛି। ଏଥିରେ ଅତିଷ୍ଠ ହୋଇ ଗୁରୁବାର ମହିଳାମାନେ ଏକତ୍ରିତ ହୋଇ ଗାଁରେ ଚାଲିଥିବା ୪ଟି ଖୁଚୁରା ଦେଶୀ ମଦଦୋକାନ ବନ୍ଦ କରିବା ନେଇ ବ୍ଲକ୍ ଅଧକ୍ଷ ଅଶୋକ ନନ୍ଦ, ବିନିକା ଥାନା ଅଧିକାରୀ ରାଜେନ୍ଦ୍ର ସାମରିଆଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଗାଁରେ ମଦ କାରବାର ବନ୍ଦ ନ ହେଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକପନ୍ଥା ଆପଣାଇବେ ବୋଲି ଚେତାବନୀ ମଧ ଦେଇଛନ୍ତି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ବିନିକା,୨୦।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା-ସୋନପୁର ମୁଖ୍ୟରାସ୍ତାର ଅଙ୍ଗନଦୀ ବ୍ରିଜ୍ ନିକଟରେ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେଲେଡି ଗ୍ରାମର ମଣ୍ଟୁ ବାଘ(୨୨)। ମଣ୍ଟୁ ବାଇକ୍‌ରେ ବିନିକା ପଟୁ ସୋନପୁର ଆଡକୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ବ୍ରିଜ୍ ନିକଟରେ ଗାଡିରୁ ଖସି ପଡି ନିକଟବର୍ତ୍ତୀ ସମେଣ୍ଟ ଖୁଣ୍ଟରେ ପିଟି ହୋଇଥିଲେ। ଆଖପାଖ ଲୋକେ ଦୁର୍ଘଟଣା ବିଷୟରେ ମହାଦେବପାଲି ଫାଣ୍ଡିକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଛି। ଏ ନେଇ ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦୩/୧୯) ରୁଜୁ ହୋଇଛି।

ଜମି ଜାଲିଆତି, ଠକେଇ ଘଟଣା

# ୭ଜଣଙ୍କ ନାମରେ ପୁଣିଥରେ ମାମଲା

## ଅଭିଯୁକ୍ତଙ୍କ ମଧରେ ପୂର୍ବତନ ତହସିଲଦାର, ଅତିରିକ୍ତ ତହସିଲଦାର

**ଅମରପାଲି, ୨୦।୬ (ଡି.ଏନ.ଏ.)**

- ବୀରମହାରାଜପୁର ତହସିଲ
- ୧.୫୬୦ ଏକର ଜମି ହଡ଼ପ ଅଭିଯୋଗ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଧିନ ମଧୁପୁର ଗ୍ରାମରେ ହୋଇଥିବା ଜମି ଜାଲିଆତି ଓ ଠକେଇ ଅଭିଯୋଗରେ ବୀରମହାରାଜପୁରର ପୂର୍ବତନ ତହସିଲଦାରଙ୍କ ସମେତ ୭ଜଣଙ୍କ ନାମରେ ପୁଣି ଥରେ ମାମଲା ରୁଜୁ କରାଯାଇଛି । ମଧୁପୁର ଗ୍ରାମର ରବୀନ୍ଦ୍ର କୁମାର ମହାରଣା ଏ ନେଇ ମାମଲା ରୁଜୁ କରିଛନ୍ତି । ତାଙ୍କର ୧.୫୬୦ ଏକର ଜମି ଜାଲିଆତି ଓ ଠକେଇ ହୋଇଥିବା ଅଭିଯୋଗ କରିଛନ୍ତି । ବୀରମହାରାଜପୁର ଥାନାରେ ପୂର୍ବତନ ତହସିଲଦାର ରବୀନ୍ଦ୍ରନାଥ ମଲ୍ଲ, ମୁର୍ଷୁଣ୍ଡୀ ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ପରିଡା, ୨୦୧୫ ମସିହାରେ ତହସିଲରେ କାର୍ଯ୍ୟ କରୁଥିବା ଅତିରିକ୍ତ ତହସିଲଦାର, ରେକର୍ଡ କିପର, ମ୍ୟୁଟେସନ କିରାଣୀ, ଅମିନ ଏବଂ ସୌଦାମିନୀ ଶତପଥୀ, କହ୍ନେଇ ଶତପଥୀ ଓ ବିଶ୍ୱକଲ୍ୟାଣ ପଣ୍ଡାଙ୍କ ନାମରେ ଏକ ମାମଲା(ନଂ. ୧୧୭/୧୯)ରୁଜୁ କରାଯାଇଛି ।

ଅଭିଯୋଗ ମତେ, ରବୀନ୍ଦ୍ର କୁମାର ମହାରଣା ମଧୁପୁର ଗ୍ରାମର ବାସିନ୍ଦା ଅଟନ୍ତି । ମଧୁପୁର ମୌଜାର ଖାତା ନଂ. ୧୯ ଓ ୨୦ର ପ୍ରଜା ବାସନ୍ତି ଦାସ ତାଙ୍କର ୮.୧୦୦ ଏକର ଜମିକୁ ରବୀନ୍ଦ୍ର କୁମାର ମହାରଣାଙ୍କୁ ବିକ୍ରିକରି ବିକ୍ରୟ କବଲା ଦଲିଲ ନମ୍ବର- ୧୧୬୭୧୫୦୦୧୩୬୪ କରିଦେଇଛନ୍ତି। ସେହିଦିନଠାରୁ ରବୀନ୍ଦ୍ର ଉକ୍ତ ଜମିକୁ ଭୋଗଦଖଲ କରିଆସୁଛନ୍ତି । ରବୀନ୍ଦ୍ର କିଣିଥିବା ଜମି ଉପରେ ବାକିଥିବା ଖଜଣା ପୈଠ କରିବା ପାଇଁ ଗତ ୨୨ ଜୁନ, ୨୦୧୮ ତାରିଖରେ ମୁର୍ଷୁଣ୍ଡୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଖାତା ନଂ. ୨୦ର ଖଜଣା ରଖିଥିବା ବେଳେ ଖାତା ନଂ. ୧୯ରେ ଥିବା ୧.୫୬୦ ଏକର ଜମିର ଖଜଣା ନ ରଖି ଏହି ଖାତାର ସମସ୍ତ ଜମି ଖାତା ନଂ. ୩୩/୫ରେ ରେକର୍ଡ ପରିବର୍ତ୍ତନ ହୋଇସାରିଛି ବୋଲି କହିଥିଲେ। ରବୀନ୍ଦ୍ର ଏହାର ନକଲ ମାଗିବାରୁ ଜାଣିବାକୁ ପାଇଲେ ଯେ, ତହସିଲ କାର୍ଯ୍ୟାଳୟ ରେକର୍ଡ ରୁମରେ ଥିବା ମଧୁପୁର ମୌଜାର ଖାତା ନଂ. ୧୯ ଓ ୨୦ର ମଦରଆର ଓ ଆରର ଦୁଇଖାନା ଏବଂ ମ୍ୟୁଟେସନ କେସ ରେକର୍ଡ ୬୬୮/୭, ୬୯୯/୭ର ଅର୍ଡର ସିଟ, ଆରଆଇ ରିପୋର୍ଟ ଆଦିକୁ ହେରଫେର କରି ପ୍ରଜାଙ୍କ ନାମକୁ ବସନ୍ତ ଦାସ ଜାଗାରେ ସୌଦାମିନୀ କରି ଦିଆଯାଇଛି । ଜାଲିଆତି କରି ବିକ୍ରୟ କବଲା ଦଲିଲ ନଂ. ୧୧୬୭୧୫୦୦୮୯୦ ଓ ତହସିଲ କାର୍ଯ୍ୟାଳୟରେ ଜାଲିଆତି କରି ମ୍ୟୁଟେସନ କେସ ରେକର୍ଡ ୯୩୦/୧୫ ପ୍ରସ୍ତୁତ କରି ଖାତା ନଂ. ୧୯ରେ ଥିବା ସମସ୍ତ ୧.୫୬୦ ଏକର ଜମିକୁ ୩୩/୫ ଖାତାରେ ରେକର୍ଡ ପରିବର୍ତ୍ତନ କରାଯାଇ ହଡପ କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି ।




ସନତ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

ରିଜର୍ଭ ପ୍ରିମିୟର ଲିଗ୍

# ଖୁସି ଫାଇଟର ବିଜୟୀ

**ସୋନପୁର,୨୦।୬(ନି.ପ୍ର.)**

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ରିଜର୍ଭ ପ୍ରମିୟର ଲିଗ୍(ଆରପିଏଲ-୪)ର ଗୁରୁବାର ମ୍ୟାଚ୍‌ରେ ଖୁସି ଫାଇଟର ବିଜୟୀ ହୋଇଛି। ମ୍ୟାଚ୍ ମାନ୍‌ଭି ବ୍ଲାଷ୍ଟର ଓ ଖୁସି ଫାଇଟର ମଧରେ ମଧରେ ଅନୁଷ୍ଠିତ ହୋଇଥିଲା। ଖୁସି ଫାଇଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ୍ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ସନତ ପାତ୍ର ୨୪ ବଲରୁ ଦୃତ ୫୮ ରନ ସଂଗ୍ରହ କରିଥିଲେ। ୧୨୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ମାନ୍‌ଭି ବ୍ଲାଷ୍ଟର ୭୭ ରନ କରିବାକୁ ସକ୍ଷମ ହୋଇଥିଲେ। ଖୁସି ଫାଇଟରର ସନତ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସୋନପୁର ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ଶ୍ରୀବଲ୍ଲଭ ପଣ୍ଡା ଅତିଥିଭାବେ ଯୋଗ ଦେଇଥିଲେ। ଆଲୋକ ପଣ୍ଡା ଓ କୁନା ନାୟକ ଖେଳ ପରିଚାଳନା କରିଥିଲେ। ରାଜେଶ କୁମାର ପାଣ୍ଡେ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଅଜୁ ମେଣ୍ଡଲି ଧାରା ବିବରଣୀ ପ୍ରଦାନ କରିଥିଲେ। ସୁମିତ ରଥ, ଜୟଦେବ ପାଢୀ, ଶୁଭେନ୍ଦୁ ଥାଟି ଓ କୃତ୍ତିବାସ ମିଶ୍ର ମ୍ୟାଚ୍ ଆୟେଜନରେ ସହଯୋଗ କରିଥିଲେ ।




ବଲାଙ୍ଗୀର ଜିଲା ଟିଟିଲାଗଡ ପୌର ପରିଷଦ ପକ୍ଷରୁ ଆୟୋଜିତ ପ୍ଲାଷ୍ଟିକକୁ ନାଁ କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ବିନିକାରେ ଝଡତୋଫାନ, ବର୍ଷା

**ବିନିକା,୨୦।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଝଡତୋଫାନ ସହ ବର୍ଷା ହୋଇଥିଲା । ବର୍ଷା ସାଙ୍ଗକୁ ପବନ ବେଶୀ ସମୟ ଲାଗି ରହିଥିବାରୁ ବିନିକା-ରାମପୁର ମଧବର୍ତ୍ତୀ ବିଶାଳପାଲି ଓ କମିରା ଛକ୍‌ରେ ଥିବା ବହୁ ଗଛ ଭାଙ୍ଗି ରାସ୍ତାରେ ପଡିଥିଲା । ଫଳରେ ସମ୍ପୃକ୍ତ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ପରେ ସ୍ଥାନୀୟ ଲୋକେ ରାସ୍ତାରେ ପଡିଥିବା ଗଛସବୁ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

### ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବିନିକା,୨୦।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଜେଏମ୍‌ଏଫ୍‌ସି ରମାଦେବୀ ସୋରେନ୍‌ଙ୍କୁ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଗୁରୁବାର ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏନେଇ କୋର୍ଟ ପରିସରରେ ଆୟୋଜିତ ସଭାରେ ଓକିଲ ସଂଘ ଉପସଭାପତି ରଘୁନାଥ କୁମ୍ଭାର ଅଧକ୍ଷତା କରିଥିଲେ। ସମ୍ପାଦକ ହରିବଂଶ ମେହେରଙ୍କ ଆୟୋଜନକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିନିକା ଓକିଲ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନା ।

### ପ୍ରାକୃତିକବିପର୍ଯ୍ୟୟମୁକାବିଲା ସଚେତନତା ମକ୍‌ଡ୍ରିଲ

**ଡୁଙ୍ଗୁରିପାଲି, ୨୦।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲ ବ୍ଲକଅର୍ନ୍ତଗତ ଦିଗସିରା ଗାମର ବହୁମଖୀ ବନ୍ୟା ଆଶ୍ରୟସ୍ଥଳୀରେ ଗୁରୁବାର ଅପରାହ୍ନରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆ ସଭାପତିତ୍ୱ କରିଥିଲେ । ଡୁଙ୍ଗୁରିପାଲି ଅଗ୍ନିଶମ ଅଧିକାରୀ ପ୍ରଭାକର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବର୍ଣ୍ଣପୁର ବିଜୟ କୁମାର ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ୟୁନିଟ ପରାମର୍ଶଦାତା ପ୍ରଶାନ୍ତ କୁମାର ମହାକୁର, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତିଭା ବିଶ୍ୱାଳ, ସାମାଜିକ କର୍ମୀ ଦୀନବନ୍ଧୁ ସୁନା, ସମିତି ସଭ୍ୟ ସୁରୁବାବୁ ମେହେର ଉପସ୍ଥିତ ଥିଲେ । ଏହି ସଭାରେ ଆଗାମୀ ବନ୍ୟା ବିପର୍ଯ୍ୟୟ ମୁକାବିଲା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଅଗ୍ନିଶମ ବିଭାଗର କର୍ମଚାରୀମାନେ ବନ୍ୟା ଆସିଥିବା ସମୟରେ କିପରି ଉଦ୍ଧାର କରାଯାଏ ସେ ବିଷୟରେ ଅଭିନୟ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଅଙ୍ଗନବାଡି କର୍ମୀ, ମହିଳା ଏସ୍‌ଏଚ୍‌ଜି ଓ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଡୁଙ୍ଗୁରିପାଲି ବ୍ଲକ ଜିପିଓ ଶୁଭ୍ରାଂଶୁ ଶେଖର ମଲ୍ଲିକ ସଂଯୋଜନା କରିଥିବା ବେଳେ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତିଭା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘର ସାମ୍ନାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବେଲପଡା, ୨୦।୬(ଡି.ଏନ.ଏ.)**

- ସନ୍ଦେହରେ ୩ଜଣଙ୍କୁ ଥାନାକୁ ଆଣି ପୋଲିସର ପଚରାଉଚରା
- ପରିବାରବର୍ଗ ଆଣିଲେ ହତ୍ୟା ଅଭିଯୋଗ

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସିହିନୀ ଆମପଡାର ମାର୍କଣ୍ଡ ରଣା (୫୫)ଙ୍କ ବୁଧବାର ବିଳମ୍ବିତ ରତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ମୃତକଙ୍କ ପୁଅ ବିଜୁ ରଣା ତାଙ୍କ ବାପାଙ୍କୁ ଗ୍ରାମର ୩ଜଣ ବ୍ୟକ୍ତି ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପାଟଣାଗଡ ଏସ୍‌ଡିପିଓ ସୁରେଶ ନାଏକ ବେଲପଡା ପୋଲିସ ସହ ଘଟଣାସ୍ଥଳକୁ ଯାଇ ତନାଘନା ଚଳାଇଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବେଲପଡା ଥାନାରେ ଏକ ମାମଲା (ନଂ. ୯୨/୧୯)ରୁଜୁ ହୋଇଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ସିହିନୀ ଗାଁର କେତେକ ବ୍ୟକ୍ତି ଙ୍କ ଘର ଓ ପ୍ରହରୀ ମଣ୍ଡପକୁ ଯାଇ ଫେରିଛି। ପୋଲିସ ସନ୍ଦେହରେ ଗ୍ରାମର ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି । ମୃତକଙ୍କ ପୁଅ ବିଜୁ ରଣା ଓ କେତେକ ଗ୍ରାମବାସୀଙ୍କ କହିବା ଅନୁସାରେ ଆମପଡାର ପ୍ରହରୀ ମଣ୍ଡପଠାରେ ବୁଧବାର ସନ୍ଧ୍ୟା ୭ଟାରେ କୌଣସି କାରଣକୁ ନେଇ ମାର୍କଣ୍ଡ ରଣାଙ୍କ ସହ ଗାଁର ଅରୁଣ ରଣାଙ୍କର ମାରପିଟ ହୋଇଥିଲା। ପରେ ରାତି ୯ଟାରେ ଗ୍ରାମ ଶେଷମୁଣ୍ଡରେ ଥିବା ଟ୍ରାନ୍ସଫର୍ମର ନିକଟରେ ପୁଣିଥରେ ଅରୁଣ ରଣା ଓ ତାଙ୍କ ବାପା ଧ୍ରୁବଲେ ରଣା ସହ ମାର୍କଣ୍ଡଙ୍କର ଗଣ୍ଡଗୋଳ ହୋଇଥିଲା । ମାର୍କଣ୍ଡଙ୍କ ପରିବାର ଲୋକେ ବୁଝାଶୁଝା କରି ତାଙ୍କୁ ଘରକୁ ଫେରାଇ ଆଣିଥିଲେ । ପରେ ଏହି ଗଣ୍ଡଗୋଳକୁ ନେଇ ଥାନାକୁ ଯାଉଛି କହି ମାର୍କଣ୍ଡ ସାଇକେଲ ଯୋଗେ ଘରୁ ବାହାରି ଯାଇଥିଲେ। ହେଲେ ସେ ରାତିରେ ଆଉ ଘରକୁ ଫେରି ନ ଥିଲେ । ଗୁରୁବାର ସକାଳୁ ମାର୍କଣ୍ଡଙ୍କ ମୃତଦେହ ତାଙ୍କ ଘର ସାମନାରେ ପଡିଥିବା ଦେଖାଯାଇଥିଲା। ସାଇକେଲ ମଧ ନିକଟରେ ପଡିଥିଲା। ପରିବାର ଲୋକେ ଥାନାକୁ ଆସି ମାର୍କଣ୍ଡଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ମୃତକଙ୍କ ମୁହଁ, ଆଖିପତା, ମୁଣ୍ଡ, ଛାତି ଓ ଜଙ୍ଘ, ମଳଦ୍ୱାର ଓ ଅଣ୍ଡକୋଷରେ ଗଭୀର କ୍ଷତଥିବା ଦେଖାଯାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ତେଣୁ ରହସ୍ୟ ଉନ୍ମୋଚନ ସହ ଅଭିଯୁକ୍ତଙ୍କୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପରିବାର ବର୍ଗ ଓ ଗ୍ରାମବାସୀ ଦାବି କରିଛନ୍ତି।




ଗୁରୁବାର ପୋଲିସ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ପଚରାଉଚୁରା କରୁଛି।

### ରଥଯାତ୍ରା ପାଇଁ ପ୍ରସ୍ତୁତି

**ପାଟଣାଗଡ, ୨୦।୬(ଡି.ଏନ.ଏ.)**

ପାଟଣାଗଡ ଏନଏସି ସଭାଗୃହରେ ଗୁରୁବାର ଆସନ୍ତା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ତହସିଲଦାର ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଡ. ପଣ୍ଡା ଅନୁରୋଧ କରିଥିଲେ। ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗତବର୍ଷର ବିବରଣୀ ପାଠ କରିଥିଲେ। ପାଟଣାଗଡ ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଟ୍ରାଫିକ ସମସ୍ୟା ପ୍ରତିବିଶେଷ ଧ୍ୟାନ ଦେବାପାଇଁ ପ୍ରସ୍ତାବ ରଖାଯାଇଥିଲା। ଆଇନଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ରଥଯାତ୍ରା ପାଇଁ ଦେଢଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଉପଜିଲାପାଳ ଅନୁପସ୍ଥିତ ଥିବାରୁ ଧାରସୂତ୍ରେ ପଇସା ଅଣାଯାଇ ଖର୍ଚ୍ଚ କରାଯିବ ଏବଂ ପରେ ଏହି ଅର୍ଥ ପରିଶୋଧ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ଧନ୍ୟବାଦ ଦେଇଥିଲେ।



ଶିଶୁ ପୁତ୍ରକୁ ଜିଲାପାଳ ହସ୍ତାନ୍ତର କରୁଛନ୍ତି ।

### ସୌମ୍ୟଙ୍କୁ ଗ୍ରହଣ କଲେ ଭୁବନେଶ୍ୱରର ଦମ୍ପତି

**ସୋନପୁର,୨୦।୬(ନି.ପ୍ର.)**

ସୁବର୍ଣ୍ଣପୁରର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର(ସା)ରେ ରହୁଥିବା ୬ମାସର ଶିଶୁ ପୁତ୍ର(ସୌମ୍ୟ)ଙ୍କୁ ଭୁବନେଶ୍ୱରରେ ରହୁଥିବା ଦମ୍ପତି ଗୁରୁବାର ଗ୍ରହଣ କରିଛନ୍ତି। ଏହି ଶିଶୁକୁ ଜିଲାପାଳ ମଧୁସୂଦନ ମିଶ୍ର ଦମ୍ପତିଙ୍କୁ ପ୍ରଦାନ କରିଥିଲେ। ଶିଶୁର ମା' ସ୍ୱଧାର ଗୃହରେ ଥିବା ବେଳେ ମୃତ୍ୟୁବରଣ କରିଥିଲେ। ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନା ପରେ ଶିଶୁ ସାରେ ରହୁଥିଲେ। ଆଇନଗତ ପ୍ରକ୍ରିୟା ସରିବା ପରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆଇନତଃ ଘୋଷଣା କରାଯାଇଥିଲା। ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପରେ ହସ୍ତାନ୍ତର କାର୍ଯ୍ୟକ୍ରମ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନନ୍ଦ କିଶୋର ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଶିଶୁ ମଙ୍ଗଳ ସମିତିର ସଭ୍ୟ ବରୁଣ ମହାନ୍ତି, ଦିଲୀପ ମୁଖି, ସାର ପରିଚାଳକ ମୃତ୍ୟୁଞ୍ଜୟ ଭୁଜବଳ, ସଂଯୋଜକ ତ୍ରିନାଥ ସାହୁ ଓ ଆଇନଜୀବୀ ହେମନ୍ତ ସା ପ୍ରମୁଖ ଉପସ୍ଥିତ ଥିଲେ ।

ରାଜସ୍ୱ ସମୀକ୍ଷା ବୈଠକ

# ବେଆଇନ ଇଟାଭାଟି, ବାଲି ଚାଲାଣରୁ ୧୦ ଲକ୍ଷ ଜରିମାନା ଆଦାୟ

**ସୋନପୁର,୨୦।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ରାଜସ୍ୱ ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ମିଶ୍ର ବୈଠକରେ ଅଧକ୍ଷତା କରିଥିଲେ । ବେଆଇନ ଇଟାଭାଟି ଓ ଅନୁମତି ନଥାଇ ନଦୀ ନାଳରୁ ଚୋରାରେ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଏବଂ ଟ୍ରକ୍‌ରୁ ଜରିମାନା ଆଦାୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଗତ ମେ ୨୮ ତାରିଖରେ ଅନୁଷ୍ଠିତ ଜିଲା ରାଜସ୍ୱ ବୈଠକରେ ରାଜସ୍ୱ ଚୋରୀ ରୋକିବାକୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ତହସିଲ ଅଞ୍ଚଳରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ବେଆଇନ ଇଟାଭାଟି ଓ ବାଲି ଚୋରା ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏପରିକି ଜୁନ୍ ୧୫ ପରେ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା । ସମୀକ୍ଷା ବୈଠକରେ ଜିଲାର ୫ଟି ତହସିଲ ପକ୍ଷରୁ ବେଆଇନ ଇଟାଭାଟିରୁ ୫ ଲକ୍ଷ ୪୯ ହଜାର ୩୯୦ ଟଙ୍କା, ମୋରମ ଓ ବାଲି ଚୋରା ଚାଲାଣରୁ ୪ ଲକ୍ଷ ୬୭ ହଜାର ୨୦୮ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡିଛି । ଉଲୁଣ୍ଡା ତହସିଲ ପକ୍ଷରୁ ସର୍ବାଧିକ ୩ ଲକ୍ଷ ୬୯ ହଜାର ୩୦୫ ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ସୋନପୁରରେ ୧ ଲକ୍ଷ ୬୮ ହଜାର ୬୦୦ ଟଙ୍କା, ବିନିକାରୁ ୧ ଲକ୍ଷ ୬୫ ହଜାର ୫୦୦ ଟଙ୍କା, ତରଭାରୁ ୧ ଲକ୍ଷ ୬୩ ହଜାର ୧୯୩ ଟଙ୍କା ଓ ରାମପୁରରୁ ୧ ଲକ୍ଷ ୫୦ ହଜାର ଟଙ୍କାର ଜରିମାନା ଆଦାୟ ହୋଇଛି । ରାଜସ୍ୱ ଚୋରୀ ରୋକିବା ପାଇଁ ଏହି ଚଢାଉକୁ ଜୋରଦାର କରିବାକୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ଉଲୁଣ୍ଡା ତହସିଲଦାର ନୀଳାମ୍ବର ମହାନନ୍ଦ, ସୋନପୁର ତହସିଲଦାର ଅରବିନ୍ଦ ବେହେରା, ବିନିକା ତହସିଲଦାର ଅଲେଖ ପୁଟା, ତରଭା ତହସିଲଦାର ସୌରଭ ରଞ୍ଜନ ପଣ୍ଡା, ବୀରମହାରାଜପୁର ତହସିଲଦାର ସୁର୍ଯ୍ୟାଂଶୁ ଗୁହ୍ନଙ୍କ ସମେତ ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ ସୁପରଭାଇଜର ମାନେ ଉପସ୍ଥିତ ଥିଲେ ।



ବୈଠକରେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ପ୍ରମୁଖ ।

ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡ଼ିବ ନାହିଁ।
- ଏଡ୍‌ୱିନ୍ ହବେଲ ଚାପିନ୍



## ସଂକ୍ଷେପରେ



### ଶାଗୁଆନ କାଠ ଜବତ, ଜଣେ ଗିରଫ

**ପାଟଣାଗଡ, ୨୦।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ବନ ବିଭାଗ ବୁଧବାର ବିଳମ୍ବିତ ରାତିରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ କରିଛି। ପାଟଣାଗଡ ରେଞ୍ଜର ବାସୁଦେବ ନାଥଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗର ପାଟ୍ରୋଲିଂ ଟିମ୍ ପାଟଣାଗଡ ଉପଖଣ୍ଡସ୍ଥ ବାଘମୁଣ୍ଡରୁ ପାଟଣାଗଡ ପଟକୁ ଆସୁଥିବ ପିକଅପ୍ (ନଂ.ଓ.ଆର.୧୭ଏଫ ୬୯୫୩)କୁ ଅଟକାଇଥିଲେ। ଯାଞ୍ଚ ବେଳେ ପିକଅପ୍‌ରୁ ୧୧ ଖଣ୍ଡ ଶାଗୁଆନ ଗଣ୍ଡି ଜବତ ହୋଇଥିଲା। ଏହି ସମୟରେ ଗାଡିରେ ଥିବା ୨ଜଣ ଖସି ପଳାଇଥିବା ବେଳେ ଡ୍ରାଇଭର ପାଟଣାଗଡର ସୁରେଶ ଦାସଙ୍କୁ ଗିରଫ କରାଯାଇଥିଲା। ଏ ନେଇ ବନବିଭାଗ ଏକ ମାମଲା ରୁଜୁ କରି ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷେରୁ ଊର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ନାଥ କହିଛନ୍ତି। ଫରେଷ୍ଟର ଅରବିନ୍ଦ ଧରୁଆ, ରଞ୍ଜିତ ସିଂବାବୁ ଏବଂ ଷ୍ଟାଫ ଏହି ଚଢ଼ାଉରେ ସାମିଲ ଥିଲେ।

ପାଟଣାଗଡ ବିଧାୟକ ଗିରଫ ଦାବି

# ଏସ୍‌ପିଙ୍କ ସହ ଆଦିବାସୀ ସଂଘର ଆଲୋଚନା

**ବଲାଙ୍ଗୀର ଅଫିସ, ୨୦।୬**



ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକର୍ତ୍ତାମାନେ ଏସପି ଅଫିସକୁ ଆଲୋଚନା ପାଇଁ ଆସିଛନ୍ତି ।

ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରିବା ଘଟଣାରେ ପାଟଣାଗଡ ବିଧାୟକ ସରୋଜ ମେହେର, କଣ୍ଟାବାଞ୍ଜି ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ରଙ୍କ ଗିରଫ ଦାବି କରି ଜିଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ ଉପଜିଲାପାଳ କାର୍ଯ୍ୟାଳୟ ଘେରାଉ ଡାକରା ଦେଇଥିଲା । ଆଦିବାସୀ ସଂଘ ଘୋଷଣା ମୁତାବକ ୨୧ ତାରିଖରେ ଏହି ଘେରାଉ କାର୍ଯ୍ୟକ୍ରମ କରିବାର ଥିଲା । ତେବେ ଗୁରୁବାର ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା ପରେ ଆଦିବାସୀ କଲ୍ୟାଣ ସଂଘ ଏହି ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛି । ଆଦାବାସୀ କଲ୍ୟାଣ ସଂଘ ମହାସଚିବ ନିରଞ୍ଜନ ବିଶି ଏ ନେଇ ସୂଚନା ଦେଇଛନ୍ତି । ଗୁରୁବାର ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତା ଓ ଅନ୍ୟ ସଦସ୍ୟ ଏସପି ଅଫିସକୁ ଆସିଥିଲେ । ଏସପି କେ. ଶିବା. ସୁବ୍ରମଣିଙ୍କ ସହ ସେମାନଙ୍କ ବୈଠକ ଆଲୋଚନା ହୋଇଥିଲା । ଏହି ବୈଠକରେ ପାଟଣାଗଡ ବିଧାୟକ ସରୋଜ ମେହେର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ର ଓ ପାଟଣାଗଡ ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୧୧୩/୧୯)ରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ସଂଘ ସଦସ୍ୟ ଦାବି କରିଥିଲେ। ପାଟଣାଗଡ ବିଧାୟକ ମେହେରଙ୍କୁ ଏହି ମାମଲାରେ ଶୁଣାଣି କରି ହାଇକୋର୍ଟ ଅନ୍ତରୀଣ ଜାମିନ ଦେଇ ନ ଥିବା ଏସପିଙ୍କୁ ସୂଚନା ଦେଇଥିଲେ। ପୋଲିସକୁ କେଶ ଡାଏରୀ ଓ ଓଡିଶା ସରକାରଙ୍କୁ ଜିଲାପାଳଙ୍କ ରିପୋର୍ଟ ମାଗିଥିବା ନେଇ ସୂଚନା ଦେଇଥିଲେ। ସରୋଜ ମେହେର ଶାସକ ଦଳ ବିଧାୟକ ହୋଇଥିବାରୁ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିବାକୁ ବଳ ପ୍ରୟୋଗ କରାଯାଉଥିବା ଅଭିଯୋଗ କରି ତୁରନ୍ତ ତାଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ବିଧାୟକଙ୍କ ଦଳୀୟ ନେତାମାନେ ଅଭିଯୋଗକାରୀ ପ୍ରବୀଣା ରାଜହଂସ ଓ ପୀଡିତ ଆଦିବାସୀ କନିଷ୍ଠ ଯନ୍ତ୍ରୀ ମାମଲା ଉଠାଇ ନେବାକୁ ଧମକ ଦେଉଥିବା ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭୟରେ ପୀଡିତ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କ ପରିବାର ଆତ୍ମଗୋପନ କରିଥିବା ସୂଚନା ଦେଇ ତାଙ୍କ ପରିବାରକୁ ସୁରକ୍ଷା ଦିଆଯାଉ ବୋଲି ଦାବି କରିଥିଲେ ।

**ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ପ୍ରସ୍ତାବିତ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି**

ଏହି ଆଲୋଚନାରେ ଏସପି ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ୨୧ ତାରିଖରେ ହେବାକୁ ଥିବା ପାଟଣାଗଡ ଉପଜିଲାପାଳ ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ କରିବାକୁ ସଂଘ ନିଷ୍ପତ୍ତି ନେଇଥିବା ମହାସଚିବ ବିଶି ସୂଚନା ଦେଇଛନ୍ତି । ଏସପିଙ୍କ ସହ ଆଲୋଚନାରେ ସଂଘ ଜିଲା ସଭାପତି ବ୍ରଜକିଶୋର ସିଂଭୋଇ, ବ୍ଲକ ସଭାପତି ଅଷ୍ଟରତ୍ନ ବରିହା, ବିପ୍ର ବିଶି, ବଳଦେବ ଭୋଇ, ବନଲତା ମାଝି, ଶ୍ୟାମ ସୁନ୍ଦର ଭୋଇ, ପଦ୍ମନ ପ୍ରଧାନୀ, ଚୈତନ କିଶୋର ମାଝି, କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର, ମୁରଲୀ ମଲିକ, ଗଣନାଥ ଧରୁଆ, ଥବୀର ପୁଝାରୀ, ନିରଞ୍ଜନ ମାଝି, ସମ୍ପାଦକ ସାରଥି ବାଗ, ନିତ୍ୟା ମାଝି, ଇନ୍ଦ୍ରମଣି ମାଝି, ଗିରିଧାରୀ ଭୋଇ ଉପସ୍ଥିତ ଥିଲେ। ଜୁନ ୨୬ରେ ବିଧାନସଭା ଘେରାଉକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଦିନଦ୍ୱିପ୍ରହରେ ଲୁଟିନେଲେ ୪.୮୫ଲକ୍ଷ

**କଣ୍ଟାବାଞ୍ଜି, ୨୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଗୁରୁବାର ଦିନଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କଠାରୁ ୪ଜଣ ମୁଖାପିନ୍ଧା ଯୁବକ ବାଇକରେ ଆସି ୪ଲକ୍ଷ ୮୫ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ହେଲେ ସୁନୀଲ ଶର୍ମା। ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାରୁ ଉକ୍ତ ଟଙ୍କା ଉଠାଇ ସ୍କୁଟିରେ ସେ ନିଜ ଘରକୁ ଆସୁଥିବାବେଳେ ଏହି ଘଟଣା ଘଟିଥିଲା। ଘର ସାମ୍ନାରେ ସ୍କୁଟି ଷ୍ଟାଣ୍ଡ କରିବା ସମୟରେ ବାଇକରେ ଆସିଥିବା ମୁଖାପିନ୍ଧା ଯୁବକମାନେ ସୁନୀଲ ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ସେଠାରୁ ବାଇକରେ ଦ୍ରୁତଗତିରେ ପଳାଇ ଯାଇଥିଲେ। ଖବର ପାଇବା ପରେ ପୋଲିସ ସହରର ସମସ୍ତ ରାସ୍ତାକୁ ସିଲ୍ କରି ତନାଘନା ଚଳାଇଥିଲେ ବି ଦୁର୍ବୃତ୍ତମାନଙ୍କୁ ଠାବ କରି ପାରିନାହିଁ । ସୁନୀଲ ସହରର ବ୍ୟବସାୟୀ କିଶୋର ଅଗ୍ରୱାଲଙ୍କ ମୁନସୀଭାବେ କାମ କରନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ଦଫା ୩୭୯, ୩୪ରେ ଏକ ମାମଲା(ନଂ.୧୦୦/୧୯) ରୁଜୁ ହୋଇଥିବା ଆଇଆଇସି ବିଜୟାନନ୍ଦ କରକରା କହିଛନ୍ତି।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ଟିଟିଲାଗଡ, ୨୦।୬ (ଡି.ଏନ.ଏ.)**


ଘଟଣାସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ ଟିମର ତଦନ୍ତ।

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଘଣ୍ଟବାହାଲି ଗ୍ରାମର ଜଣେ ନବବିବାହିତ ଯୁବକଙ୍କ ମୃତଦେହ ବାଗଡେର ରାସ୍ତାକଡ ଚାଷଜମିରୁ ଗୁରୁବାର ଉଦ୍ଧାର ହୋଇଛି। ମୃତକ ହେଲେ ରାଜିନ୍ଦ୍ର ଛତର(୨୮)। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ସପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ବାପା ପରିଚୟ ଛତର ଓ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ଟିଟିଲାଗଡ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ବଲାଙ୍ଗୀର ସାଇଣ୍ଟିଫିକ ଟିମ ସହ ପହଞ୍ଚି ତନାଘନା ଚଳାଇଛନ୍ତି। ମୃତକଙ୍କ ପାଟି ଏବଂ ନାକରୁ ରକ୍ତସ୍ରାବ ହୋଇଥିବା ଦେଖାଯାଇଛି। ତାଙ୍କ ମୁହଁକୁ କେହି ବଳପୂର୍ବକ ମାଟିରେ ଚାପି ଦେଇ ଥିବାରୁ ଶ୍ୱାସରୁଦ୍ଧ ହୋଇ ସେ ମୃତ୍ୟୁ ବରଣ କରିଥିବା ସନ୍ଦେହ ହୋଇଛି। ମୃତଦେହର ଅନତି ଦୂରରେ ଏକ ବାଇକ ଭଙ୍ଗାରୁଜା ଅବସ୍ଥାରେ ପଡିଥିବା ଦେଖାଯାଇଛି। ଯୁବକ ଜଣକ ତିନି ମାସ ତଳେ ବିବାହ କରିଥିଲେ। ମୂଲମଜୁରି କରି ପେଟ ପୋଷୁଥିଲେ। ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ରାଜିନ୍ଦ୍ର ଘରୁ ବାଇକ ଧରି ବାହାରିଥିଲେ। ବାଟରେ ଜଣେ ନେଳିରଙ୍ଗର ଶାର୍ଟ ପିନ୍ଧା ଅଚିହ୍ନା ଯୁବକ ତାଙ୍କ ଗାଡିରେ ଯାଇଥିବା ଲୋକେ ଦେଖିଥିବା କହିଛନ୍ତି। ରାଜିନ୍ଦ୍ର ଅପରାହ୍ନରେ ମାମୁଁ ଘର ବାଗଡେର ଗାଁକୁ ମଧ୍ୟ ଯାଇଥିବା ଜଣାଯାଇଛି। ରାତିରେ ସେ ଘରକୁ ଫେରି ନ ଥିବା ବେଳେ ପାଖ ଢାବାରେ କେତେକ ଯୁବକଙ୍କ ସହ ଖାଇଥିବା ଲୋକେ କହୁଛନ୍ତି। ତେବେ ସକାଳୁ ରାସ୍ତାକଡ ଚାଷ ଜମିରେ ତାଙ୍କ ମୃତଦେହ ପଡିଥିବା ଦେଖାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କାରଣ ଜଣାପଡିବ ବୋଲି ଆଇଆଇସି ମହାନ୍ତି ଅଧିକାରୀ କହିଛନ୍ତି। ଏ ନେଇ ଟିଟିଲାଗଡ ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା(ନଂ.୧୪୪/୧୯) ରୁଜୁ ହୋଇଛି।

## କୃଷକ ସାଥୀ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଲୋଇସିଂହା,୨୦।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା ଓ ଆଗଲପୁର ବ୍ଲକ କୃଷକ ସାଥୀ ସଂଘ ପକ୍ଷରୁ ଲୋଇସିଂହା ବିଧାୟକ ଡ଼.ମୁକେଶ ମହାଲିଙ୍ଗଙ୍କୁ ଗୁରବାର ସମ୍ବର୍ଦ୍ଧନା ଦିଆଯାଇଛି। ଲୋଇସିଂହା ବ୍ଲକ କୃଷକ ସଂଘ ସଭାପତି ମନୋଜ ପଧାନ, ସମ୍ପାଦକ ମୁକୁନ୍ଦ ସିଂଦେଓ, ତରୁଣ ପଟ୍ଟନାୟକ, ଆଗଲପୁର ବ୍ଲକର ସୁଶାନ୍ତ କୁମାର ପାଢୀ, ନିର୍ମଳ ସାହୁଙ୍କ ନେତୃତ୍ୱରେ କୃଷକ ସାଥୀମାନେ ବିଧାୟକଙ୍କ ନଅଗାଁ(ଖ) ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ରାଜ୍ୟ ସରକାର କୃଷକ ସାଥୀମାନଙ୍କୁ ନିୟମିତ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ଆସନ୍ତା ବଜେଟ ଅଧିବେଶନବେଳେ ଏ ନେଇ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ସଂଘ ପକ୍ଷରୁ ବିଧାୟକଙ୍କୁ ଅନୁରୋଧ କରାଯାଇଛି।

# ମଣ୍ଡିରେ ପଡ଼ିରହିଛି ଧାନ

**ଖପ୍ରାଖୋଲ, ୨୦।୬ (ଡି.ଏନ.ଏ.)**

**ଟାର୍ଗେଟ ବଢାଇବାକୁ ଦାବି**


କୁରିଆ ଧାନମଣ୍ଡିରେ ଜମା ହୋଇ ରହିଥିବା ଧାନବସ୍ତା।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ରବିଋତୁରେ ଧାନକିଣାକୁ ନେଇ ଦେଖା ଦେଇଛି ବିଭ୍ରାଟ। ଚାଷୀ ବିକ୍ରି ପାଇଁ ଅନଲାଇନ କରିଥିଲେ ବି ଯୋଗାଣ ବିଭାଗ ଧାନକିଣା ଟାର୍ଗେଟ ଦେଉ ନ ଥିବାରୁ ଦୋଛକିରେ ଚାଷୀ। ଅମଳ ଧାନକୁ ବିକ୍ରିବଟା ସାରି ଖରିଫ ଚାଷ ପାଇଁ ତରତର ହେଉଥିବା ଚାଷୀ ଏବେ ଅଭାବୀ ବିକ୍ରି ଯୋଗୁଁ ଚିନ୍ତାରେ ପଡି ଯାଇଛି। ସରକାରୀ ନିୟମ ଅନୁସାରେ ଧାନ ବିକିବା ପାଇଁ ଚାଷୀ ଅନଲାଇନ କରିବା କଥା। ଯାହାକୁ ନେଇ ଯୋଗାଣ ବିଭାଗ ଉତ୍ପାଦନକୁ ଦେଖି ଧାନକିଣା ଟାର୍ଗେଟ ପ୍ୟାକ୍ସମାନଙ୍କୁ ଦେବା କଥା। ହେଲେ ଚାଷୀ ଧାନ ବିକ୍ରି ପାଇଁ କମ୍ ଟାର୍ଗେଟ ଦେଉଥିବାରୁ ସବୁଠି ଦେଖା ଦେଉଛି ଚାଷୀ ଅସନ୍ତୋଷ। ପ୍ରଥମେ ଖପ୍ରାଖୋଲ ଧାନମଣ୍ଡିରେ ଅସନ୍ତୋଷ ସହିତ ଟାର୍ଗେଟ ବଢାଇବାକୁ ଦୁଇଦୁଇ ଥର ରାସ୍ତାରୋକୋ ପରେ ଥାନାରେ ମାମଲା ଭଳି ଘଟଣା ଦେଖିବାକୁ ମିଳିଥିଲା। ଏବେ ଲୁହାସିଂହା ପ୍ୟାକ୍ସ ଅଧିନ କୁରିଆ ଧାନମଣ୍ଡିରେ ବି ଦେଖାଦେଇଛି ସମାନ ପରିସ୍ଥିତି। ଏହି ପ୍ୟାକ୍ସ ଅଞ୍ଚଳରେ ଚେକଡ୍ୟାମ, ଉଠା ଜଳସେଚନ, ଗଭୀର ନଳକୂପ, ପାରମ୍ପରିକ ଜଳଉତ୍ସ ମାଧ୍ୟମରେ ଚାଷୀ ରବିଧାନ କରିଥାନ୍ତି। ଚଳିତ ବର୍ଷ ୬୪ଜଣ ଚାଷୀ ଧାନବିକ୍ରି ପାଇଁ ନାମପଞ୍ଜୀକରଣ କରିଥିବା ବେଳେ ୭ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଆବଶ୍ୟକ ରହିଛି। ହେଲେ ଯୋଗାଣ ବିଭାଗ ତରଫରୁ ପ୍ରଥମ ଦଫାରେ ୩୫୮ କୁଇଣ୍ଟାଲ ଏବଂ ଦ୍ୱିତୀୟ ଦଫାରେ ୩୦୩ କୁଇଣ୍ଟାଲ ବିକ୍ରା ଟାର୍ଗେଟ ଦେଇଥିବା ବେଳେ ହଜାରେ ପ୍ୟାକେଟରୁ ଊର୍ଦ୍ଧ୍ୱ ଧାନ ଏବେ ବି ମଣ୍ଡିରେ ରଖି ଚାଷୀ ଟାର୍ଗେଟକୁ ଚାହିଁ ବସିଛନ୍ତି। ଟାର୍ଗେଟ ବଢା ନଗଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ଖପ୍ରାଖୋଲ ବ୍ଲକ ଯୋଗାଣ ନିରୀକ୍ଷକ ରାଜାରାମ ହୋତାଙ୍କୁ ପଚାରିବାରୁ ଚାଷୀ ସମସ୍ୟା ନେଇ ଯୋଗାଣ ବିଭାଗ ସଚେତନ ଅଛି। ହେଲେ ଉପରୁ ଟାର୍ଗେଟ ଆସୁ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ସରକାରଙ୍କୁ ଟାର୍ଗେଟ ମାଗିଥିବା ପ୍ରକାଶ କରିଛନ୍ତି।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ୩୦ ପର୍ଯ୍ୟନ୍ତ ଚାଲିବ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୨୦।୬**

ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ୪ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ପରିବର୍ଦ୍ଧିତ କରାଯାଇଛି। ଏହି ଆନ୍ଦୋଳନ ଆଗାମୀ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଗୁରୁବାର ଅନୁଷ୍ଠିତ ଜିଲା ଓକିଲ ସଂଘ ପରିବର୍ଦ୍ଧିତ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ଗତ ୧୭ତାରିଖଠାରୁ ଜିଲା ଓକିଲ ସଂଘ ଆହ୍ୱାନକ୍ରମେ ୪ ଦିନିଆ କାର୍ଯ୍ୟବନ୍ଦ ଡାକରା ଦିଆଯାଇଥିଲା। ଫଳରେ ସଂଘ ସଦସ୍ୟମାନେ ବଲାଙ୍ଗୀର ସିଭିଲ କୋର୍ଟ ଓ ଜିଲାପାଳ କାର୍ଯ୍ୟାଳୟ ବନ୍ଦ କରି ଏହା ସମ୍ମୁଖରେ ଧାରଣା ଜାରି ରଖିଥିଲେ । ଗୁରୁବାର ପୂର୍ବାହ୍ନରୁ ଜିଲାପାଳ କାର୍ଯ୍ୟାଳୟ ଓ ସିଭିଲ କୋର୍ଟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଏହାପରେ ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଂଘ ପରିବର୍ଦ୍ଧିତ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲା ଓକିଲ ସଂଘ ଏବଂ ପାଟଣାଗଡ ଓକିଲ ସଂଘ ଏବଂ ପାଟଣାଗଡ କ୍ରିମିନାଲ କୋର୍ଟ ବାର ଆସୋସିଏସନ୍ ସଦସ୍ୟ ଯୋଗଦାନ କରିଥିଲେ । ସମସ୍ତଙ୍କ ସମ୍ମତିକ୍ରମେ ଚାଲିଥିବା ଆନ୍ଦୋଳନକୁ ଗୁରୁବାର ବନ୍ଦ ନକରି ଆସନ୍ତା ୩୦ ଜୁନ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବାକୁ ନିଷ୍ପତ୍ତି ନେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନକରିବା ପର୍ଯ୍ୟନ୍ତ ସଂଘ ଆନ୍ଦୋଳନ ଜାରି ରଖିବ ବୋଲି ବିଭିନ୍ନ ସଦସ୍ୟ ମତାମତ ଦେଇଥିଲେ। ଏହି ବୈଠକରେ ଓକିଲ ସଂଘ ସମ୍ପାଦକ ଅମନ ନାଗ, ଉପସଭାପତି ବାସୁଦେବ ବାରିକ, ପାଟଣାଗଡ କ୍ରିମିନାଲ କୋର୍ଟ ବାର ଆସୋସିଏସନ୍ ସଭାପତି ବିପିନ ବିହାରୀ ପାଣିଗ୍ରାହୀ, ଉପେନ୍ଦ୍ର ମିଶ୍ର, ଦର୍ପଗଞ୍ଜନ ପଟ୍ଟନାୟକ, ଦାମୋଦର ଚନ୍ଦନ, ପାଟଣାଗଡ ବାର ଆସୋସିଏଶନ୍ ସଭାପତି ଶ୍ରୀମଦ୍ ପାଣିଗ୍ରାହୀ, ଜିଲା ଓକିଲ ସଂଘର ପ୍ରହଲ୍ଲାଦ ଅଗ୍ରୱାଲ, ଜଗନ୍ନାଥ ଆଚାର୍ଯ୍ୟ, ଗୋପାଳ ପାଣିଗ୍ରାହୀ, ଭବାନୀ ଶଙ୍କର ଶତପଥୀ, ସରୋଜ ଗୁପ୍ତା, ରତନ ମହାରଣା, ରବି ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ: ପାଟଣାଗଡ଼ ଚାମ୍ପିୟନ

**ବେଲପଡା, ୨୦।୬(ଡି.ଏନ.ଏ.)**



ଟ୍ରଫି ସହ ଚାମ୍ପିୟନ ପାଟଣାଗଡ ଦଳର ଖେଳାଳିମାନେ।

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଯୁବା ଗ୍ରାମ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ଖେଳପଡିଆରେ ଚାଲିଥିବା ନାଇଟ କ୍ରିକେଟ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ପାଟଣାଗଡ ଓ ବାଲିପଟା ଦଳ ମଧ୍ୟରେ ହୋଇଥିଲା। ଟସ୍ ଜିଣି ପାଟଣାଗଡ ନର୍ଦ୍ଧାରିତ ୪ଓଭରରେ ୬୪ ରନ ସଂଗ୍ରହ କରିଥିଲା। ଜବାବରେ ବାଲିପଟା ଦଳ ୨ ଉଇକେଟ ହରାଇ ନିର୍ଦ୍ଧାରିତ ଓଭରରେ ୫୫ ରନ ହିଁ ସଂଗ୍ରହ କରି ପାରିଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ପିଙ୍କୁ ପୁଟେଲ ଓ ସମ୍ମାନିତ ଅତିଥି ମହେଶ ପୁଟା ଯୋଗଦେଇ ଚାମ୍ପିୟନ ପାଟଣାଗଡକୁ ୧୦ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ବାଲିପଟାକୁ ୬ହଜାର ଟଙ୍କା ସହ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅପ ଦ ସିରିଜ ବାଲିପଟା ଦଳର ଆକାଶ ଓ ମ୍ୟାନ ଅପ ଦ ମ୍ୟାଚ ପାଟଣାଗଡର ବିକାଶଙ୍କୁ ପ୍ରଦାନ କରାଯାଇଥିଲା ।

# ଶିକ୍ଷା ସଚେତନ କାର୍ଯ୍ୟକ୍ରମ

**ଲୋଇସିଂହା,୨୦।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କେଉଁଟପାଲି, ବାଦିମୁଣ୍ଡା ଏବଂ ଉପରଉଡାର ଗ୍ରାମରେ ଓଡିଶା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରକାରଙ୍କ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା । ସ୍ୱେଚ୍ଛାସେବୀମାନେ ଉପରୋକ୍ତ ଗ୍ରାମରେ ମେଳା ମାଧ୍ୟମରେ ୩ରୁ ୭ବର୍ଷର ପିଲାଙ୍କ ପାଠ ପଢିବା ପ୍ରତି ଆଗ୍ରହ ଓ ସହଜରେ ଅକ୍ଷର ଶିକ୍ଷା, ଶିକ୍ଷା ଅଭିବୃଦ୍ଧି ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। କୃଷ୍ଣଚନ୍ଦ ନାୟକଙ୍କ ନେତୃତ୍ୱରେ ବ୍ଲକର ଜ୍ୟୋତି ଦୀପ, ବିକ୍ରମ ପ୍ରଧାନ, ଦେବାନନ୍ଦ ବାଗ, ବିଦ୍ୟୁମଣୀ କୁମ୍ଭାର, ରାକେଶ ଦୀପ ପ୍ରମୁଖ ଅଭିଭାବକଙ୍କୁ ସଚେତନ କରଛନ୍ତି।

**OFFICE OF THE DISTRICT LEGAL SERVICES AUTHORITY, RAYAGADA**

ADVERTISEMENT NO.02/2019, DATED-19.06.2019

Applications in the prescribed proforma are invited for the post of Jr. Clerk / Jr. Clerk-cum-Typist in the Judgeship of Rayagada. For details aspirants are requested to visit the District Court's website i.e. http://ecourts.gov.in / odisha/rayagada and www.rayagada.nic.in.

**Sd./-**
**District Judge-cum-Chairman, DLSA, Rayagada**

**D. D. AUTONOMOUS COLLEGE, KEONJHAR**
**ADMISSION INTO TWO-YEAR B.ED. COURSE**

Applications are invited from eligible candidates for admission into Two-Year B.Ed. course for the session 2019-21. Application form and Prospectus can be downloaded from the college website www.ddcollege.nic.in Interested eligible candidates are required to send their duly filled-in application forms along with necessary documents and processing-cum-application fee of Rs. 500/- (Rupees Five Hundred only) in the form of demand draft from any nationalized Bank in favour of Principal, D.D. Autonomous College, Keonjhar payable at Keonjhar either by Registered Post / Speed Post or by hand. The filled-in application along with required documents should reach the undersigned on or before 22.07.2019 by 4pm. The college is not responsible for postal delay. For details visit the college website www.ddcollege.nic.in

**Sd./- Principal**
**D.D. (Auto.) College, Keonjhar**

**ODISHA JOINT ENTRANCE EXAMINATION-2019 (OJEE - 2019)**

**No:-270/OJEE19** **Date : 20-06-2019**

**NOTICE REGARDING WEB COUNSELLING for B.TECH / B.ARCH / Int. MSc**

OJEE web-based Counselling process for B.TECH/B.ARCH/Int. MSc is going to start from 21st June 2019. For detailed schedule, seat position and counselling brochure, please go through OJEE website **www.ojee.nic.in / www.odishajee.com**. Schedules for other courses will be published soon.

**Sd/-**
**CHAIRMAN, OJEE**



ଉପଦେଶ ଦେବା ସରଳ କିନ୍ତୁ ଉପାୟ
ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ବଜାରରୁ ଲିଚୁ ଗାଏବ

**ରାଉରକେଲା ଅଫିସ,୨୦।୬-** ବିହାରରେ ସଂକ୍ରମିତ ଲିଚୁ ଖାଇ ଶତାଧିକ ବ୍ୟକ୍ତି ମୃତ୍ୟୁବରଣ କରିବା ଖବର ପ୍ରଚାରିତ ହେବା ପରେ ଲିଚୁପ୍ରେମୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଷ୍ଟିଲ ସିଟି ମାର୍କେଟରୁ ହଠାତ୍ ଲିଚୁ ଗାଏବ ହୋଇଯାଇଛି। ଦିନ କେଇଟା ପୂର୍ବରୁ କିଲୋ ପ୍ରତି ୮୦ରୁ ଶହେ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଲିଚୁକୁ ଏବେ ଖୋଜିଲେ ମିଳୁନି। ଏପରି ଅବସ୍ଥାରେ ବ୍ୟବସାୟ ଉଦ୍ଦେଶ୍ୟରେ ଲିଚୁ ଆମଦାନୀ କରୁଥିବା ଅନେକ ବେପାରୀ କ୍ଷତି ସହିବାକୁ ବାଧ ହୋଇଛନ୍ତି। ଅବସ୍ଥା ଏମିତି ହୋଇଛି ଯେ ଲିଚୁ ପ୍ରସଙ୍ଗରେ କେହି କଥାବାର୍ତ୍ତା କରିବାକୁ ମଧ ଚାହୁଁନାହାନ୍ତି। ରାଉରକେଲ ଆଖପାଖ ଅଞ୍ଚଳ ଲାଠିକଟା, ବିଶ୍ରା, ନୂଆଗାଁ ଆଦି ଅଞ୍ଚଳରୁ ଅସୁଥିବା ଲିଚୁ ଏବେ ଗଛରେ ଫାଟି ଝୁଲୁଛି। ଗାଁ ଲୋକ ବି ଖାଇବାକୁ ଡରୁଛନ୍ତି। ଚାଷୀ ଏହାକୁ ବାଜାରକୁ ଆଣି କାରବାର କରିବାକୁ ଭୟ କରୁଛନ୍ତି। ଏମିତି ଅବସ୍ଥା କେତେଦିନ ରହିବ ସେ ନେଇ କାହା ପାଖରେ ଖବର ନାହିଁ।

## ମଣ୍ଡିରୁ ଶୀଘ୍ର ଧାନ ଉଠାଣ ଦାବି

# ଚିଲଗୁଡ଼ାରେ ଚାଷୀଙ୍କ ରାସ୍ତାରୋକୋ

**ଜୁନାଗଡ/ଦାସିଗାଁ, ୨୦।୬ (ଡି.ଏନ.ଏ.)**

**ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା**



ଚିଲଗୁଡାଠାରେ ଚାଷୀମାନେ ଜୁନାଗଡ-କଲମପୁର ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଲଗୁଡା ନୀଳ ମାଧବ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଚାଷୀମାନେ ମଣ୍ଡିରୁ ଶୀଘ୍ର ଧାନ ଉଠାଣ କରିବା ଦାବିରେ ଗୁରୁବାର ସକାଳ ୮ଟାରୁ ୯ଟା ଯାଏଁ ରାସ୍ତାରୋକୋ କରିଥିଲେ। ଫଳରେ ଜୁନାଗଡ-କଲମପୁର ମୁଖ୍ୟ ରାସ୍ତା ମଧ୍ୟରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ୧ ଘଣ୍ଟା ରାସ୍ତାରୋକୋ ଯୋଗୁ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଭବାନୀପାଟଣା ଏସିଏସ୍‌ଓ ହାଡିବନ୍ଧୁ ସ, ଜୁନାଗଡ ଆରଏମସି ସମ୍ପାଦକ ବସନ୍ତ କୁମାର ସେଠୀ, ଚିଲଗୁଡା ଫାଣ୍ଡି ଅଧିକାରୀ ଅଶୋକ କୁମାର ବିହାରୀ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଟାର୍ଗେଟ ସରିଯିବାରୁ ଧାନ ଉଠିପାରୁ ନ ଥିବା ସେମାନେ କହିଥିଲେ। ପରେ ପୁଣି ୬ ହଜାର କୁଇଣ୍ଟାଲ ଟାର୍ଗେଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ରାସ୍ତାରୋକୋରୁ ହଟିଥିଲେ। ଚିଲଗୁଡା ମଣ୍ଡିରେ ଗତ ସୋମବାର ୩୨ଜଣ ଚାଷୀଙ୍କୁ ଓ ମଙ୍ଗଳବାର ୩୩ ଜଣ ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ମୁଣ୍ଡରାଗୁଡା ପ୍ୟାକ୍ସ ପକ୍ଷରୁ ଟୋକନ ଦିଆଯାଇଥିଲା। ତେବେ ଟାର୍ଗେଟ ସରିଯିବାରୁ ଉକ୍ତ ଚାଷୀମାନଙ୍କ ଧାନ ମଣ୍ଡିରୁ ନ ଉଠିବାରୁ ବାଧ ହୋଇ ସେମାନେ ରାସ୍ତାରୋକୋର ପନ୍ଥା ଅବଲମ୍ବନ କରିଥିଲେ। ଗୁରୁବାର ମଣ୍ଡିରୁ କୌଣସି ଚାଷୀଙ୍କ ଧାନ ଉଠାଣ ହୋଇ ନ ଥିଲା। ଶୁକ୍ରବାର ଧାନ ଉଠାଣ କରାଯିବ ବୋଲି ଜଣାପଡିଛି। ଗତ ୩ ଦିନ ହେବ ଚିଲଗୁଡା ମଣ୍ଡିରୁ ଧାନ ଉଠୁ ନ ଥିବାରୁ ଅଞ୍ଚଳର ଚାଷୀମାନେ ଦିନବେଳା ଟାଣ ଖରାରେ ଓ ରାତିବେଳା ଗୁଳୁଗୁଳୁରେ ପଡିରହିଛନ୍ତି। ଏପରିସ୍ଥଳେ ଏବେ ମୌସୁମୀ ବର୍ଷା ଆସୁଥିବାରୁ ଚାଷୀମାନଙ୍କ ଚିନ୍ତା ଆହୁରୁ ବଢାଇ ଦେଇଛି। ଏ ନେଇ ଜୁନାଗଡ ଆରଏମସି ସମ୍ପାଦକ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ୬ ହଜାର କୁଇଣ୍ଟାଲ ଟାର୍ଗେଟ ଦିଆଯାଇଛି। ଶୁକ୍ରବାରଠୁ ଧାନ ଉଠାଣ ସ୍ୱାଭାବିକ ହେବ ବୋଲି କହିଥିଲେ।

# ଅନ୍ତର୍ଜାତୀୟ ଯୋଗ ଦିବସ

**କୋକସରା,୨୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ସଭା ଗୃହଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ଓ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କୋକସରା ବିଡିଓ ବସନ୍ତ କୁମାର ସେଠି ମୁଖ୍ୟଅତଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡ଼ ତତ୍ତ୍ୱଦର୍ଶୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଣିଷକୁ ଯୋଗ ଦ୍ୱାରା ସମସ୍ତ ପ୍ରକାର ରୋଗରୁ ନିରାକରଣ ମିଳିପାରିବ ଏଣୁ ପ୍ରତ୍ୟହ ଯୋଗ କରିବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଯୋଗାଚାର୍ଯ୍ୟ ଲିଙ୍ଗରାଜ ନାଏକ ଓ ଦେବେନ୍ଦ୍ର ଦାସ ଶରିରକୁ ସୁସ୍ଥ ରଖିବା ପାଇଁ ବିଭିନ୍ନ ପ୍ରକାର ଯୋଗର ପ୍ରଣାଳି ଶିଖାଇବା ସହ ଯୋଗ ସମ୍ବନ୍ଧିୟ ବୌଧିକ ପରୀକ୍ଷା କରାଯାଇଥିଲା । ଏଥିରେ କୃତୀ ୧୦ ଜଣ ପ୍ରତିଯୋଗିଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅଙ୍ଗନୱାଡି ଓ ଆଶା କର୍ମୀମାନେ ଯୋଗ ଶିବିରରେ କଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ଷେତ୍ର ପ୍ରଚାର ଅଧିକାରୀ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିବାବେଳେ ବ୍ଲକ୍ କାର୍ଯ୍ୟକ୍ରମ ପରିଚାଳକ ଏମ ରାଜ ଶେଖର ଧନ୍ୟବାଦ ଅର୍ପଣ କରିଥିଲେ ।




କୋକସରା ପଞ୍ଚାୟତ ସମିତି ସଭା ଗୃହଠାରେ ଯୋଗ ଦିବସରେ ମଞ୍ଚାସୀନ ଅତିଥି ।

## ଘରୋଇ ନର୍ସିଂ ହୋମ୍ କର୍ମଚାରୀଙ୍କ ଅବହେଳା

# ଶିଶୁ ମୃତ୍ୟୁ ଅଭିଯୋଗ ଆଣିଲେ ପରିବାର

**ଭବାନୀପାଟଣା,୨୦।୬ (ଡି.ଏନ.ଏ.)**

ଭବାନୀପାଟଣାଠାରେ ଥିବା ଏକ ଘରୋଇ ନର୍ସିଂ ହୋମ୍‌ର ଡାକ୍ତର ଏବଂ ନର୍ସଙ୍କ ଅବହେଳା ଯୋଗୁ ଜଣେ ନବଜାତ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ପରିବାରବର୍ଗ ଅଭିଯୋଗ କରିବା ସହିତ ତୁରନ୍ତ ଘଟଣା ତଦନ୍ତ ପାଇଁ ଦାବି କରିଛନ୍ତି। କଳାହାଣ୍ଡି ଜିଲା କୋକସରା ଗ୍ରାମର ରୋହିତ କୁମାର ଅଗ୍ରୱାଲଙ୍କ ସ୍ତ୍ରୀ ପ୍ରିୟଙ୍କା ଅଗ୍ରୱାଲ (୨୪) ନିୟମିତ ଭାବେ ଭବାନୀପାଟଣାର ଏକ ଘରୋଇ ନର୍ସିଂ ହୋମ୍‌ର ସ୍ତ୍ରୀ ଓ ପ୍ରସୂତି ଡାକ୍ତରଙ୍କଠାରେ ଚିକିତ୍ସିତ ହୋଇ ଆସୁଥିଲେ। ଗତ ୧୫ ତାରିଖରେ ପ୍ରିୟଙ୍କାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ପ୍ରଥମେ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ଭବାନୀପାଟଣାର ଉକ୍ତ ଘରୋଇ ନର୍ସିଂ ହୋମ୍‌ରେ ଗତ ୧୫ ତାରିଖ ରାତି ସାଢେ ୮ଟାରେ ଭର୍ତ୍ତି କରିଥିଲେ। ୧୬ ତାରିଖ ଭୋର ସାଢେ ୫ଟାରେ ତାଙ୍କର ଅପରେସନ କରାଯିବା ପରେ ସେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ଜନ୍ମ ସମୟରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ରହିଥିବା ପରିବାରବର୍ଗ କହୁଥିବା ବେଳେ ଜନ୍ମର ୪୮ ଘଣ୍ଟା ପର୍ଯ୍ୟନ୍ତ ଶିଶୁକୁ ବିଭିନ୍ନ ଟିକା ଦେବା ପାଇଁ ହସ୍ପିଟାଲରେ ରଖାଯାଇଥିଲା। ନବଜାତଙ୍କୁ ମା' ଖିର ଦେବା ବଦଳରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ଓ ନର୍ସଙ୍କ ପରାମର୍ଶରେ ବେବୀ ଫୁଡ୍ ନେଷ୍ଟୋଜେନ୍ ପାଉଡର ପାଣିରେ ଗୋଳାଇ ଶିଶୁକୁ ପରିବାର ସଦସ୍ୟ ଖାଇବାକୁ ଦେଇଥିଲେ। ଏହା ଖାଇବାର କିଛି ସମୟ ପରେ ଶିଶୁ ଅସୁସ୍ଥ ହୋଇପଡିବାରୁ ପରିବାର ସଦସ୍ୟ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ବିଭାଗରେ ଭର୍ତ୍ତି କରିଥିଲେ। ଶିଶୁର ଅବସ୍ଥା ଅଧିକ ଗୁରୁତର ହେବାରୁ ଶିଶୁଙ୍କୁ ତୁରନ୍ତ ୧୮ ତାରିଖ ରାତିରେ ଛତିଶଗଡର ରାୟପୁରର ଏକତା ମେଡିକାଲକୁ ନେଇଥିଲେ। ଉକ୍ତ ହସ୍ପିଟାଲର ଡାକ୍ତର ଶିଶୁଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହା ପରେ ଶିଶୁର ପରିବାରବର୍ଗ ଭବାନୀପାଟଣାର ଉକ୍ତ ଘରୋଇ ନର୍ସିଂ ହୋମ୍‌ର ଡାକ୍ତର ଓ ନର୍ସଙ୍କ ଅବହେଳା ଯୋଗୁ ଶିଶୁଟିର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଉକ୍ତ ଘରୋଇ ନର୍ସିଂ ହୋମ୍ ମାଲିକ ରବୀନ୍ଦ୍ର କୁମାର ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପ୍ରିୟଙ୍କା ଅଗ୍ରୱାଲ ପୂର୍ବରୁ ଏହି ହସ୍ପିଟାଲର ନିୟମିତ ସ୍ତ୍ରୀ ଓ ପ୍ରସୂତି ଡାକ୍ତରଙ୍କ ପାଖରେ ଚିକିତ୍ସିତ ହେଉଥିଲେ। ଗତ ୧୫ ତାରିଖରେ ତାଙ୍କୁ ଆମ ମେଡିକାଲରେ ପ୍ରସୂତି ପାଇଁ ଭର୍ତ୍ତି କରାଯାଇଥିଲା। ପ୍ରସୂତି ପରେ ମା' ଓ ଶିଶୁ ୩ ଦିନ ଧରି ଅର୍ଥାତ୍ ୧୮ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ଛୁଆକୁ ମା' ଖିର ଦେବାରେ ସମସ୍ୟା ହେଉଥିବା ଯୋଗୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପରିବାର ସଦସ୍ୟ ନେଷ୍ଟୋଜେନ୍ ପାଉଡର ପାଣିରେ ଗୋଳାଇ ପିଇବାକୁ ଦିଇଥିଲେ। କିନ୍ତୁ ପରେ ହଠାତ୍ ଶିଶୁ ଅସୁସ୍ଥ ହୋଇପଡିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁକୁ ଭର୍ତ୍ତି କରିବା ସମୟରେ ଶିଶୁର ଅବସ୍ଥା ସେତେ ଗୁରୁତର ନ ଥିଲା। ପରେ ସେଠାରେ କ'ଣ ହେଲା ଓ ଉକ୍ତ ଶିଶୁଟି କିପରି ଏବଂ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହା ସେ କହିପାରିବେ ନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବନଲତା ଦେବୀଙ୍କୁ ପଚାରିବାରୁ ସେ ଏହି ଘଟଣାର ତଦନ୍ତ କରିବେ ବୋଲି କହିଥିଲେ।

## ଜିଲାସ୍ତରୀୟ ରଥଯାତ୍ରା ପ୍ରସ୍ତୁତି ବୈଠକ

# ରାସ୍ତା ମରାମତି, ପରିମଳ ଉପରେ ଗୁରୁତ୍ୱ

**ଭବାନୀପାଟଣା,୨୦।୬ (ଡି.ଏନ.ଏ.)**

ଆଗାମୀ ରଥଯାତ୍ରା ଓ ବାହୁଡା ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ନିମନ୍ତେ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସଦର ବିଧାୟକ ପ୍ରଦୀପ୍ତ ନାଏକ, ଭବାନୀପାଟଣା ଉପଜିଲାପାଳ ତଥା କଳାହାଣ୍ଡି ମନ୍ଦିର ସମୁହର କାର୍ଯ୍ୟନିର୍ବାହୀ ଅଧିକାରୀ ମିର୍ଦ୍ଧା ଟପୋ, ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ସଦର ଆଇଆଇସି ସତ୍ୟ କୁମାର ନନ୍ଦ, ୱେସ୍କୋ ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ଜାତୀୟ ରାଜପଥ ବିଭାଗ ଯନ୍ତ୍ରୀ, ଏଡିଏମଓ, ଜଗନାଥ ମନ୍ଦିରର ପୂଜକଙ୍କ ସମେତ ରଥଯାତ୍ରା କମିଟି ସଦସ୍ୟମାନେ ଯୋଗଦେଇଥିଲେ। ସହର ମୁଖ୍ୟ ଜଗନାଥ ମନ୍ଦିର ଓ ବାଲାଜୀ ମନ୍ଦିରର ରଥଯାତ୍ରା ନିମନ୍ତେ ରଥ ନିର୍ମାଣ, ରଥର ଫିଟନେସ୍ ଓ ମାଉସୀ ମନ୍ଦିରର ମରାମତି ତଥା ସୌନ୍ଦର୍ଯ୍ୟକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରଥଯାତ୍ରା ପୂର୍ବରୁ ଉଭୟ ମନ୍ଦିରର ରଥଟଣା ରାସ୍ତାରେ ଥିବା ଡ୍ରେନ୍‌ଗୁଡିକରେ ଘୋଡଣି, ରାସ୍ତା ମରାମତି ଓ ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ବିଭାଗୀୟ ଅଧିକାରୀ ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ ଓ ପୌର ପରିଷଦକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ରଥ ଓ ବାହୁଡା ସମୟରେ ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ପିଇବା ପାଣି ଯୋଗାଣ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗତବର୍ଷ ମୁଖ୍ୟ ଜଗନ୍ନାଥ ଓ ବାଲାଜୀ ମନ୍ଦିରରେ ରଥ ନିର୍ଦ୍ଧାରିତ ସମୟ ଏବଂ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବା ପରେ ରଥ ଉପରେ ଚଢି ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଏଥିଯୋଗୁ ସେଠାରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଏଣୁ ଚଳିତ ବର୍ଷ ଶଦ୍ଧାଳୁଙ୍କୁ ରଥ ଉପରେ ଚଢି ଦର୍ଶନ କରିବା ଉପରେ କଟକଣା କରାଯାଇଛି । ଶଦ୍ଧାଳୁମାନେ ତଳୁ ରଥାରୁଢ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବେ । ସେହିପରି ଗତ କିଛି ବର୍ଷ ହେଲା ରଥଯାତ୍ରାରୁ ବାହୁଡା ପର୍ଯ୍ୟନ୍ତ ଉଭୟ ମାଉସୀ ମନ୍ଦିରରେ ପ୍ରତି ଦିନ ସନ୍ଧ୍ୟାରେ ହେଉଥିବା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଚଳିତବର୍ଷ ସଙ୍କୁଚିତ କରାଯାଇଛି। କେବଳ ହେରା ପଞ୍ଚମୀ ଦିନ ମାଉସୀ ମନ୍ଦିରରେ ଓ ବାହୁଡା ଯାତ୍ରା ଦିନ ଜଗନାଥ ମନ୍ଦିରରେ ଭଜନ ସମାରୋହ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।



ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା ଲାଗି ଆଲୋଚନା କରାଯାଉଛି।

# ଯୋଗାଭ୍ୟାସ କାର୍ଯ୍ୟକ୍ରମ

**ରିଷିଡା,୨୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ନେହେରୁ ଯୁବକ ସଂଘ ଆନୁକୂଲ୍ୟରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଆରମ୍ଭ ହୋଇଥିବା ଯୋଗାଭ୍ୟାସ କାର୍ଯ୍ୟକ୍ରମକୁ କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ର ତରଫରୁ ପରିଚାଳିତ ହେଉଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ମୁରଳୀଧର ରଣା ଯୋଗଦେଇଥିଲେ ।



ତେରେସିଂହା ନେହେରୁ ଯୁବକ ସଂଘ ତରଫରୁ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଚାଲିଛି ।

# ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କରାଯାଉ

**ଭବାନୀପାଟଣା,୨୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ରାଜନୀତିରେ ଦୀର୍ଘ ଦିନର ଅଭିବିଜ୍ଞତା ରଖିଥିବା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ କରାଯାଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ପାଖାପାଖି ୨ ମାସ ହେଲା ପଶ୍ଚିମ ଓଡିଶା ବିକାଶ ପରିଷଦ ପଦ ଖାଲି ପଡିଛି । ତତ୍‌କାଳୀନ ଅଧକ୍ଷ କିଶୋର ମହାନ୍ତି ଏହି ପଦରୁ ଇସ୍ତଫା ଦେବା ପରେ କାହାରିଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ନିର୍ବାଚନ ଆଚରଣ ଉଠିବା ପରେ ନୂତନ ଅଧକ୍ଷ ନିଯୁକ୍ତ ହୋଇ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିନାହିଁ। ଏହି ପରୀପ୍ରେକ୍ଷୀରେ ୨୦୧୮-୧୯ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା କାର୍ଯ୍ୟ ଓ ଚଳିତ ଆର୍ଥିକ ବର୍ଷରେ ନୂଆ ଯୋଜନାର କାର୍ଯ୍ୟକାରିତା ଉଭୟ ବାଧାପ୍ରାପ୍ତ ହୋଇଛି। ଗତବର୍ଷ ଅଗଷ୍ଟ ୧୦ ତାରିଖରେ ୫୬ ତମ ବୈଠକରେ ପ୍ରାୟ ୩୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲେ ମଧ ଏହା ମଧ୍ୟରୁ ଅନେକ ପ୍ରକଳ୍ପ ଏବେ ବି ଆରମ୍ଭ ହୋଇ ନ ଥିବା ସୂଚନା ମିଳିଛି। ପଶ୍ଚିମ ଓଡିଶାରେ କଳାହାଣ୍ଡି ଜିଲା ସବୁବେଳେ ଅବହେଳିତ ହୋଇ ରହୁଥିବାରୁ ରାଜ୍ୟ ରାଜନୀତିରେ ଅଭିଜ୍ଞତା ଦୃଷ୍ଟିରୁ ଏହି ଜିଲାର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ରଙ୍କୁ ଏହି ପଦବୀରେ ନିଯୁକ୍ତି ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ପଶ୍ଚିମ ଓଡିଶା ବବିକାଶ ପରିଷଦ ଗଠନ ପରଠାରୁ ୫ ଜଣ ଅଧକ୍ଷ ପଦରେ ନିଯୁକ୍ତି ହୋଇଛନ୍ତି। କିନ୍ତୁ କଳାହାଣ୍ଡିର କେହି ଜଣେ ବି ଏହି ପଦବିରେ ନ ଥିବା ଏବଂ ବର୍ତ୍ତମାନ ସମୟରେ ପୂର୍ବତନ ମନ୍ତ୍ରୀ ସିଂଦେଓଙ୍କୁ ଏହି ପଦବିରେ ନିଯୁକ୍ତି ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ଡ୍ରେନ ଅବରୋଧ,୧୫ ଦିନ ହେଲା ନଳକୂପ ବନ୍ଦ

# ପାଣି ପାଇଁ ହନ୍ତସନ୍ତ ପଡ଼ାବାସୀ

**ଜୁନାଗଡ଼,୨୦।୬ (ଡି.ଏନ.ଏ.)**

**ଭଇଁରୀଗୁଡ଼ା ତ୍ରିନାଥ ମନ୍ଦିରପଡ଼ା**



ବନ୍ଦଥିବା ନଳକୂପ ସହ ପଡାବାସୀ ।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରୀଗୁଡା ପଞ୍ଚାୟତ ୪ ନଂ. ୱାର୍ଡ ତ୍ରୀନାଥ ମନ୍ଦିର ପଡାରେ ଗତ ୧୫ ଦିନ ହେବ ନଳକୂପ ବନ୍ଦଥିବା ଯୋଗୁ ପଡାବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହୋଇଛନ୍ତି। ଏହାକୁ ନେଇ ପଡାବାସୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭଇଁରୀଗୁଡା ତ୍ରୀନାଥ ମନ୍ଦିର ପଡାରେ ଗତ କିଛି ବର୍ଷ ତଳେ ରାସ୍ତା ଓ ଡ୍ରେନ ନିର୍ମାଣ କରାଯାଇଥିଲା। ଏହି ଡ୍ରେନ ଠିକ ଭାବରେ ହୋଇ ନ ଥିବା ଅଭିଯୋଗ ହୋଇଛି। ଡ୍ରେନ କଡରେ ଥିବା ଘର ମାଲିକମାନେ ଡ୍ରେନକୁ ଅବରୋଧ କରିବା ଯୋଗୁ ଅଳିଆ ଆବର୍ଜନା ପାଣି ନିଷ୍କାସନ ହୋଇପାରୁନାହିଁ। ଏପରିସ୍ଥଳେ ଗତ ୧୫ ଦିନ ହେବ ଡ୍ରେନ ପାଣି ନଳକୂପରେ ଜମା ହେଉଥିବାରୁ ନଳକୂପକୁ ବନ୍ଦ କରି ଦିଆଯାଇଛି। ନଳକୂପ ବନ୍ଦ ଥିବାରୁ ପଡାବାସୀ ଏବେ ଟିକିଏ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏପରିସ୍ଥଳେ ଡ୍ରେନ ସଫା କରିବା ପାଇଁ ପଡାବାସୀ ବିଭିନ୍ନ ସମୟରେ ସ୍ଥାନୀୟ ସରପଞ୍ଚ, ପିଇଓଙ୍କୁ ଜଣାଉଥିଲେ ମଧ ସେମାନେ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଗୁରୁବାର ଉକ୍ତ ରାସ୍ତାରେ ଯନ୍ତ୍ରୀ ସଞ୍ଜୟ କୁମାର ମଲ୍ଲିକ ଯାଉଥିବାବେଳେ ମହିଳାମାନେ ତାଙ୍କୁ ଘେରିଥିଲେ। ଆସନ୍ତା ୨ଦିନ ମଧ୍ୟରେ ଡ୍ରେନ ସଫା କରାଯିବ ଓ ନଳକୂପରୁ ପଡାବାସୀ ପାଣି ନେବେ ବୋଲି ଯନ୍ତ୍ରୀ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ମହିଳାମାନେ ତାଙ୍କୁ ଛାଡିଦେଇଥିଲେ। ଅନ୍ୟପଟେ ଯଦି ୨ ଦିନ ଭିତରେ ଡ୍ରେନ ସଫା କରା ନ ଗଲେ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

# ବିପର୍ଯ୍ୟୟ ପରିଚାଳନା ପାଇଁ ମକ୍‌ଡ୍ରିଲ

**ଭବାନୀପାଟଣା,୨୦।୬ (ଡି.ଏନ.ଏ.)**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗକୁ ବର୍ଷାଋତୁ ଆସୁଥିବାବେଳେ ଗତବର୍ଷରେ କଳାହାଣ୍ଡିରେ ଫ୍ଲାସଫ୍ଲଡ ଅନୁଭୂତିକୁ ନେଇ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନମାନଙ୍କୁ କିପରି ଉଦ୍ଧାର କରାଯିବ ତାହାର କଳାକୌଶଳ ପ୍ରଦର୍ଶନ କରିଥିଲେ। ବନ୍ୟା, ବାତ୍ୟା ଓ ନିଆଁ ଲାଗିବା ସମୟରେ କିପରି ବିପନ୍ନମାନଙ୍କୁ ଉଦ୍ଧାର କରାଯାଏ ସେ ସମ୍ପର୍କରେ ମକ୍‌ଡ୍ରିଲ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ଜରୁରୀ ଅଧିକାରୀ ସୁରେନ୍ଦ୍ର ତ୍ରିପାଠୀ, ବିଭିନ୍ନ ଅଧିକାରୀଙ୍କ ସମେତ ଅଗ୍ନିଶମ ବିଭାଗର ଅଧିକାରୀ ସମେତ ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଶିବିରାର୍ଥି, ଏନସିସି କ୍ୟାଡେଟ ଓ ଯୁବକ ଯୁବତୀମାନେ ଯୋଗ ଦେଇ ବିପର୍ଯ୍ୟୟ ପରିଚାଳନା କଳା କୌଶଳ ଶିକ୍ଷା କରିଥିଲେ। ପ୍ରକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଓ ଏନଡିଆରଏଫ୍ ସହ କାନ୍ଧରେ କାନ୍ଧ ମିଳାଇ ବିପନ୍ନମାନଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଅଗ୍ନିଶମ ଅଧିକାରୀ ଆହ୍ୱାନ ଦେଇଥିଲେ।



ଅଗ୍ନିଶମ ଅଧିକାରୀମାନେ ମକ୍‌ଡ୍ରିଲ ପ୍ରଦର୍ଶନ କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ଜୁନ୍, ୨୦୧୯



ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା,
ତେବେ ବୁଦ୍ଧିରେ ମଧ କଳଙ୍କି ଲାଗିଯିବ।
- -ହର୍ବର୍ଟ ସାଇମନ୍ସ



## ଆଜି କ'ଣ କେଉଁଠି

**ପୁରୁଣାକଟକ**

- ହରଭଙ୍ଗା ବ୍ଲକ ପତଞ୍ଜଳି ଯୋଗ ସମିତି ତରଫରୁ ବିଶ୍ୱ ଯୋଗ ଦିବସ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସକାଳ ୬ଟା।

**କୁଆଁରମୁଣ୍ଡା**

- ବିଶ୍ୱ ଯୋଗ ଦିବସ ଅବସରରେ ସାମୂହିକ ଯୋଗ କାର୍ଯ୍ୟକ୍ରମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସକାଳ ୬ଟା।

**ବୀରମିତ୍ରପୁର**

- ବିଶ୍ୱ ଯୋଗ ଦିବସ ଅବସରରେ ଯୋଗ କାର୍ଯ୍ୟକ୍ରମ, ବି.ଆର.ଆଇ କ୍ଲବ ପଡ଼ିଆ, ସକାଳ ୬ଟା।

**ସୁନ୍ଦରଗଡ଼**

- ପତଞ୍ଜଳି ଯୋଗ ସମିତି, ସୁନ୍ଦରଗଡ଼ କ୍ଲବ ପକ୍ଷରୁ ସାମୂହିକ ଯୋଗ ଶିବିର, ଭବାନୀଭବନ ପଡ଼ିଆ, ସକାଳ ୬ଟା।

**ବରଗଡ଼**

- ଆନ୍ତର୍ଜାତିକ ଯୋଗ ଦିବସ ସମାରୋହ, ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼, ସକାଳ ୫ଟା।
- ଗୋପଲୀଳା ପାରାୟଣ, ଗାଇସିଲେଟ୍ ଆଦିବାସୀ କଲୋନୀ, ପୂର୍ବାହ୍ନ ୮ଟା।

**ବୌଦ୍ଧ**

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ରାମଲୀଳା ପଡିଆ, ମାଉସୀ ମା'ମନ୍ଦିର, ବଘୁପାଲି ପଡିଆ, ସକାଳ ୬ଟା।

**ଭବାନୀପାଟଣା**

- ଭବାନୀପାଟଣା ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ, ସମୟ- ସକାଳ ୧୦ଟା, ସ୍ଥାନ- ପଞ୍ଚାୟତ ସମିତି ସଭାଗୃହ, ଭବାନୀପାଟଣା ।
- ଭବାନୀପାଟଣା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ, ସମୟ: ସନ୍ଧ୍ୟା ୫ଟା, ସ୍ଥାନ: ଦେଓ୍ୱାନ ସାହେବପଡ଼ା ।

**ଦେବଗଡ଼**

- ଯୋଗ ମହୋତ୍ସବ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳନ, ବାଳିକା ଉଚ୍ଚ ବିଦ୍ୟାଳୟ ପଡିଆ,ସକାଳ ୬ ଟା।
- ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଯୋଗ ଦିବସ, ରାଜପ୍ରାସାଦର ସଭାଗୋଲି, ସକାଳ ୬ଟା।

**ନୂଆପଡା**

- ଆନ୍ତର୍ଜାତିକ ଯୋଗ ଦିବସ, ନୂଆପଡା ମିନିଷ୍ଟାଡିୟମ, ଖଡିଆଳ ଉଗ୍ରସେନ ଭବନ, ସକାଳ ସାଢେ ୫ଟା ।

**ରାଉରକେଲା**

- ବିଶ୍ୱ ସଙ୍ଗୀତ ଦିବସ, ସେକ୍ଟର-୭ ମଧୁମଣ୍ଡପ, ସନ୍ଧ୍ୟା ୭ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ଅମରଭବନ, ସକାଳ ୫ଟା ୪୫।
- ଅନ୍ତର୍ଜାତୀୟ ଯୋଗ ଦିବସ, ବାସନ୍ତୀ ପାଠାଗାର, ସକାଳ ସାଢ଼େ ୫ଟା।
- କୌଶଳ ମେଳା, କର୍ମନିଯୁକ୍ତି ସଂସ୍ଥାନ, ସକାଳ ୯ଟା।

**ସୁବର୍ଣ୍ଣପୁର**

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ, ରୟାଲ ପଡିଆ, ସକାଳ ୭ଟା ।
- ଯୋଗ ମହୋତ୍ସବ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ, ଗାନ୍ଧୀ ପଡିଆ, ସକାଳ ୬ଟା ।

**ସମ୍ବଲପୁର**

- ହରିଓମ୍ ଯୋଗ କ୍ଲବ ପକ୍ଷରୁ ସାମୂହିକ ଯୋଗ ଅଭ୍ୟାସ, ବଡବଜାର ଗୌରୀଶଙ୍କର ପାର୍କ, ସକାଳ ସାଢ଼େ ୫ଟା।
- ବ୍ରହ୍ମାକୁମାରୀ ଆୟୋଜନରେ ରାଜଯୋଗ ଶିବିର, ଗାନ୍ଧୀ ପାର୍କ, ସକାଳ ୬ଟା।
- ବିଜୁ ଯୁବବାହିନୀ ପକ୍ଷରୁ ଯୋଗ ଶିବିର, ଧନକଉଡା ଖେଳ ପଡ଼ିଆ, ସକାଳ ୬ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ, ସକାଳ ସାଢ଼େ ୬ଟା।
- ଯୋଗ ଶିବିର, ସମ୍ବଲପୁର ଭିଏଲ୍‌ସିସି ସଭା କକ୍ଷ, ସକାଳ ସାଢ଼େ ୬ଟା।
- ମାରୱାଡି ଯୁବାମଞ୍ଚର ଅମୃତ ଧାରା ଶୁଭାରମ୍ଭ କାର୍ଯ୍ୟକ୍ରମ, ଅଇଁଠାପାଲି ଥାନା ପରିସର, ପୂର୍ବାହ୍ନ ୧୦ଟା

### ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ

# ନିରବଚ୍ଛିନ୍ନ ବିଜୁଳି, ଜଳଯୋଗାଣ ନେଇ ଆଲୋଚନା

**ବଲାଙ୍ଗୀର ଅଫିସ, ୨୦।୬**



ବିଧାୟକ ନରସିଂହ ମିଶ୍ର ମେଡିକାଲ କଲେଜ ଡିନ୍, ସୁପରିଣ୍ଟେଣ୍ଡେଣ୍ଟ, ଜନସ୍ୱାସ୍ଥ୍ୟ, ୱେସ୍କୋ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ବଲାଙ୍ଗୀରରେ ଭୀମଭୋଇ ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ଏଠାକାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ ହସ୍‌ପିଟାଲ ଭାବେ ଉନ୍ନୀତ କରାଯାଇଛି । ଏଠାରେ ତରବରିଆ ଭାବେ କିଛି ଆନୁସଙ୍ଗିକ ଭିତ୍ତିଭୂମିର ଉନ୍ନତି କରାଯାଇଥିଲେ ମଧ୍ୟ ନିରବଚ୍ଛିନ୍ନ ବିଜୁଳି, ଜଳ ଯୋଗାଣ ଓ ଅନ୍ୟାନ୍ୟ ସମସ୍ୟା ଲାଗିରହିଛି । ଏହି କାରଣରୁ ରୋଗୀ, ରୋଗୀ ପରିଜନ ଓ ହସପିଟାଲ ଷ୍ଟାଫ୍ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହସ୍‌ପିଟାଲର ଏହି ସମସ୍ୟା ନେଇ ବିଧାୟକ ନରସିଂହ ମିଶ୍ର ହସପିଟାଲ ପରିସରରେ ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ଲଳିତ କୁମାର ମେହେର, ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ନାରାୟଣ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଜନସ୍ୱାସ୍ଥ୍ୟ ଓ ୱେସ୍କୋ ବିଭାଗ ଯନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏଥିରେ ନିରବଚ୍ଛିନ୍ନ ବିଜୁଳି ସେବା ଓ ଜଳଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ନିରବଚ୍ଛିନ୍ନ ବିଜୁଳି ବ୍ୟବସ୍ଥା କରିବା ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରିବାକୁ କିଛି ସମୟ ଲାଗିପାରେ ବିଧାୟକ ମିଶ୍ର କହିଥିଲେ । ତେବେ ନିଜ ବିଧାୟକ ପାଣ୍ଠି କିମ୍ବା ଅନ୍ୟାନ୍ୟ ଉତ୍ସରୁ ଅର୍ଥ ବ୍ୟବସ୍ଥା କରି ରଥଯାତ୍ରା ପୂର୍ବରୁ ଏହି ହସପିଟାଲରେ ତିନୋଟି ହାଇପୱାର ଜେନେରେଟର ବ୍ୟବସ୍ଥା କରିବେ ବର୍ତ୍ତମାନ ବିକଳ୍ପ ବ୍ୟବସ୍ଥା ଶୀଘ୍ର କରାଯିବ ବୋଲି ମିଶ୍ର ପ୍ରତିଶ୍ରୁତ ଦେଇଥିଲେ । ଏହାହେଲେ ଆଇସିୟୁ, ଲେବର ରୁମ୍, ଏସ୍‌ଏନ୍‌ସିୟୁ, କେଜୁଏଲଟି ଏବଂ ଅସ୍ତ୍ରପ୍ରଚାର ଗୃହକୁ ଅନବରତ ବିଜୁଳି ଯୋଗାଣର ବିକଳ୍ପ ବ୍ୟବସ୍ଥା ହୋଇପାରିବ ବୋଲି ଆଲୋଚନା ହୋଇଥିଲା । ଏହାବାଦ୍ ଗ୍ରୀଡରୁ ଯେପରି ସ୍ୱତନ୍ତ୍ର ଭାବରେ ହସ୍‌ପିଟାଲ ଏବଂ ମେଡିକାଲ କଲେଜକୁ ବିଜୁଳି ଆସିପାରିବ ତାର ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ମିଶ୍ର କହିଥିଲେ । ଏହା ସହିତ ଜନସ୍ୱାସ୍ଥ୍ୟ ନିର୍ବାହୀଯନ୍ତ୍ରୀଙ୍କୁ ହସ୍‌ପିଟାଲର ପ୍ରତ୍ୟେକ ବିଭାଗକୁ ଯେପରି ରଥଯାତ୍ରା ପୂର୍ବରୁ ଜଳଯୋଗାଣ ହୋଇପାରିବ ସେନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ହସପିଟାଲ ମ୍ୟାନେଜର ସୁଦୀପ୍ତ ଦତ୍ତ, ଜନସ୍ୱାସ୍ଥ୍ୟ ନିର୍ବାହୀଯନ୍ତ୍ରୀ ପାର୍ବତୀ ମୋହନ ପରିଡା, ଏସ୍‌ଡିଓ ସୁବ୍ରତ ନାଏକ, ସହକାରୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ବେହେରା, ବିଜୁଳି ବିଭାଗ ନିର୍ବାହୀଯନ୍ତ୍ରୀ, ଜିଇଡିର ସହକାରୀ ଯନ୍ତ୍ରୀ ଏବଂ ବିଧାୟକଙ୍କ ପ୍ରତିନିଧି ମନିଷ ମିଶ୍ର ଉପସ୍ଥିତ ଥିଲେ ।

## ସୌମ୍ୟଙ୍କୁ ଗ୍ରହଣ କଲେ ଭୁବନେଶ୍ୱରର ଦମ୍ପତି

**ସୋନପୁର,୨୦।୬(ନି.ପ୍ର.)**

ସୁବର୍ଣ୍ଣପୁରର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର(ସା)ରେ ରହୁଥିବା ୬ମାସର ଶିଶୁ ପୁତ୍ର(ସୌମ୍ୟ)ଙ୍କୁ ଭୁବନେଶ୍ୱରରେ ରହୁଥିବା ଦମ୍ପତି ଗୁରୁବାର ଗ୍ରହଣ କରିଛନ୍ତି। ଏହି ଶିଶୁକୁ ଜିଲାପାଳ ମଧୁସୂଦନ ମିଶ୍ର ଦମ୍ପତିଙ୍କୁ ପ୍ରଦାନ କରିଥିଲେ। ଶିଶୁର ମା' ସ୍ୱଧାର ଗୃହରେ ଥିବା ବେଳେ ମୃତ୍ୟୁବରଣ କରିଥିଲେ। ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନା ପରେ ଶିଶୁ ସାରେ ରହୁଥିଲେ। ଆଇନଗତ ପ୍ରକ୍ରିୟା ସରିବା ପରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆଇନତଃ ଘୋଷଣା କରାଯାଇଥିଲା। ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପରେ ହସ୍ତାନ୍ତର କାର୍ଯ୍ୟକ୍ରମ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନନ୍ଦ କିଶୋର ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଶିଶୁ ମଙ୍ଗଳ ସମିତିର ସଭ୍ୟ ବରୁଣ ମହାନ୍ତି, ଦିଲୀପ ମୁଖି, ସଂଯୋଜକ ତ୍ରିନାଥ ସାହୁ ଓ ଆଇନଜୀବୀ ହେମନ୍ତ ସା ପ୍ରମୁଖ ଉପସ୍ଥିତ ଥିଲେ ।

# କାମରେ ଆସୁନି ପୁଷ୍ଟି ପୁନର୍ବାସ କେନ୍ଦ୍ର

**ଖପ୍ରାଖୋଲ, ୨୦।୬ (ଡି.ଏନ.ଏ.)**



ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ର।

୨୦୧୪ମସିହାରେ କେତେକ ଅପପୁଷ୍ଟି ପ୍ରବଣ ଅଞ୍ଚଳରେ ସରକାର ସ୍ୱାସ୍ଥ୍ୟ ବିଭାଗ ମାଧ୍ୟମରେ ପୁଷ୍ଟି ପୁନର୍ବାସ କେନ୍ଦ୍ର ଖୋଲିଛନ୍ତି। ଅପପୁଷ୍ଟିର ଶିକାର ଶିଶୁମାନଙ୍କୁ ସୁସ୍ଥ ରହିବା ପାଇଁ ଏହି କେନ୍ଦ୍ର କାମ କରିବାର ବ୍ୟବସ୍ଥା ଅଛି। ଏହିକ୍ରମରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛି ପୁଷ୍ଟି ପୁନର୍ବାସ କେନ୍ଦ୍ର (ଏନଆରସି)। ହେଲେ ଗତ ୪ ମାସ ହେଲା ଏହି କେନ୍ଦ୍ର ଏକ ପ୍ରକାର ଅଚଳ ହୋଇ ପଡିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ଏହି ପୁନର୍ବାସ କେନ୍ଦ୍ରରେ ଛଅ ମାସରୁ ପାଞ୍ଚ ବର୍ଷ ମଧ୍ୟରେ ଅପପୁଷ୍ଟିରେ ଶିକାର ପିଲାଙ୍କୁ ସୁଷମ ଖାଦ୍ୟ ଦେବା ସହିତ ବିଭିନ୍ନ ଔଷଧ, ଚିକିତ୍ସା ଖର୍ଚ୍ଚ, ଗସ୍ତ ଖର୍ଚ୍ଚ ସହିତ ମାଗଣାରେ ରହିବା ଖାଇବା ବ୍ୟବସ୍ଥା ରହିଛି । ଅପପୁଷ୍ଟିର ଶିକାର ତଥା ରେଡ ଜୋନ ପିଲା ଏହି କେନ୍ଦ୍ରରେ ନିଜ ମା' ସହ ରହି ପାରିବେ। ଖପ୍ରାଖୋଲ ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ୧୦ଟି ଶଯ୍ୟା ରହିଛି । ଯେଉଁଥିରେ ୧୦ଟି ପିଲା ପୃଷ୍ଟି ପୁନର୍ବାସ ହେବା ପର୍ଯ୍ୟନ୍ତ ୧୫ ଦିନ ଯାଏଁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ବ୍ୟବସ୍ଥା ରହିଛି। ଏହି ପୁନର୍ବାସ କେନ୍ଦ୍ରରେ ତୁରେକେଲା, ବେଲପଡା, ଖପ୍ରାଖୋଲ, ପାଟଣାଗଡ ଅଞ୍ଚଳର ଅପପୁଷ୍ଟିର ଶିକାର ପିଲାଙ୍କୁ ସେବା ଯୋଗାଇ ଦିଆଯାଉଥିଲା। ଜଣେ କାଉନସିଲର, ୨ ଜଣ ଏଏନଏମ, ୩ ଜଣ ଆଟେଣ୍ଡାଣ୍ଟ ତଥା ପାଚିକା ଏଠାରେ ନିୟୋଜିତ ଅଛନ୍ତି। ହେଲେ କିଛି ଦିନ ହେଲା ଏଠାରେ ନିଯୁକ୍ତ କାଉନସିଲରଙ୍କ ଅନୁପସ୍ଥିତି ଯୋଗୁଁ ଏଭଳି ଅଚଳାବସ୍ଥା ଦେଖା ଦେଇଛି। ଏହି ଅଞ୍ଚଳରେ ଅନେକ ଅପପୁଷ୍ଟି ଶିଶୁ ସମସ୍ୟା ମଧ୍ୟରେ ରହୁଥିବା ବେଳେ କେତେକଙ୍କୁ ଅନ୍ୟ ପୁନର୍ବାସ କେନ୍ଦ୍ରକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନାନ୍ତର କରାଯାଉଛି। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ପ୍ରହଲ୍ଲାଦ ମେହେରଙ୍କୁ ପଚାରିବାରୁ ନବନିଯୁକ୍ତ କାଉନସିଲରଙ୍କ ଅନୁପସ୍ଥିତି ଯୋଗୁଁ ସମସ୍ୟା ହେଉଛି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଅତି ଅପପୁଷ୍ଟିର ଶିକାର ଶିଶୁଙ୍କୁ ଆବଶ୍ୟକସ୍ଥଳେ ଔଷଧ ଦେବା ସହ ଦରକାର ପଡିଲେ ବଲାଙ୍ଗୀର ପୁନର୍ବାସ କେନ୍ଦ୍ରକୁ ସ୍ଥାନାନ୍ତର କରୁଛୁ । ଦିନେ ଦୁଇଦିନ ମଧ୍ୟରେ ଏଠିକାର ପୁଷ୍ଟି ପୁନର୍ବାସ କେନ୍ଦ୍ରକୁ ସଚଳ କରାଯିବ ବୋଲି କହିଛନ୍ତି।

## ବଜ୍ରପାତରେ ଘର କାନ୍ଥରେ ଫାଟ,ବଳଦ ମୃତ

**ଲୋଇସିଂହା,୨୦।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବିରକେଲ ଗ୍ରାମରେ ଗୁରୁବାର ଅପରାହ୍ନରେ ଘଡଘଡି ସହ ବର୍ଷା ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ବିଦେଶୀ ପଟେଲ ନାମକ ଜଣେ ବ୍ୟକ୍ତିଙ୍କ ଘର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ତେବେ ଘରେ ଥିବା ତାଙ୍କ ପରିବାର ୬ଜଣ ସଦସ୍ୟ ବର୍ତ୍ତି ଯାଇଛନ୍ତି। ସେହିପରି ଗାଁଠାରୁ ଅଧକିମି ଦୂରରେ ଖାଦ୍ୟ ଅନ୍ୱେଷଣରେ ଯାଇଥିବା ଚାଷୀ ଚନ୍ଦ୍ରଧ୍ୱଜଙ୍କ ଗୋଟିଏ ବଳଦର ବଜ୍ରପାତରେ ମୃତ୍ୟୁ ଘଟିଛି । କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।



ପ୍ରଧାନମନ୍ତ୍ରୀ ସଡକ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଉଛି।

# ମଣ୍ଡି ନାହିଁ: ବେପାରୀ ହାତରେ ଧାନ ଟେକିଦେଉଛି ଚାଷୀ

**ସଇଁତଲା, ୨୦।୬(ଡି.ଏନ.ଏ.)**

ସଇଁତଲା ବ୍ଲକ ଅନ୍ତର୍ଗତ ବେଲଗାଁ, ଘୁନସର ଓ ଆମ୍ବପାଲି ପଞ୍ଚାୟତର ରବିଧାନ ଚାଷୀ ଏବେ ସଙ୍କଟରେ ପଡିଛନ୍ତି। ଏହି ୩ପଞ୍ଚାୟତ ପାଇଁ କୌଣସି ମଣ୍ଡିର ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ଅସୁବିଧାରେ ପଡିଛନ୍ତି। ମୌସୁମୀ ବର୍ଷା ରାଜ୍ୟରେ ଆସନ୍ନ ହେବା ସମୟରେ ଆଶଙ୍କିତ ଚାଷୀ ବାଧହୋଇ ବେପାରୀକୁ କମ୍ ଦରରେ ବିକ୍ରି କରିଦେବାକୁ ବାଧ ହେଉଛି। ବେଲଗାଁଠାରେ ୧୦କୋଟି ଚାରି ଲକ୍ଷ ନଅ ହଜାର ୬୬୮ ଟଙ୍କା ବ୍ୟୟରେ ବେଲଗାଁଠାରୁ ଆମ୍ବପାଲି ପର୍ଯ୍ୟନ୍ତ ମେଗା ଜଳସେଚନ ପ୍ରକଳ୍ପ ତିଆରି ହୋଇଛି। ଏହି ଜଳ ସେଚନ ପ୍ରକଳ୍ପ ହେବା ଫଳରେ ବେଲଗାଁ, ଆମ୍ବପାଲି ଅଞ୍ଚଳରେ ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ପାଖାପାଖି ୮୬୦ଏକର ଜମିରେ ଧାନ ଚାଷ ହୋଇଛି। ଚାଷୀମାନେ ଇତିମଧ୍ୟରେ ଧାନ ଅମଳ କରିସାରିଲେଣି। କିନ୍ତୁ ଦୁଃଖର ବିଷୟ ଯେ, ଧାନ ବିକ୍ରୟ ପାଇଁ ଏହି ଅଞ୍ଚଳରେ କୌଣସି ପ୍ରକାର ମଣ୍ଡି ଖୋଲାଯାଇନାହିଁ । ଯାହା ଫଳରେ ଚାଷୀକୁଳ ଦଲାଲ ହାତରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ଭାବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ଥିବାବେଳେ ଦଲାଲକୁ ୧୩୫୦ଟଙ୍କାରେ ଚାଷୀ ଧାନ ଦେଉଥିବା ଜଣାଯାଇଛି । ଏହି ପରିସ୍ଥିତିରେ ବେଲଗାଁ କିମ୍ବା ଆମ୍ବପାଲିଠାରେ ଏକ ମଣ୍ଡି ଖୋଲିବାକୁ ଚାଷୀ ମହଲରେ ଦାବି ହେଉଛି ।



ବଲାଙ୍ଗୀର ଜିଲା ଟିଟିଲାଗଡ ପୌର ପରିଷଦ ପକ୍ଷରୁ ଆୟୋଜିତ ପ୍ଲାଷ୍ଟିକକୁ ନାଁ କାର୍ଯ୍ୟକ୍ରମରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଜୁନାଗଡ଼ରେ ବ୍ଲକସ୍ତରୀୟ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ

**ଜୁନାଗଡ,୨୦।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଓ) ସିର୍ଦ୍ଧେଶ୍ୱର ମେହେର, ପିଏ ବିଘ୍ନେଶ୍ୱର ନାଏକ, ଅଗ୍ନିଶମ ଅଧିକାରୀ ଅପୂର୍ବ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିଙ୍କ ସହ ପିଇଓମାନେ ଯୋଗଦେଇଥିଲେ। ପରେ ବ୍ଲକର ବଣିଜରା ପଞ୍ଚାୟତ କୋଟେନଗାଁ ହାତୀନଦୀ କୂଳରେ ବନ୍ୟା ଆଶ୍ରୟ ସ୍ଥଳିସ୍ତରୀୟ ସାମୁହିକ ଅଭ୍ୟାସ ନିମନ୍ତେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଉପରୋକ୍ତ ଅଧିକାରୀଙ୍କ ସହ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ମାଝି ଯୋଗଦେଇଥିଲେ। ସେଠାରେ ଅଗ୍ନିଶମ ବିଭାଗ ପକ୍ଷରୁ ବନ୍ୟା ସମୟରେ ପ୍ରାକୃତିକ ବିପର୍ଯ୍ୟୟରୁ କିପରି ସୁରକ୍ଷା ନେଇ ପାରିବେ ସେ ନେଇ ମକଡ୍ରିଲ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ

**ଜୁନାଗଡ,୨୦।୬ (ଡି.ଏନ.ଏ.)**

ଜୁନାଗଡ ବ୍ଲକ ବୁଡିଦର-ବଳରାମପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଶକ୍ତି, ଶିଳ୍ପ, ଏମଏସ୍‌ଏମଇ ଓ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦୀର୍ଘଦିନ ହେବ ଏହି ରାସ୍ତା ଶୋଚନୀୟ ହୋଇପଡିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା। ତେବେ ଏହାକୁ ହୃଦୟଙ୍ଗମ କରି ମନ୍ତ୍ରୀ କ୍ୟାପଟେ୍ନ ମିଶ୍ର ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗରେ ସାମିଲ କରିବାକୁ ପଦକ୍ଷେପ ନେଇଥିଲେ। ଫଳରେ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାରେ ସାମିଲ ହୋଇଥିବାରୁ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ କୁମାର ବେହେରା, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ଆଇନଜୀବୀ ବିଶ୍ୱନାଥ କର ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀ ସଡକ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଉଛି।

## ରଥଯାତ୍ରା ପାଇଁ ପ୍ରସ୍ତୁତି

**ପାଟଣାଗଡ, ୨୦।୬(ଡି.ଏନ.ଏ.)**

ପାଟଣାଗଡ ଏନଏସି ସଭାଗୃହରେ ଗୁରୁବାର ଆସନ୍ତା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ତହସିଲଦାର ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଡ. ପଣ୍ଡା ଅନୁରୋଧ କରିଥିଲେ। ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗତବର୍ଷର ବିବରଣୀ ପାଠ କରିଥିଲେ। ପାଟଣାଗଡ ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଟ୍ରାଫିକ ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦେବାପାଇଁ ପ୍ରସ୍ତାବ ରଖାଯାଇଥିଲା। ଆଇନଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ରଥଯାତ୍ରା ପାଇଁ ଦେଢଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଉପଜିଲାପାଳ ଅନୁପସ୍ଥିତ ଥିବାରୁ ଧାରସୂତ୍ରେ ପଇସା ଅଣାଯାଇ ଖର୍ଚ୍ଚ କରାଯିବ ଏବଂ ପରେ ଏହି ଅର୍ଥ ପରିଶୋଧ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

# ଘର ସାମ୍ନାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବେଲପଡା, ୨୦।୬(ଡି.ଏନ.ଏ.)**



ଗୁରୁବାର ପୋଲିସ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ପଚରାଉଚୁରା କରୁଛି।

- ସନ୍ଦେହରେ ୩ଜଣଙ୍କୁ ଥାନାକୁ ଆଣି ପୋଲିସର ପଚରାଉଚରା
- ପରିବାରବର୍ଗ ଆଣିଲେ ହତ୍ୟା ଅଭିଯୋଗ

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସିହିନୀ ଆମପଡାର ମାର୍କଣ୍ଡ ରଣା (୫୫)ଙ୍କ ବୁଧବାର ବିଳମ୍ବିତ ରତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ମୃତକଙ୍କ ପୁଅ ବିଜୁ ରଣା ତାଙ୍କ ବାପାଙ୍କୁ ଗ୍ରାମର ୩ଜଣ ବ୍ୟକ୍ତି ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପାଟଣାଗଡ ଏସ୍‌ଡିପିଓ ସୁରେଶ ନାଏକ ବେଲପଡା ପୋଲିସ ସହ ଘଟଣାସ୍ଥଳକୁ ଯାଇ ତନାଘନା ଚଳାଇଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବେଲପଡା ଥାନାରେ ଏକ ମାମଲା (ନଂ. ୯୨/୧୯)ରୁଜୁ ହୋଇଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ସିହିନୀ ଗାଁର କେତେକ ବ୍ୟକ୍ତି ଙ୍କ ଘର ଓ ପ୍ରହରୀ ମଣ୍ଡପକୁ ଯାଇ ଫେରିଛି। ପୋଲିସ ସନ୍ଦେହରେ ଗ୍ରାମର ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି । ମୃତକଙ୍କ ପୁଅ ବିଜୁ ରଣା ଓ କେତେକ ଗ୍ରାମବାସୀଙ୍କ କହିବା ଅନୁସାରେ ଆମପଡାର ପ୍ରହରୀ ମଣ୍ଡପଠାରେ ବୁଧବାର ସନ୍ଧ୍ୟା ୭ଟାରେ କୌଣସି କାରଣକୁ ନେଇ ମାର୍କଣ୍ଡ ରଣାଙ୍କ ସହ ଗାଁର ଅରୁଣ ରଣାଙ୍କର ମାରପିଟ ହୋଇଥିଲା। ପରେ ରାତି ୯ଟାରେ ଗ୍ରାମ ଶେଷମୁଣ୍ଡରେ ଥିବା ଟ୍ରାନ୍ସଫର୍ମର ନିକଟରେ ପୁଣିଥରେ ଅରୁଣ ରଣା ଓ ତାଙ୍କ ବାପା ଧ୍ରୁବଲେ ରଣା ସହ ମାର୍କଣ୍ଡଙ୍କର ଗଣ୍ଡଗୋଳ ହୋଇଥିଲା । ମାର୍କଣ୍ଡଙ୍କ ପରିବାର ଲୋକେ ବୁଝାଶୁଝା କରି ତାଙ୍କୁ ଘରକୁ ଫେରାଇ ଆଣିଥିଲେ । ପରେ ଏହି ଗଣ୍ଡଗୋଳକୁ ନେଇ ଥାନାକୁ ଯାଉଛି କହି ମାର୍କଣ୍ଡ ସାଇକେଲ ଯୋଗେ ଘରୁ ବାହାରି ଯାଇଥିଲେ। ହେଲେ ସେ ରାତିରେ ଆଉ ଘରକୁ ଫେରି ନ ଥିଲେ । ଗୁରୁବାର ସକାଳୁ ମାର୍କଣ୍ଡଙ୍କ ମୃତଦେହ ତାଙ୍କ ଘର ସାମନାରେ ପଡିଥିବା ଦେଖାଯାଇଥିଲା। ସାଇକେଲ ମଧ୍ୟ ନିକଟରେ ପଡିଥିଲା। ପରିବାର ଲୋକେ ଥାନାକୁ ଆସି ମାର୍କଣ୍ଡଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ମୃତକଙ୍କ ମୁହଁ, ଆଖିପତା, ମୁଣ୍ଡ, ଛାତି ଓ ଜଙ୍ଘ, ମଳଦ୍ୱାର ଓ ଅଣ୍ଡକୋଷରେ ଗଭୀର କ୍ଷତଥିବା ଦେଖାଯାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ତେଣୁ ରହସ୍ୟ ଉନ୍ମୋଚନ ସହ ଅଭିଯୁକ୍ତଙ୍କୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପରିବାର ବର୍ଗ ଓ ଗ୍ରାମବାସୀ ଦାବି କରିଛନ୍ତି।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ

## ଆଜି କ'ଣ କେଉଁଠି

**ପୁରୁଣାକଟକ**

- ହରଭଙ୍ଗା ବ୍ଲକ ପତଞ୍ଜଳି ଯୋଗ ସମିତି ତରଫରୁ ବିଶ୍ୱ ଯୋଗ ଦିବସ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସକାଳ ୬ଟା।

**କୁଆଁରମୁଣ୍ଡା**

- ବିଶ୍ୱ ଯୋଗ ଦିବସ ଅବସରରେ ସାମୂହିକ ଯୋଗ କାର୍ଯ୍ୟକ୍ରମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସକାଳ ୬ଟା।

**ବୀରମିତ୍ରପୁର**

- ବିଶ୍ୱ ଯୋଗ ଦିବସ ଅବସରରେ ଯୋଗ କାର୍ଯ୍ୟକ୍ରମ, ବି.ଆର.ଆଇ କ୍ଲବ ପଡ଼ିଆ, ସକାଳ ୬ଟା।

**ସୁନ୍ଦରଗଡ଼**

- ପତଞ୍ଜଳି ଯୋଗ ସମିତି, ସୁନ୍ଦରଗଡ଼ କ୍ଲବ ପକ୍ଷରୁ ସାମୂହିକ ଯୋଗ ଶିବିର, ଭବାନୀଭବନ ପଡ଼ିଆ, ସକାଳ ୬ଟା।

**ବରଗଡ଼**

- ଆନ୍ତର୍ଜାତିକ ଯୋଗ ଦିବସ ସମାରୋହ, ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼, ସକାଳ ୫ଟା।
- ଗୋପଲୀଳା ପାରାୟଣ, ଗାଇସିଲେଟ୍ ଆଦିବାସୀ କଲୋନୀ, ପୂର୍ବାହ୍ନ ୮ଟା।

**ବୌଦ୍ଧ**

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ରାମଲୀଳା ପଡିଆ, ମାଉସୀ ମା'ମନ୍ଦିର, ବଟୁପାଲି ପଡିଆ, ସକାଳ ୬ଟା।

**ଭବାନୀପାଟଣା**

- ଭବାନୀପାଟଣା ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ, ସମୟ– ସକାଳ ୧୦ଟା, ସ୍ଥାନ– ପଞ୍ଚାୟତ ସମିତି ସଭାଗୃହ, ଭବାନୀପାଟଣା ।
- ଭବାନୀପାଟଣା ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ, ସମୟ: ସନ୍ଧ୍ୟା ୫ଟା, ସ୍ଥାନ: ଦେଓ୍ୱାନ ସାହେବପଡ଼ା ।

**ଦେବଗଡ଼**

- ଯୋଗ ମହୋତ୍ସବ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳନ, ବାଳିକା ଉଚ୍ଚ ବିଦ୍ୟାଳୟ ପଡିଆ,ସକାଳ ୬ ଟା।
- ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଯୋଗ ଦିବସ, ରାଜପ୍ରାସାଦର ସଭାଗୋଲି, ସକାଳ ୬ଟା।

**ନୂଆପଡା**

- ଆନ୍ତର୍ଜାତିକ ଯୋଗ ଦିବସ, ନୂଆପଡା ମିନିଷ୍ଟାଡିୟମ, ଖଡିଆଳ ଉଗ୍ରସେନ ଭବନ, ସକାଳ ସାଢେ ୫ଟା ।

**ରାଉରକେଲା**

- ବିଶ୍ୱ ସଙ୍ଗୀତ ଦିବସ, ସେକ୍ଟର–୭ ମଧୁମଣ୍ଡପ, ସନ୍ଧ୍ୟା ୭ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ଅମରଭବନ, ସକାଳ ୫ଟା ୪୫।
- ଅନ୍ତର୍ଜାତୀୟ ଯୋଗ ଦିବସ, ବାସନ୍ତୀ ପାଠାଗାର, ସକାଳ ସାଢ଼େ ୫ଟା।
- କୌଶଳ ମେଳା, କର୍ମନିଯୁକ୍ତି ସଂସ୍ଥାନ, ସକାଳ ୯ଟା।

**ସୁବର୍ଣ୍ଣପୁର**

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ, ରୟାଲ ପଡିଆ, ସକାଳ ୭ଟା ।
- ଯୋଗ ମହୋତ୍ସବ ସମିତି ପକ୍ଷରୁ ବିଶ୍ୱ ଯୋଗ ଦିବସ, ଗାନ୍ଧୀ ପଡିଆ, ସକାଳ ୬ଟା ।

**ସମ୍ବଲପୁର**

- ହରିଓମ୍ ଯୋଗ କ୍ଲବ ପକ୍ଷରୁ ସାମୁହିକ ଯୋଗ ଅଭ୍ୟାସ, ବଡବଜାର ଗୌରିଶଙ୍କର ପାର୍କ, ସକାଳ ସାଢ଼େ ୫ଟା।
- ବ୍ରହ୍ମକୁମାରୀ ଆୟୋଜନରେ ରାଜଯୋଗ ଶିବିର, ଗାନ୍ଧୀ ପାର୍କ, ସକାଳ ୬ଟା।
- ବିଜୁ ଯୁବବାହିନୀ ପକ୍ଷରୁ ଯୋଗ ଶିବିର, ଧନକଉଡା ଖେଳ ପଡ଼ିଆ, ସକାଳ ୬ଟା।
- ଆନ୍ତଃଜାତୀୟ ଯୋଗ ଦିବସ, ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ, ସକାଳ ସାଢ଼େ ୬ଟା।
- ଯୋଗ ଶିବିର, ସମ୍ବଲପୁର ଭିଏଲ୍‌ସିସି ସଭା କକ୍ଷ, ସକାଳ ସାଢ଼େ ୬ଟା।
- ମାରୱାଡି ଯୁବାମଞ୍ଚର ଅମୃତ ଧାରା ଶୁଭାରମ୍ଭ କାର୍ଯ୍ୟକ୍ରମ, ଅଇଁଠାପାଲି ଥାନା ପରିସର, ପୂର୍ବାହ୍ନ ୧୦ଟା

## ବଜ୍ରପାତରେ ଗାଈ ମୃତ

**ଅତାବିରା/ଜାମଟିକ୍ରା,୨୦।୬ (ଡି.ଏନ.ଏ)**

ଅତାବିରା ବ୍ଲକ ଜାମଟିକ୍ରା ଗ୍ରାମରେ ଗୁରୁବାର ବଜ୍ରପାତରେ ଏକ ଗାଈର ମୃତ୍ୟୁ ହୋଇଛି । ମୃତ ଗାଈଟି ସନ୍ତୋଷ ଠାଠୀଙ୍କ ବୋଲି ଜଣାପଡ଼ିଛି ।

### ପାଟଣାଗଡ ବିଧାୟକ ଗିରଫ ଦାବି

# ଏସ୍‌ପିଙ୍କ ସହ ଆଦିବାସୀ ସଂଘର ଆଲୋଚନା

**ବଲାଙ୍ଗୀର ଅଫିସ, ୨୦।୬**

ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରିବା ଘଟଣାରେ ପାଟଣାଗଡ ବିଧାୟକ ସରୋଜ ମେହେର, କଣ୍ଟାବାଞ୍ଜି ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ରଙ୍କ ଗିରଫ ଦାବି କରି ଜିଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ ଉପଜିଲାପାଳ କାର୍ଯ୍ୟାଳୟ ଘେରାଉ ଡାକରା ଦେଇଥିଲା । ଆଦିବାସୀ ସଂଘ ଘୋଷଣା ମୁତାବକ ୨୧ ତାରିଖରେ ଏହି ଘେରାଉ କାର୍ଯ୍ୟକ୍ରମ କରିବାର ଥିଲା । ତେବେ ଗୁରୁବାର ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା ପରେ ଆଦିବାସୀ କଲ୍ୟାଣ ସଂଘ ଏହି ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛି । ଆଦାବାସୀ କଲ୍ୟାଣ ସଂଘ ମହାସଚିବ ନିରଞ୍ଜନ ବିଶି ଏ ନେଇ ସୂଚନା ଦେଇଛନ୍ତି । ଗୁରୁବାର ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତା ଓ ଅନ୍ୟ ସଦସ୍ୟ ଏସପି ଅଫିସକୁ ଆସିଥିଲେ । ଏସପି କେ. ଶିବା. ସୁବ୍ରମଣିଙ୍କ ସହ ସେମାନଙ୍କ ବୈଠକ ଆଲୋଚନା ହୋଇଥିଲା । ଏହି ବୈଠକରେ ପାଟଣାଗଡ ବିଧାୟକ ସରୋଜ ମେହେର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ର ଓ ପାଟଣାଗଡ ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୧୧୩/୧୯)ରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ସଂଘ ସଦସ୍ୟ ଦାବି କରିଥିଲେ। ପାଟଣାଗଡ ବିଧାୟକ ମେହେରଙ୍କୁ ଏହି ମାମଲାରେ ଶୁଣାଣି କରି ହାଇକୋର୍ଟ ଅନ୍ତରୀଣ ଜାମିନ ଦେଇ ନ ଥିବା ଏସପିଙ୍କୁ ସୂଚନା ଦେଇଥିଲେ। ପୋଲିସକୁ କେଶ ଡାଏରୀ ଓ ଓଡିଶା ସରକାରଙ୍କୁ ଜିଲାପାଳଙ୍କ ରିପୋର୍ଟ ମାଗିଥିବା ନେଇ ସୂଚନା ଦେଇଥିଲେ। ସରୋଜ ମେହେର ଶାସକ ଦଳ ବିଧାୟକ ହୋଇଥିବାରୁ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିବାକୁ ବଳ ପ୍ରୟୋଗ କରାଯାଉଥିବା ଅଭିଯୋଗ କରି ତୁରନ୍ତ ତାଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ବିଧାୟକଙ୍କ ଦଳୀୟ ନେତାମାନେ ଅଭିଯୋଗକାରୀ ପ୍ରବୀଣା ରାଜହଂସ ଓ ପୀଡିତ ଆଦିବାସୀ କନିଷ୍ଠ ଯନ୍ତ୍ରୀ ମାମଲା ଉଠାଇ ନେବାକୁ ଧମକ ଦେଉଥିବା ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭୟରେ ପୀଡିତ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କ ପରିବାର ଆତ୍ମଗୋପନ କରିଥିବା ସୂଚନା ଦେଇ ତାଙ୍କ ପରିବାରକୁ ସୁରକ୍ଷା ଦିଆଯାଉ ବୋଲି ଦାବି କରିଥିଲେ ।




ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକର୍ତ୍ତାମାନେ ଏସପି ଅଫିସକୁ ଆଲୋଚନା ପାଇଁ ଆସିଛନ୍ତି ।

**ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ପ୍ରସ୍ତାବିତ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି**

ଏହି ଆଲୋଚନାରେ ଏସପି ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ୨୧ ତାରିଖରେ ହେବାକୁ ଥିବା ପାଟଣାଗଡ ଉପଜିଲାପାଳ ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ କରିବାକୁ ସଂଘ ନିଷ୍ପତ୍ତି ନେଇଥିବା ମହାସଚିବ ବିଶି ସୂଚନା ଦେଇଛନ୍ତି । ଏସପିଙ୍କ ସହ ଆଲୋଚନାରେ ସଂଘ ଜିଲା ସଭାପତି ବ୍ରଜକିଶୋର ସିଂଭୋଇ, ବ୍ଲକ ସଭାପତି ଅଷ୍ଟରତ୍ନ ବରିହା, ବିପ୍ର ବିଶି, ବଳଦେବ ଭୋଇ, ବନଲତା ମାଝି, ଶ୍ୟାମ ସୁନ୍ଦର ଭୋଇ, ପଦ୍ମନ ପ୍ରଧାନୀ, ଚୈତନ କିଶୋର ମାଝି, କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର, ମୁରଲୀ ମଲିକ, ଗଣନାଥ ଧରୁଆ, ଥବୀର ପୁଝାରୀ, ନିରଞ୍ଜନ ମାଝି, ସମ୍ପାଦକ ସାରଥି ବାଗ, ନିତ୍ୟା ମାଝି, ଇନ୍ଦ୍ରମଣି ମାଝି, ଗିରିଧାରୀ ଭୋଇ ଉପସ୍ଥିତ ଥିଲେ। ଜୁନ ୨୬ରେ ବିଧାନସଭା ଘେରାଉକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ଦିନଦ୍ୱିପ୍ରହରେ ଲୁଟିନେଲେ ୪.୮୫ଲକ୍ଷ

**କଣ୍ଟାବାଞ୍ଜି, ୨୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଗୁରୁବାର ଦିନଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କଠାରୁ ୪ଜଣ ମୁଖାପିନ୍ଧା ଯୁବକ ବାଇକରେ ଆସି ୪ଲକ୍ଷ ୮୫ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ହେଲେ ସୁନୀଲ ଶର୍ମା। ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାରୁ ଉକ୍ତ ଟଙ୍କା ଉଠାଇ ସ୍କୁଟିରେ ସେ ନିଜ ଘରକୁ ଆସୁଥିବାବେଳେ ଏହି ଘଟଣା ଘଟିଥିଲା। ଘର ସାମ୍ନାରେ ସ୍କୁଟି ଷ୍ଟାଣ୍ଡ କରିବା ସମୟରେ ବାଇକରେ ଆସିଥିବା ମୁଖାପିନ୍ଧା ଯୁବକମାନେ ସୁନୀଲ ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ସେଠାରୁ ବାଇକରେ ଦ୍ରୁତଗତିରେ ପଳାଇ ଯାଇଥିଲେ। ଖବର ପାଇବା ପରେ ପୋଲିସ ସହରର ସମସ୍ତ ରାସ୍ତାକୁ ସିଲ୍ କରି ତନାଘନା ଚଳାଇଥିଲେ ବି ଦୁର୍ବୃତ୍ତମାନଙ୍କୁ ଠାବ କରି ପାରିନାହିଁ । ସୁନୀଲ ସହରର ବ୍ୟବସାୟୀ କିଶୋର ଅଗ୍ରୱାଲଙ୍କ ମୁନସୀଭାବେ କାମ କରନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ଦଫା ୩୭୯, ୩୪ରେ ଏକ ମାମଲା(ନଂ.୧୦୦/୧୯) ରୁଜୁ ହୋଇଥିବା ଆଇଆଇସି ବିଜୟାନନ୍ଦ କରକରା କହିଛନ୍ତି।

# ଫେଁଆର ୱେଦର ରାସ୍ତା ଅବସ୍ଥା ବେହାଲ

**ମନମୁଣ୍ଡା, ୨୦।୬ (ଡି.ଏନ.ଏ)**



ଫେୟାର ୱେଦର ରାସ୍ତା କାଦୁଅ ପଚପଚ ହୋଇପଡିଛି ।

ବୌଦ୍ଧ ଜିଲା ଦପଲା ଠାରୁ ଖଟଖଟିଆ ପିଡବ୍ଲ୍ୟୁଡି ରାସ୍ତା କାମ ମନ୍ଥରଗତିରେ ଚାଲିଛି । ଫଳରେ ଫେଆର ୱେଦର ବାଇପାସ ରାସ୍ତା ଅସରାଏ ବର୍ଷାରେ କାଦୁଅ ପଚପଚ ହେବା ସହ ଯାତାୟାତରେ ଅସୁବିଧା ହେଉଛି । ଉକ୍ତ ରାସ୍ତାର ଦପଲାଠାରୁ ବଉଳସିଂହା ମଝିରେ ଏକ ପୋଲ କାମ ଚାଲିଛି । ଏଥିଯୋଗୁ ସେଠାରେ ଏକ ବାହାଲ ଜମି ଦେଇ ଫେଆର ୱେଦର ବାଇପାସ୍ ରାସ୍ତା କରାଯାଇଛି। ମୌସୁମୀ ନ ଆସୁଣୁ ଅଦିନିଆ ବର୍ଷାରେ ଉକ୍ତ ବାଇପାସ ରାସ୍ତା କାଦୁଆ ହୋଇପଡୁଛି । ଯାନବାହନ, ସାଇକେଲ, ବାଇକ ତ ଦୂରକଥା ଚାଲି କରି ଯିବା ଆସିବା ମୁସ୍କିଲ ହୋଇପଡୁଛି। ମୌସୁମୀ ଆସିଗଲେ କିମ୍ୱା ଅତ୍ୟଧିକ ବର୍ଷା ହେଲେ ଉକ୍ତ ନାଳରେ ପ୍ରାୟ ୩ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେବ । ଫଳରେ ରାସ୍ତା ବୁଡିଯିବ ଏବଂ ଯିବା ଆସିବା ସମ୍ପୂର୍ଣ୍ଣ ଠପ୍ ହୋଇଯିବ । ଏହି ଅଞ୍ଚଳବାସୀଙ୍କ ଯାତାୟାତ ପାଇଁ ଥିବା ଏକମାତ୍ର ସବୁଦିନିଆ ରାସ୍ତା ବନ୍ଦ ହୋଇଗଲେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ । ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର ଲୋକମାନଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିଲାଣି । ଏ ନେଇ କଣ୍ଟାମାଳ ପିଡବ୍ଲ୍ୟୁଡି ଜେଇ କିଶୋର ଚନ୍ଦ୍ର ମଲିକଙ୍କୁ କାମର ବ୍ୟୟ ଅଟକଳ ସମ୍ବନ୍ଧରେ ପଚାରିବାରୁ ସେ ଜାଣି ନ ଥିବା କହିଥିଲେ ଓ ଫଳକ ଲଗାଇବାକୁ ସେ ଠିକାଦାରଙ୍କୁ କହିଥିବା ପ୍ରକାଶ କରିଥିଲେ । ସେହିପରି ବର୍ଷାକୁ ଦୃଷ୍ଟିରେ ରଖି ପୋଲକାମ ତୁରନ୍ତ ସାରିଦେବାକୁ ସେ ଠିକାଦାରଙ୍କୁ କହିଥିବା ବେଳେ ଲୋକମାନଙ୍କ ଯାତାୟାତରେ ଯେପରି କିଛି ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟିଦେବେ ବୋଲି ଜେଇ ମଲିକ କହିଛନ୍ତି ।

## 'ପାଟଣାଗଡ଼' ଚଳଚ୍ଚିତ୍ରକୁ କ୍ଲିନ୍ ଚିଟ୍

**ଭୁବନେଶ୍ୱର,୨୦।୬(ବ୍ୟୁରୋ)**

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ସ୍ତ୍ରୀ ସୌଦାମିନୀ ମେହେର ରେଞ୍ଜ ରୟାଲ ସିନେଲ୍ୟାବ୍ ପକ୍ଷରୁ ପ୍ରସ୍ତୁତ 'ପାଟଣାଗଡ଼' ଚଳଚ୍ଚିତ୍ର ନିର୍ମାଣ ନେଇ ଆପତ୍ତି ଉଠାଇଥିଲେ। ଏହାର ଶୁଟିଂ ଉପରେ ରୋକ ଲଗାଇବା ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଉଭୟ ପକ୍ଷରୁ ଶୁଣାଣି ପରେ ହଠାତ୍ ଆବେଦନକାରୀ ଉକ୍ତ ମାମଲାକୁ ପ୍ରତ୍ୟାହାର କରିନେଇଥିବା ପ୍ରଯୋଜକ ଶ୍ରୀଧର ମାର୍ଥା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଚାରପତି ସି.ଆର୍. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହା ବିଚାରାଧୀନ ଥିଲା। ଉକ୍ତ ମାମଲାରେ ପ୍ରଯୋଜକ ମାର୍ଥାଙ୍କ ପକ୍ଷରୁ ଆଇନଜୀବୀ ଲକ୍ଷ୍ମୀନାରାୟଣ କବିଚନ୍ଦ୍ର, ସଞ୍ଜୟ କୁମାର ଦାସ, ପ୍ରତାପ ନାୟକ, ମଧୁସ୍ମିତା ପ୍ରିୟଦର୍ଶିନୀ ଦେବତା ଓ ଦୀପକ ମିଶ୍ରା ମାମଲା ପରିଚାଳନା କରୁଥିଲେ। ସୂଚନା ମୁତାବକ, ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ନେଇ ନିର୍ମାଣ କରାଯାଇଥିବା ଚଳଚ୍ଚିତ୍ର ବିରୋଧରେ ସୌଦାମିନୀ ମେହେର ମାମଲା ଦାଏର କରିଥିଲେ। ମାମଲାର ଶୁଣାଣି ସମୟରେ ସମ୍ପୃକ୍ତ ଚଳଚ୍ଚିତ୍ର ପ୍ରଯୋଜକ ଏବଂ ଓଡ଼ିଶା ଫିଲ୍ମ ଡେଭଲପ୍‌ମେଣ୍ଟ କର୍ପୋରେଶନ ନିଜ ପକ୍ଷ ରଖିଥିଲେ। ଚଳଚ୍ଚିତ୍ର ନିର୍ମାତାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଏହି ଚଳଚ୍ଚିତ୍ର ନିର୍ମାଣ କାର୍ଯ୍ୟ ଏକପ୍ରକାର ଶେଷ ହୋଇଛି। ଏପରି ପରିସ୍ଥିତିରେ ସେନ୍‌ସର ବୋର୍ଡ ନିକଟରେ ଆପତ୍ତି ରଖିବାକୁ ଆବେଦନକାରୀଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

# ବାଙ୍ଗାଲୋରରେ ପ୍ରେମିକାଙ୍କୁ ଛାଡ଼ି ଫେରାର ପ୍ରେମିକ ଗିରଫ

**ଟିହିଡ଼ି, ୨୦।୬ (ଡି.ଏନ.ଏ.)**

ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ତାଙ୍କ ପ୍ରେମିକ ବାଙ୍ଗାଲୋର ନେଇଯିବା ଏବଂ ସେଠାରେ ତାଙ୍କୁ ଛାଡ଼ି ଫେରାର ହୋଇଯିବା ଘଟଣା ଟିହିଡ଼ି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାଙ୍ଗାଲୋରରୁ ଫେରି ବୁଧବାର ଯୁବତୀ ଜଣଙ୍କ ଏ ସମ୍ପର୍କରେ ଟିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗୁରୁବାର ଫେରାର ପ୍ରେମିକ ବିଶ୍ୱନାଥ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଟିହିଡ଼ି ଥାନାରେ ଏକ ମାମଲା(ନଂ.୨୭୩/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବିଶ୍ୱନାଥଙ୍କ ଘର ଟିହିଡ଼ି ଥାନା ଗୁଆମାଳ ପଞ୍ଚାୟତ ଅଧୀନ ଇଶାଣପୁର ଗ୍ରାମରେ। ବିଶ୍ୱନାଥ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ବିବାହ ପ୍ରଲୋଭନ ଦେଖାଇ ଗତ ଫେବୃୟାରୀ ୨୨ ତାରିଖରେ ତାଙ୍କୁ ବାଙ୍ଗାଲୋର ନେଇଯାଇଥିଲେ। ସେଠାରେ ଯୁବତୀଙ୍କୁ ବିଶ୍ୱନାଥ କିଛିମାସ ପାଖରେ ରଖିବା ପରେ ହଠାତ୍ ଫେରାର ହୋଇଯାଇଥିଲେ। ଯୁବତୀ ଜଣଙ୍କ ନିରୁପାୟ ହୋଇ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ବାଙ୍ଗାଲୋର ଯାଇ ଯୁବତୀଙ୍କୁ ଘରକୁ ଆଣିଥିଲେ।

# ଟାଇକୋଣ୍ଡୋ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ



ଟାଇକୋଣ୍ଡୋ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବରେ ପ୍ରଶିକ୍ଷାର୍ଥୀ ।

**ବୌଦ୍ଧ,୨୦।୬(ସ୍ୱ.ପ୍ର)**

ବୌଦ୍ଧ ଜିଲାର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ବୌଦ୍ଧ ଟାଇକୋଣ୍ଡୁ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଦେବାଶିଷ ପୁରୋହିତଙ୍କ ସଭାପତିତ୍ୱରେ ବରିଷ୍ଠ କ୍ରୀଡାବିତ୍ ଶିବନାରାୟଣ ଦାସ, ବୌଦ୍ଧ ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର ରାଉତ ଏବଂ ଶିକ୍ଷା ପରାମର୍ଶଦାତା ଜ୍ଞାନଚାନ୍ଦ ଶତପଥୀ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ଅଜିତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହିତ ଟାଇକୋଣ୍ଡୁ କ୍ରୀଡାରେ ବୌଦ୍ଧର ସ୍ଥାନ ଏବଂ ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ନିକଟରେ ହାଇଦ୍ରାବାଦ୍ ଠାରେ ଟିଏଫଆଇ ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ କୋଚ୍ ପରୀକ୍ଷାରେ ଅଜିତ କୁମାର ସାହୁ କୃତିତ୍ୱର ସହ ଓ୍ୱାର୍ଲଡ ଟାଇକୋଣ୍ଡୁ ଏସିଆ କୋଚ୍ ଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି । ତାଙ୍କୁ ଏହି ଉତ୍ସବରେ ପ୍ରଶିକ୍ଷାର୍ଥୀ ଏବଂ ଅଭିଭାବକମାନେ ସମ୍ବର୍ଦ୍ଧିତ କରିଥିଲେ। ରାଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ ।

## ସାମାଜିକ, ଆର୍ଥିକ ବିକାଶ ତାଲିମ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୦।୬**

ବରଗଡ଼ ବ୍ଲକ ଏସ. ଡୁମେରପାଲି ପଞ୍ଚାୟତ ସମିତି ସଭାଗୃହରେ ଏକଦିବସୀୟ ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉକ୍ତ ପଞ୍ଚାୟତର ୨୫ଟି ଏସ୍‌ଏଚ୍‌ଜିର ସଭ୍ୟାଙ୍କୁ ତାଲିମ ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇସିଆଇସିଆ ବ୍ୟାଙ୍କର ଶାଖା ପରିଚାଳକ ଚନ୍ଦ୍ରଶେଖର ପଣ୍ଡା, ଆନ୍ଧ୍ର ବ୍ୟାଙ୍କର ଶାଖା ପରିଚାଳକ ଏଫ.ଏନ ଭୋଇ, ରିଲେଶନସିପ୍ ମ୍ୟାନେଜର ପ୍ରୀତିଶ ରଥଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତିର କର୍ମକର୍ତ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗୋଷ୍ଠୀମାନଙ୍କର ମୂଳ ଉଦ୍ଦେଶ୍ୟ, ସାମାଜିକ ଓ ଆର୍ଥିକ ବିକାଶ, ଧନ୍ଦାମୂଳକ ବ୍ୟବସାୟ, ଋଣ ସମ୍ବନ୍ଧରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ସାଗରିକା ଦେହୁରୀ ଓ ବିରେନ୍ଦ୍ର ସାହୁ ତାଲିମ ପ୍ରଦାନ କରିଥିଲେ। ନିଉ ଲାଇଫ ଫାଉଣ୍ଡେଶନର ଚେୟାରମ୍ୟାନ କେ. ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶହୀଦଙ୍କୁ ଛାତ୍ରୀଛାତ୍ରଙ୍କ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୨୦।୬**

ବରଗଡ଼ ଜିଲା ରାଣାପ୍ରତାପ ହାଇସ୍କୁଲରେ ଗୁରୁବାର ଶହୀଦ ହୋଇଥିବା ଓଡିଆ ଯବାନ ଅଜିତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ହାଇସ୍କୁଲର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେନ୍ଦ୍ର ମୋହନ ଚାନ୍ଦ, ଶିକ୍ଷକ ସୁଧାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇ ଶହୀଦଙ୍କ ଦେଶଭକ୍ତିରେ ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ ।

**OFFICE OF THE DISTRICT LEGAL SERVICES AUTHORITY, RAYAGADA**

ADVERTISEMENT NO.02/2019, DATED-19.06.2019

Applications in the prescribed proforma are invited for the post of Jr. Clerk / Jr. Clerk-cum-Typist in the Judgeship of Rayagada. For details aspirants are requested to visit the District Court's website i.e. http://ecourts.gov.in / odisha/rayagada and www.rayagada.nic.in.

Sd./-
District Judge-cum-Chairman, DLSA, Rayagada

**D. D. AUTONOMOUS COLLEGE, KEONJHAR**

**ADMISSION INTO TWO-YEAR B.ED. COURSE**

Applications are invited from eligible candidates for admission into Two-Year B.Ed. course for the session 2019-21. Application form and Prospectus can be downloaded from the college website www.ddcollege.nic.in Interested eligible candidates are required to send their duly filled-in application forms along with necessary documents and processing-cum-application fee of Rs. 500/- (Rupees Five Hundred only) in the form of demand draft from any nationalized Bank in favour of Principal, D.D. Autonomous College, Keonjhar payable at Keonjhar either by Registered Post / Speed Post or by hand. The filled-in application along with required documents should reach the undersigned on or before 22.07.2019 by 4pm. The college is not responsible for postal delay. For details visit the college website www.ddcollege.nic.in

Sd./- Principal
D.D. (Auto.) College, Keonjhar

**ODISHA JOINT ENTRANCE EXAMINATION-2019 (OJEE - 2019)**

No:-270/OJEE19 Date : 20-06-2019

**NOTICE REGARDING WEB COUNSELLING for B.TECH / B.ARCH / Int. MSc**

OJEE web-based Counselling process for B.TECH/B.ARCH/Int. MSc is going to start from 21st June 2019. For detailed schedule, seat position and counselling brochure, please go through OJEE website **www.ojee.nic.in / www.odishajee.com**. Schedules for other courses will be published soon.

Sd/-
CHAIRMAN, OJEE



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଫର୍ଟିଲାଇଜର ଟାଉନଶିପ୍ ଡି ବ୍ଲକ ଜଳୁନି ଷ୍ଟ୍ରିଟ୍ ଲାଇଟ୍

**ରାଉରକେଲା ଅଫିସ,୨୦।୬-** ଫର୍ଟିଲାଇଜର ଟାଉନଶିପ ଡି ବ୍ଲକ ଅଞ୍ଚଳରେ ଗତ ସପ୍ତାହ ହେବ ଷ୍ଟ୍ରିଟ୍ ଲାଇଟ୍ ଜଳୁନି। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ଅଧିରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ପାଖ ନଗର ଅନୁରକ୍ଷଣ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାରୁ ସନ୍ଧ୍ୟାରେ ସମ୍ପୃକ୍ତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଅନ୍ଧାରର ସୁଯୋଗରେ ଛୋଟବଡ଼ ଚୋରି ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବ୍ଲକ ବାସିନ୍ଦା ଦାବି କରିଛନ୍ତି।

### ବିହାର ଘଟଣାର ପୁନରାବୃତ୍ତି ନ ହେଉ

**ରାଉରକେଲା ଅଫିସ,୨୦।୬-** ମସ୍ତିଷ୍କ ଜ୍ୱର କାରଣରୁ ବିହାରରେ ଶାତାଧିକ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ସତର୍କ ରହିବାକୁ ଆଶ୍ରା ସଂଗଠନ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଉରକେଲା ହେଉ କିମ୍ବା ଅନ୍ୟ ସହର ଫଳ ପାଚିବାକୁ କୃତ୍ରିମ ଉପାୟ ଅବଲମ୍ବନ କରାଯାଉଛି। ରାସାୟନ ବଳରେ ଏହାକୁ ନୂତନ ରୂପ, ରଙ୍ଗ ଦିଆଯାଉଛି। ଏହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ରୋଗ ଜୀବାଣୁର ବାହକ ଏହି ରାସୟନ ପ୍ରତି ପ୍ରଶାସନ ଦୃଷ୍ଟି ଦେଉନି। ଏହାର ପରୀକ୍ଷଣ କିମ୍ବା ଯାଞ୍ଚ ବ୍ୟବସ୍ଥା କରାଯାଉନି। ଏପରି ଅବସ୍ଥାରେ ରାଉରକେଲାରେ ବିହାର ଘଟଣାର ପୁନରାବୃତ୍ତି ପୂର୍ବରୁ ପ୍ରଶାସନ ଦୃଷ୍ଟି ଦେବାକୁ ସଂଗଠନ ପକ୍ଷରୁ ମିନତୀ ଦେବତା ଦାବି କରିଛନ୍ତି।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ଲହୁଣୀପଡ଼ା, ୨୦।୬ (ଡି.ଏନ.ଏ)-** ଲହୁଣୀପଡା ଥାନା ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ କିଷାନ ଟାଙ୍ଗରପାଲି ଗ୍ରାମରେ ଜଣେ ଯୁବକ ଲାଲୁ ପ୍ରସାଦ (୪୫)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ଲାଲୁ ବୁଧବାର ରାତିରେ ଖାଇପିଇ ସାରି ନିଜ ଅଗଣାରେ ଶୋଇଥିଲା । ବିଳମ୍ବିତ ରାତିରେ ଏକ ବିଷଧର ସାପ କାମୁଡିବା ଜାଣିପାରି ଚିତ୍କାର କରିଥିଲେ । ଫଳରେ ପରିବାର ଲୋକ ଚିତ୍କାର ଶୁଣି ନିଦରୁ ଉଠି ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମାଜିଷ୍ଟ୍ରେଟ ଭାବେ ଲହୁଣୀପଡା ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଷ୍ଟିଲ୍ ପ୍ଲାଣ୍ଟ ବିକ୍ରି ନିଷ୍ପତ୍ତିକୁ ବିରୋଧ

**ରାଉରକେଲା ଅଫିସ,୨୦।୬**

ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ୍) ଅଧୀନରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସାଲେମ, ଭଦ୍ରାବତୀ ଓ ଦୁର୍ଗାପୁର ଭଳି ଇସ୍ପାତ କାରଖାନାକୁ ଘରୋଇକରଣ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ପକ୍ଷରୁ ସବୁଜ ସଙ୍କେତ ମିଳିଛି। ତେବେ ଏହା ବିପଦକୁ ଆମନ୍ତ୍ରଣ ବୋଲି କହି ଅଲ୍ ଇଣ୍ଡିଆ ୟୁଟିୟୁସି ଏବଂ ଫେଡେରେଶନ ଅଫ ଇଣ୍ଡିଆନ ଷ୍ଟିଲ ୱାର୍କର୍ସ ସହବନ୍ଧିତ ଆର୍‌ଡବ୍ଲ୍ୟୁୟୁ ଓ ଅନ୍ୟ ଶ୍ରମିକ ସଂଗଠନଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏପରି ଅବସ୍ଥାରେ ଅଲ୍ ଇଣ୍ଡିଆ ୟୁଟିୟୁସି ଡାକରାରେ ସଂଗଠନ ସହବନ୍ଧିତ ବିଭିନ୍ନ ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନେଇ ଚେତାବନୀ ଦିଆଯାଇଛି। ଏ ନେଇ ରାଉରକେଲା ଓ୍ୱାର୍କର୍ସ ୟୁନିୟନ ବୈଠକ ଡାକି ପରିସ୍ଥିତିର ସମୀକ୍ଷା କରିଛି। ସଂଗଠନ ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ଏହି ଜନବିରୋଧୀ ତଥା ଶ୍ରମିକ ବିରୋଧୀ ନିଷ୍ପତ୍ତିକୁ ସମାଲୋଚନା କରାଯାଇଛି। ଏଥିରେ ବକ୍ତବ୍ୟ ରଖି ମହାନ୍ତି କହିଥିଲେ, ଅଯୋଗ୍ୟ ଦାୟାଦ ବାପା ସମ୍ପତ୍ତି ବିକ୍ରି କରିଥାଏ। ସେହି ନ୍ୟାୟରେ ଅଯୋଗ୍ୟ କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକି ନିଜ ସ୍ୱାର୍ଥ ସାଧନ କରିବାକୁ ଚାହୁଁଛି। କ୍ଷତି ଆଳରେ ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକୁ ପୁଞ୍ଜିପତିଙ୍କ ହାତକୁ ଟେକିଦେବାକୁ ବସିଛନ୍ତି ମୋଦି ସରକାର। କେନ୍ଦ୍ର କ୍ଷମତାସୀନ ଭଜପା ସରକାର ସ୍ୱଦେଶୀ ଓ ନିଜ ଦକ୍ଷତା ନେଇ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବତାକୁ ଅନୁଭବ କରିବାରେ ପଛଘୁଞ୍ଚା କହିଁକି ଦେଉଛନ୍ତି ବୋଲି ବୈଠକରେ ପ୍ରଶ୍ନ କରାଯାଇଥିଲା। କେନ୍ଦ୍ର ସରକାର ବାରମ୍ବାର ଏଗୁଡ଼ିକୁ ରୁଗ୍‌ଣ ୟୁନିଟ ଦର୍ଶାଇ ଆସୁଛି।

ଏହି ଆଳରେ ଏହାକୁ ପୁଞ୍ଜିପତିଙ୍କୁ ଟେକିଦେବାକୁ ମସୁଧା ଚାଲିଛି। ଏହାକୁ ନେଇ ଦେଶର କୋଟିଏ ଶ୍ରମିକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟ ହୋଇଛି। ଯଦି ବିକ୍ରି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ଏହାର ପୁନରୁଦ୍ଧାର କରାଯାଆନ୍ତା ତେବେ ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରନ୍ତା ବୋଲି ମହାନ୍ତି ତାଙ୍କ ବିବୃତିରେ ପ୍ରକାଶ କରିଛନ୍ତି। ଏ ନେଇ କେନ୍ଦ୍ର ସରକାର ପଛଘୁଞ୍ଚା ଦେଲେ ଦେଶରେ ଏକ ବଡ଼ ଧରଣର ଶ୍ରମିକ ଆନ୍ଦୋଳନକୁ ଏଡ଼ାଇ ଦିଆଯାଇ ପାରିବନି। ଏଣୁ ସରକାର ନିଜ ପାଗଳାମି ଛାଡ଼ି ରାଷ୍ଟ୍ରୀୟ ଉଦ୍ୟୋଗକୁ ବିକ୍ରି ବା ଘରୋଇକରଣରୁ ଦୂରେଇ ରହିବା ଉଚିତ ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ବୈଠକରେ ୟୁନିୟନ ସହ ସାଧାରଣ ସମ୍ପାଦକ ଅଜିତ ନାୟକ, ସମ୍ପାଦକ ବି.ଏନ୍. ତ୍ରିପାଠୀ, ଶ୍ରୀନିବାସ ସେଠୀ, ଶଙ୍କର ପାତ୍ର, ଦିବାକର ପାଣିଗ୍ରାହୀ, ବୀରେନ ନାୟକ, ଧୋବେଇ ବେହେରା, ସୁବାସ ଦଣ୍ଡପାଟ, ଶେଖ ଇସଲାମ, ଗଣେଶ ବେହେରା, କ୍ଷେତ୍ରବାସୀ ସେଠୀ, ଆଲୋକ ବେହେରା, ହରିଶ ନାୟକ, ସୂର୍ଯ୍ୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

## ବର୍ଷା ଆସନ୍ନ, ସଫେଇ ହେଉନି ନାଳ

**ରାଉରକେଲା ଅଫିସ, ୨୦।୬**

ଦିନେ ଦୁଇ ଦିନ ପରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏପରି ଅବସ୍ଥାରେ ସହରରେ ଡ୍ରେନେଜ୍ ବ୍ୟବସ୍ଥା ତଥା ସଫେଇ ନେଇ ପ୍ରକ୍ରିୟା ଆରମ୍ଭ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସହରର ଅନେକ ପାଣି ନାଳ ଆବର୍ଜନାରେ ଭରି ରହିଛି। ବିଶ୍ରା ବନ୍ଧମୁଣ୍ଡା ରାସ୍ତା ପାର୍ଶ୍ୱ ନାଳ ପୋତି ହୋଇପଡ଼ିଥିବା ବେଳେ ଏହାର ସଫେଇ ନେଇ ପଦକ୍ଷେପ ନିଆଯାଇନି। ବର୍ଷା ହେଲେ ରାସ୍ତା ଉପରେ ପାଣି ଲହଡ଼ି ଖେଳିବା ନେଇ ସ୍ଥାନୀୟ ବ୍ୟବସାୟୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ନିକଟ ବଜାର ଅଞ୍ଚଳଟି ଆର୍‌ଏସ୍‌ପି ଅଧୀନରେ ରହିଥିବା ବେଳେ ପରବର୍ତ୍ତୀ ଅଞ୍ଚଳ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ସଫା କରିବା କଥା। ଉଭୟ ପ୍ରଶାସନ ଏ ନେଇ ଦୃଷ୍ଟି ଦେଇ ନ ଥିବାରୁ ସ୍ଥାନୀୟ ବ୍ୟବସାୟୀ ଚିନ୍ତାରେ ରହିଥିବା ପ୍ରକାଶ କରିଛନ୍ତି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



ବିଶ୍ରା ବନ୍ଧମୁଣ୍ଡା ରାସ୍ତାରେ ଥିବା ନାଳରେ ଆବର୍ଜନା ଭରି ରହିଛି।

## ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କରାଯାଉ

**ଭବାନୀପାଟଣା,୨୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ରାଜନୀତିରେ ଦୀର୍ଘ ଦିନର ଅଭିଜ୍ଞତା ରଖିଥିବା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କରାଯାଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ପାଖାପାଖି ୨ ମାସ ହେଲା ପଶ୍ଚିମ ଓଡିଶା ବିକାଶ ପରିଷଦ ପଦ ଖାଲି ପଡିଛି । ତତ୍କାଳୀନ ଅଧ୍ୟକ୍ଷ କିଶୋର ମହାନ୍ତି ଏହି ପଦରୁ ଇସ୍ତଫା ଦେବା ପରେ କାହାରିଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ନିର୍ବାଚନ ଆଚରଣ ଉଠିବା ପରେ ନୂତନ ଅଧ୍ୟକ୍ଷ ନିଯୁକ୍ତ ହୋଇ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିନାହିଁ। ଏହି ପରିପ୍ରେକ୍ଷୀରେ ୨୦୧୮-୧୯ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା କାର୍ଯ୍ୟ ଓ ଚଳିତ ଆର୍ଥିକ ବର୍ଷରେ ନୂଆ ଯୋଜନାର କାର୍ଯ୍ୟକାରିତା ଉଭୟ ବାଧାପ୍ରାପ୍ତ ହୋଇଛି। ଗତବର୍ଷ ଅଗଷ୍ଟ ୧୦ରେ ୫୬ ତମ ବୈଠକରେ ପ୍ରାୟ ୩୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲେ ମଧ ଏହା ମଧ୍ୟରୁ ଅନେକ ପ୍ରକଳ୍ପ ଏବେ ବି ଆରମ୍ଭ ହୋଇ ନ ଥିବା ସୂଚନା ମିଳିଛି। ପଶ୍ଚିମ ଓଡିଶାରେ କଳାହାଣ୍ଡି ଜିଲା ସବୁବେଳେ ଅବହେଳିତ ହୋଇ ରହୁଥିବାରୁ ରାଜ୍ୟ ରାଜନୀତିରେ ଅଭିଜ୍ଞତା ଦୃଷ୍ଟିରୁ ଏହି ଜିଲାର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ରଙ୍କୁ ଏହି ପଦବୀରେ ନିଯୁକ୍ତି ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ପଶ୍ଚିମ ଓଡିଶା ବବିକାଶ ପରିଷଦ ଗଠନ ପରଠାରୁ ୫ ଜଣ ଅଧ୍ୟକ୍ଷ ପଦରେ ନିଯୁକ୍ତି ହୋଇଛନ୍ତି।

## ବିଜୁ ପକ୍କାଘର ନିର୍ମାଣ ନ କରି ହିତାଧିକାରୀଙ୍କଠାରୁ ଠକେଇ

**ବଡଗାଁ, ୨୦।୬ (ଡି.ଏନ.ଏ)**

**ବରଗାଁକଛାର ପଞ୍ଚାୟତ**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ପ୍ରଶାସନର ଦୁର୍ବଳତା ଯୋଗୁ ଗୋଟିଏ ପରେ ଗୋଟିଏ ଅନିୟମିତତା ହୋଇଚାଲିଛି। ଗତ ୫ବର୍ଷ ମଧ୍ୟରେ ବ୍ଲକ ଦ୍ୱାରା ହୋଇଥିବା କେତେକ କାର୍ଯ୍ୟରେ ଅନିୟମିତତାକୁ ଘୋଡାଇ ଦିଆଯାଇଥିଲା। ନୂତନ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ ପରେ କିଛି ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ହେଲେ ବ୍ଲକ ପ୍ରଶାସନ ଦୁର୍ନୀତିକୁ ଦେଖି ନିରବଦ୍ରଷ୍ଟା ସାଜିଥିଲା ବେଳେ ଆଉ ଏକ ଗୁରୁତର ଅନିୟମିତତା ଲୋକଲୋଚନକୁ ଆସିଛି। ଏନେଇ ବଡଗାଁ ବିଡିଓଙ୍କଠାରେ ଏବଂ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବରଗାଁକଛାର ପଞ୍ଚାୟତର ଜଣେ ବିଜୁ ପକ୍କା ଘର ହିତାଧିକାରୀଙ୍କ ଆର୍ଥୀକ ସ୍ଥିତି ସ୍ୱଚ୍ଛଳ ନ ଥିବାର ସୁଯୋଗ ନେଇ ଘର କାମ କରାଇଦେବାକୁ କହି ଠିକାଦାର ହିତାଧିକାରୀଙ୍କ ଠାରୁ ୩ଟି ଚେକରେ ଦସ୍ତଖତ ନେଇ ୧ଲକ୍ଷ ଟଙ୍କା ଉଠାଇନେଇଛନ୍ତି । ଫଳରେ ଘର ଖଣ୍ଡିଏ ପାଇଁ ହିତାଧିକାରୀ ଯେଉଁ ଆଶା ବାନ୍ଧିଥିଲେ ତାହା ମଉଳି ଯାଇଛି। ଅଭିଯୋଗନୁଯାଇ, ବରଗାଁକଛାର ପଞ୍ଚାୟତ ତଳିମୁଣ୍ଡା ଗ୍ରାମର ଫିଲିପ ଟପ୍ପୋଙ୍କୁ ଗତବର୍ଷ ବିଜୁ ପକ୍କା ଘର ଯୋଜନାର କାର୍ଯ୍ୟାଦେଶ ମିଳିଥିଲା। ବରଗାଁକଛାର ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆରଏସ) ଡିଲେଶ୍ୱର ସୁନ୍ୟାନୀ ହିତାଧିକାରୀ ଫିଲିପ୍‌ଙ୍କୁ ଘର କାମ ଜଣେ ଠିକାଦାରଙ୍କ ଦ୍ୱାରା କରାଇଦେବେ କହି ଠିକାଦାର ମନୋରଞ୍ଜନ ବନଚୁଆଙ୍କ ସହିତ ହିତାଧିକାରୀଙ୍କ କଥା ଫୋନରେ କରାଇଥିଲେ । ଏହାପରେ ଠିକାଦାର ଚିପ୍ସ, ମେଟାଲ ପକାଇବା ସହ ନିହ ଖୋଳିଥିଲେ । କିଛି ଦିନ ପରେ ଟଙ୍କା ବାହାର କଲେ କାମ କରାଯିବ କହି ୩ଟି ଚେକ ନଂ. ୮୦୪୦୮୮/୮୦୪୦୮୬/୮୦୪୦୯୪ରେ ଦସ୍ତଖତ ହିତାଧିକାରୀଙ୍କ ଠାରୁ ନେଇଥିଲେ। ଏହାପରେ କାମ ଆରମ୍ଭ ନ କରି ଧରାଛୁଆଁ ଦେଇ ନ ଥିଲେ। ହିତାଧିକାରୀ ଫିଲିପ ବ୍ୟାଙ୍କରେ ପାସବୁକ ଅପଡେଟ କଲାପରେ ୧ଲକ୍ଷ ଟଙ୍କା ଉଠାଯାଇଥିବା ଜାଣିପାରିଥିଲେ ।

ଫିଲିପଙ୍କ ଘର କାମ ପାଇଁ ଠିକାଦାର ଯୋଗାଡ କରିଥିବା ଜିଆରଏସ ସନ୍ୟାନୀଙ୍କୁ କହିଥିଲେ ମଧ ସେ ନିରବ ରହିଥିଲେ। ଠିକାଦାରଙ୍କ ସହିତ ଫିଲିପ ଯୋଗାଯୋଗ ପାଇଁ ଚେଷ୍ଟା କରି ନିରାଶ ହେବାରୁ ବିଡିଓଙ୍କୁ ଓ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଜିଆରଏସଙ୍କ ଭୂମିକାକୁ ଲୋକେ ସନ୍ଦେହ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ପଞ୍ଚାୟତରେ ହିତାଧିକାରୀଙ୍କୁ କୂଅ ଖୋଳିବା ପାଇଁ କାର୍ଯ୍ୟାଦେଶ ମିଳିଥିଲା । ଜିଆରଏସ ସୁନ୍ୟାନୀ ତାଙ୍କ ପରିବାରର କେତେକଙ୍କ ନାମରେ ଭେଣ୍ଡର କରାଇ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେବାରୁ କେତେକ ହିତାଧିକାରୀ କୂଅ ଖୋଳିପାରି ନାହାନ୍ତି । ଏହି ଘଟଣାରେ ବ୍ଲକ ଏବଂ ଜିଲା ପ୍ରଶାସନ ହାତବାନ୍ଧି ବସିବା ଦେଖି ଲୋକେ ଭିଜିଲାନ୍ସକୁ ଦେଇଥିଲେ । ହିତାଧିକାରୀଙ୍କ କୂଅ ହୋଇନଥିବା ସତ୍ତ୍ୱେ ପ୍ରଶାସନ ଦୁର୍ନୀତୀକୁ ଘଣ୍ଟ ଘୋଡାଇ ଥିଲେ । ସରକାର ହିତାଧିକାରୀଙ୍କ ପାଇଁ ପଠାଉଥିବା ଲକ୍ଷ ଲକ୍ଷ ଟଙ୍କା ସେମାନଙ୍କ କାମରେ ନଆସି ଠିକାଦାର, ଅସାଧୁ କର୍ମଚାରୀଙ୍କ ପକେଟ ଗରମ କରୁଥିଲେ ମଧ ସରକାର ଏମାନଙ୍କ ଉପରେ ଅଙ୍କୁଶ ଲଗାଇବାରେ ବିଫଳ ହୋଇଥିବାରୁ ନିର୍ଭୟରେ ଗୋଟିଏ ପରେ ଗୋଟିଏ ଅନିୟମିତତା ହୋଇଚାଲିଛି ।

# ବଜାରରୁ ଲିଚୁ ଗାଏବ, ବ୍ୟବସାୟୀ ପ୍ରଭାବିତ

**ରାଉରକେଲା ଅଫିସ, ୨୦।୬**

ବିହାରରେ ସଂକ୍ରମିତ ଲିଚୁ ଖାଇ ଶତାଧିକ ବ୍ୟକ୍ତି ମୃତ୍ୟୁବରଣ କରିବା ଖବର ପ୍ରଚାରିତ ହେବା ପରେ ଲିଚୁପ୍ରେମୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଷ୍ଟିଲ ସିଟି ମାର୍କେଟରୁ ହଠାତ୍ ଲିଚୁ ଗାଏବ ହୋଇଯାଇଛି। ଦିନ କେଇଟା ପୂର୍ବରୁ କିଲୋ ପ୍ରତି ୮୦ରୁ ଶହେ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଲିଚୁକୁ ଏବେ ଖୋଜିଲେ ମିଳୁନି। ଏପରି ଅବସ୍ଥାରେ ବ୍ୟବସାୟ ଉଦ୍ଦେଶ୍ୟରେ ଲିଚୁ ଆମଦାନୀ କରୁଥିବା ଅନେକ ବେପାରୀ କ୍ଷତି ସହିବାକୁ ବାଧ ହୋଇଛନ୍ତି। ଅବସ୍ଥା ଏମିତି ହୋଇଛି ଯେ ଲିଚୁ ପ୍ରସଙ୍ଗରେ କେହି କଥାବାର୍ତ୍ତା କରିବାକୁ ମଧ ଚାହୁଁନାହାନ୍ତି। ରାଉରକେଲ ଆଖପାଖ ଅଞ୍ଚଳ ଲାଠିକଟା, ବିଶ୍ରା, ନୂଆଗାଁ ଆଦି ଅଞ୍ଚଳରୁ ଅସୁଥିବା ଲିଚୁ ଏବେ ଗଛରେ ଫାଟି ଝୁଲୁଛି। ଗାଁ ଲୋକ ବି ଖାଇବାକୁ ଡରୁଛନ୍ତି। ଚାଷୀ ଏହାକୁ ବାଜାରକୁ ଆଣି କାରବାର କରିବାକୁ ଭୟ କରୁଛନ୍ତି। ଏମିତି ଅବସ୍ଥା କେତେଦିନ ରହିବ ସେ ନେଇ କାହା ପାଖରେ ଖବର ନାହିଁ।



ବିଶ୍ରା ଛକ ନିକଟ ଫଳ ବଜାରରେ ଲିଚୁ ନାହିଁ।

## ବିଶ୍ୱ ଯୋଗ ଦିବସ ପାଳନ ନେଇ ପ୍ରସ୍ତୁତି

■ ଯୋଗଦେବେ ଗାୟତ୍ରୀ ପରିବାର ସଦସ୍ୟା/ସଦସ୍ୟ, ଯୁବତୀଯୁବକ ଓ ଛାତ୍ରୀଛାତ୍ର

**କୁଆଁରମୁଣ୍ଡା,୨୦।୬ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶୁକ୍ରବାର ବିଶ୍ୱ ଯୋଗ ଦିବସ ପାଳିତ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଯୋଗ ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମ ସକାଳ ୬ଟାରୁ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି। କୁଆଁରମୁଣ୍ଡା ଅଞ୍ଚଳର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ,ଗାୟତ୍ରୀ ପରିବାର ସଦସ୍ୟା/ସଦସ୍ୟ ତଥା ସ୍ଥାନୀୟ ମହିଳାପୁରୁଷ, ଯୁବତୀଯୁବକ, ସ୍କୁଲ ଛାତ୍ରୀଛାତ୍ର ଏହି ସାମୂହିକ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି କୁଆଁରମୁଣ୍ଡା ଯୋଗ ମହୋତ୍ସବ ସମିତିର ଆବାହକ ଶୈଳେଶ୍ ତିୱାରୀ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ବୀରମିତ୍ରପୁର ପୌରାଞ୍ଚଳ ଅନ୍ତର୍ଗତ ବିଆରଆଇ କ୍ଲବ ପଡିଆରେ ସାମୂହିକ ଯୋଗ ଦିବସ ସକାଳ ୬ଟାରେ ଅନୁଷ୍ଠିତ ହେବାର ସ୍ଥିର ହୋଇଛି। ଶତାଧିକ ଲୋକଙ୍କ ପାଇଁ ଯୋଗ କରିବାର ସମସ୍ତ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ପ୍ରତିବର୍ଷ କୁଆଁରମୁଣ୍ଡାରେ ଯୋଗ ଶିବିରରେ ବହୁସଂଖ୍ୟାରେ ଜନ ସାଧାରଣ ସାମିଲ ହେଉଥିବାରୁ ଏ ବର୍ଷ ମଧ୍ୟ ଅଧିକ ସମାଗମ ହେବ।

## ମେଗା କ୍ୟାମ୍ପସ୍ ଚୟନ ଶିବିର

**ସୁନ୍ଦରଗଡ,୨୦।୬ (ଡି.ଏନ୍.ଏ)**

କିରେଇସ୍ଥିତ ସୁନ୍ଦରଗଡ ଇଞ୍ଜିନିୟରିଂ ସ୍କୁଲରେ ଏକ ମେଗା କ୍ୟାମ୍ପସ ଚୟନ ଶିବିର ଆୟୋଜିତ ହୋଇଥିଲା। ଦିଲ୍ଲୀସ୍ଥିତ ପ୍ରତିଷ୍ଠିତ କମ୍ପାନୀ ଏସକେଏଚ୍ ଗ୍ରୁପ୍ (ୟୁନିଟ ଅଫ ମାରୁତି ଉଦ୍ୟୋଗ ଲିମିଟେଡ) ପକ୍ଷରୁ ଆୟୋଜିତ ଏହି ଶିବିରରେ କମ୍ପାନୀର ମାନବସମ୍ବଳ ବିଭାଗର ମୁଖ୍ୟ ବିଜୟ ଯାଦବ ଓ ବିନୋଦ କୁମାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଚୟନ ପ୍ରକ୍ରିୟାରେ ମୋଟ ୨୨୮ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିମଧ୍ୟରୁ ମୋଟ ୧୨୦ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଇଂ. ଦେବରାଜ ସାହୁଙ୍କଠାରୁ ନିଯୁକ୍ତି ପ୍ରମାଣପତ୍ର ଗ୍ରହଣ କରିଥିଲେ। ଏହି ଚୟନ ଶିବିରରେ ଅନୁଷ୍ଠାନର ମେକାନିକାଲ ବିଭାଗର ୪୩, ଇଲେକ୍ଟ୍ରିକାଲର ୪୫, ସିଭିଲର ୧୮, ମେଟାଲର୍ଜିର ୨ଜଣ ଓ ଆଇଟିଆଇର ୧୨ ଛାତ୍ରୀଛାତ୍ର ଯୋଗ୍ୟ ମନୋନୀତ ହୋଇଥିଲେ। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଇଂ ସାହୁ ଙ୍କ ସମେତ ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ଷଡଙ୍ଗୀ, କ୍ୟାମ୍ପସ ପ୍ଲେସମେଣ୍ଟ ଅଫିସର ଡ଼. ସୌରୀ ନାରାୟଣ ପ୍ରଧାନ, ଇଂ. ଅଶ୍ୱିନୀ ପଟେଲ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରତିବର୍ଷ ଏଭଳି କ୍ୟାମ୍ପସ ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।



କ୍ୟାମ୍ପସ ଚୟନ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।

# ଭର୍ଚୁଆଲ ଶ୍ରେଣୀ କକ୍ଷର ଶୁଭାରମ୍ଭ

■ ଏକକାଳୀନ ୭୦ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଅଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ

**ସୁନ୍ଦରଗଡ, ୨୦।୬ (ଡି.ଏନ୍.ଏ)**

ଜିଲାରେ ଥିବା ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଜ୍ଞାନ କୌଶଳ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଣିକି ଜିଲାରେ ଏକକାଳୀନ ୭୦ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଜିଲା ସଦର ମହକୁମାରୁ ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ସ୍ୱତନ୍ତ୍ର ଷ୍ଟୁଡିଓରୁ ଅଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ଦ୍ୱାରା ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ ହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଉପର ମହଲାରେ ଜିଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ନୂତନ ଭାବେ ପ୍ରସ୍ତୁତ ହୋଇଥିବା ଭର୍ଚୁଆଲ ଡିଜିଟାଲ ଶ୍ରେଣୀ କକ୍ଷର ଗୁରୁବାର ଶୁଭାରମ୍ଭ ହୋଇଛି। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଏହି ଭର୍ଚୁଆଲ ଶ୍ରେଣୀକକ୍ଷର ଉପାଦେୟତା ଏବଂ ସମ୍ପୂର୍ଣ୍ଣ ରୂପରେଖ ଉପରେ ଆଲୋକପାତ କରିଥିଲେ। ପ୍ରାୟ ୨୦କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ଶିକ୍ଷାଦାନ ବ୍ୟବସ୍ଥା ଦ୍ୱାରା ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଉପକୃତ ହେବେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭେଲେବଲ ଗ୍ରୁପ ମୁମ୍ବାଇ ଏଡୁକେଶନାଲ ଡେଭଲପମେଣ୍ଟ ମ୍ୟାନେଜର ଗୌରୀ ପ୍ରଣବ ପ୍ରଶିକ୍ଷକ ଭାବେ ଯୋଗଦେଇ ଷ୍ଟୁଡିଓ ଭିତରେ ଶିକ୍ଷୟିତ୍ରୀ ଶିକ୍ଷକମାନେ କିଭଳି ଶିକ୍ଷାଦାନ କରିବେ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତରର ଆଦାନ ପ୍ରଦାନର ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ ବିଦ୍ୟାଳୟ ସ୍ତରରେ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ସିଆଇ ଅକ୍ଷୟ କୁମାର ମହନ୍ତ ଉପସ୍ଥିତ ଥିଲେ। ଭେଲୁବୁଲ ଗ୍ରୁପର ସହାୟକ ଇଂ ଅମରନାଥ ସିଂ ଙ୍କ ସମେତ ଅନ୍ୟ ସହାୟିକା ,ସହାୟକ ଓ ଷ୍ଟୁଡିଓ କର୍ମଚାରୀ ମାନେ ସହଯୋଗ କରିଥିଲେ। ବିଷୟ ବିଶାରଦ ରାଜେନ୍ଦ୍ର କୁମର ଦାଶ, ଶଶୀଭୂଷଣ ହୋତା (ଇଂରାଜୀ), ବିଶ୍ୱଜିତ ପଟେଲ (ଗଣିତ) ସୁବାସିନୀ ପଟେଲ, ସ୍ୱାଗତିକ ପଣ୍ଡା ଡେମୋଷ୍ଟ୍ରେସନ ଦେଇଥିଲେ। ଖଜୁରବଣିଆ ବାଳିକା ଉଚ୍ଚ ବିଦ୍ୟାଳୟ, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ରାଜଗାଙ୍ଗପୁର ସହିତ ସିଧାସଳଖ ସଂଯୋଗ କରାଯାଇ ପ୍ରାରମ୍ଭିକ ସ୍ତରରେ ଏହି ଶିକ୍ଷାଦାନ ପ୍ରଣାଳୀର ଶୁଭାରମ୍ଭ କରାଯାଇଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଗୋପୀନାଥ ନାଏକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ୨୦ରୁ୨୪ ତାରିଖ ପର୍ଯ୍ୟନ୍ତ ଏହି ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମାଧ୍ୟମିକସ୍ତରୀୟ, ପ୍ରାଥମିକସ୍ତରୀୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଚାଲିବ।



ଭର୍ଚୁଆଲ ଡିଜିଟାଲ ଶ୍ରେଣୀ କକ୍ଷର ଶୁଭାରମ୍ଭ କରାଯାଉଛି।

